ଉତ୍କଳ ପ୍ରସଙ୍ଗ

ଫେବୃଆରୀ • ୧୯୯୪

VOL 1 No. 6 UTKAL PRASANGA Regd. No. O—BN—05
Licence No. C.R.N.P. 5—Licensed to post without Pre-payment






ସଚିବାଳୟ ସମ୍ମିଳନୀ କକ୍ଷରେ ଆହୂତ ଏକ ବୈଠକରେ ଦଶମ ଅର୍ଥ କମିଶନର ଅଧ୍ୟକ୍ଷ ଶ୍ରୀ କେ. ସି. ପନ୍ତ ଓ କମିଶନର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ଅର୍ଥ ମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲା, ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ରାଜ୍ୟର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।



ଆମେରିକା ରାଜ୍ୟର [illegible] ଓଡ଼ିଶା ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସଙ୍କୁ ଭେଟି ତାଙ୍କ କାର୍ଯ୍ୟାଳୟ ଗୃହରେ ଆଲୋଚନା କରୁଛନ୍ତି ।



ଭୁବନେଶ୍ୱରଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡ୍ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଅଭିବାଦନ ଗ୍ରହଣ କରୁଛନ୍ତି ।



କଟକଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଉତ୍ସବ ପରେଡ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରିଦର୍ଶନ କରୁଛନ୍ତି ।

ଉତ୍କଳ ପ୍ରସଙ୍ଗ

୫୦ ଭାଗ ୭ମ ସଂଖ୍ୟା ମାଘ ୧୯୧୫ ଶକାବ୍ଦ ଫେବ୍ରୁଆରୀ ୧୯୯୪

ସମ୍ପାଦକ ମଣ୍ଡଳୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତୀଶ ପାଢ଼ି

ସହ ସମ୍ପାଦକ

ଡଃ ଶଶଧର ଦାସ

ସମ୍ପାଦନା ସହଯୋଗୀ

ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ପ୍ରଚ୍ଛଦପଟ

ବଳଦେବ ମହାରଥୀ

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦

ପ୍ରକାଶକ

ଶ୍ରୀ ସୁରସେନ ଜେନା, ନିର୍ଦ୍ଦେଶକ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

*"**ଉତ୍କଳ ପ୍ରସଙ୍ଗ**" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ଛଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

ସୂଚୀ



ଆମ ବିଦ୍ୟୁତ୍ ବ୍ୟବସ୍ଥା

ବିଜୁଳି ବ୍ୟବସ୍ଥା ସହିତ ଆମେ ଏତେ ପରିମାଣରେ ଜଡ଼ିତ ଯେ ଗୋଟିଏ ମୁହୂର୍ତ୍ତ ପାଇଁ ବିଜୁଳି ସରବରାହ ବ୍ୟାହତ ହେଲେ ଆମେ ଅସ୍ତବ୍ୟସ୍ତ ହୋଇପଡୁ । କାରଣ, ଆମେ ସମସ୍ତେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଏହା ଉପରେ ହିଁ ନିର୍ଭର କରିଥାଉ । ଫଳରେ, ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ବେଳକୁ ବେଳ ବହୁ ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି । ଏହି ଆବଶ୍ୟକତା ମେଣ୍ଟାଇବା ପାଇଁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ମଧ୍ୟ ସେ ପରିମାଣରେ ବୃଦ୍ଧି କରିବା ଆବଶ୍ୟକ ।

କିନ୍ତୁ ସମୀକ୍ଷାରୁ ଜଣାଯାଏ ଯେ, ବିଂଶ ଶତାବ୍ଦୀର ନବମ ଦଶନ୍ଧିରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ପଦକ୍ଷେପ ନନେବାରୁ ବିଦ୍ୟୁତ୍ ଶକ୍ତିର ଅଭାବ ଅତି ଉତ୍କଟ ଆକାର ଧାରଣ କଲା । ସ୍ମରଣଯୋଗ୍ୟ ଯେ ଅଷ୍ଟମ ଦଶନ୍ଧି ଶେଷ ବେଳକୁ ଓଡ଼ିଶାରେ ମାତ୍ର ୭ ଭାଗ ବିଦ୍ୟୁତ୍ ନିଅଣ୍ଟ ଥିବାବେଳେ ନବମ ଦଶନ୍ଧିର ଶେଷ ବେଳକୁ ସେହି ନିଅଣ୍ଟ ପରିମାଣ ୪୫ ଭାଗରେ ପହଞ୍ଚିଗଲା ।

ଏଭଳି ଉତ୍କଟ ବିଜୁଳି ସଙ୍କଟ ଲାଗି ରହିଥିବା ବେଳେ ବରିଷ୍ଠ ରାଷ୍ଟ୍ରନୀତିଜ୍ଞ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ରାଜ୍ୟର ଶାସନ ଭାର ଗ୍ରହଣ କଲେ । ବିଜୁବାବୁଙ୍କ ପାରଦର୍ଶିତା ସବୁ କ୍ଷେତ୍ରରେ ଥିଲେ ମଧ୍ୟ ରାଜ୍ୟର ବିଜୁଳି ସଙ୍କଟ ଦୂର କରିବା ଏକ ଅଗ୍ନି ପରୀକ୍ଷା, କାରଣ ବିଦ୍ୟୁତ୍ ଉତ୍ପାଦନ କେବଳ ବ୍ୟୟ ବହୁଳ ନୁହେଁ; ତାହା ସମୟ ସାପେକ୍ଷ ମଧ୍ୟ । ତେଣୁ ରାତାରାତି ଏ ସମସ୍ୟାର ସମାଧାନର ପ୍ରଶ୍ନ ଉଠୁନାହିଁ । ତଥାପି ସମସ୍ୟାର ସମାଧାନ କରିବାକୁ ହେବ । ଏହି ଦୃଢ଼ ସଙ୍କଳ୍ପ ନେଇ ବିଜୁବାବୁ ଏହି ବିଦ୍ୟୁତ୍ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କଲେ ।

ସୁଖର କଥା, ବିଜୁବାବୁଙ୍କ ଏହି ପଦକ୍ଷେପର ସୁଫଳ ମିଳିଛି । ନିଷ୍ଠାପର ଉଦ୍ୟମ ଫଳରେ ତେଲୀଲିର ପ୍ରଥମ ୟୁନିଟ୍, ହୀରାକୁଦର ସପ୍ତମ ୟୁନିଟ୍ ଏବଂ କୋଲାବ୍‌ର ଚତୁର୍ଥ ୟୁନିଟ୍ କାର୍ଯ୍ୟକ୍ଷମ ହୋଇ ୧୨୭-୫ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିପାରିଛି । ଆଗାମୀ ଅପ୍ରେଲ ପହିଲାରେ ଇବ୍‌ର ପ୍ରଥମ ୟୁନିଟ୍ ଏବଂ ଆଉ ପନ୍ଦର ଦିନ ପରେ ଦ୍ୱିତୀୟ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟୁତ୍ ଉତ୍ପାଦନ ଏକ ସମୟ ସାପେକ୍ଷ କାର୍ଯ୍ୟ ହେଲେ ହେଁ, କମ୍ ସମୟ ଭିତରେ ଅଧିକ ବିଦ୍ୟୁତ୍ ଉତ୍ପାଦନ କରି ଅଭାବକୁ ପୂରଣ କରିବା ନିମନ୍ତେ ସାତ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଉପରେ ନ୍ୟସ୍ତ କରାଯାଇଛି । ତନ୍ମଧ୍ୟରୁ କେନ୍ଦୁପାଟଣାଠାରେ ଓଡ଼ିଶାର ପ୍ରଥମ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଉଦ୍‌ଘାଟିତ ହୋଇ ସାରିଛି ଏବଂ ଅନ୍ୟଗୁଡ଼ିକ ମଧ୍ୟ ଅବିଳମ୍ବେ କାର୍ଯ୍ୟକ୍ଷମ ହୋଇ ପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପରେ ପରେ ପ୍ରାୟ ତିନି ଶହ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ହେବାର ସୂଚନା ପ୍ରକାଶ ପାଇଛି । ଏତଦ୍ ବ୍ୟତୀତ ରେଙ୍ଗାଲିଠାରେ ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଆହୁରି ଏକ ଖୁସିର କଥା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନେତା ବିଜୁବାବୁଙ୍କ ଉଦ୍ୟମ ଫଳରେ କାନାଡ଼ାର ବହୁ ଶିଳ୍ପୋଦ୍ୟୋଗୀ ବର୍ତ୍ତମାନ ଓଡ଼ିଶାରେ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । କାନାଡ଼ାର ହାଇକମିଶନର୍ ଇତିମଧ୍ୟରେ ଓଡ଼ିଶା ଆସି ଏ ସମ୍ପର୍କରେ ଆଲୋଚନା କରି ଯାଇଛନ୍ତି । ଓଡ଼ିଶାର ସୁବିସ୍ତୃତ ବେଳାଭୂମିର ସଦୁପଯୋଗ କରି ଅତ୍ୟାଧୁନିକ ବୈଷୟିକ ପ୍ରଣାଳୀ ପ୍ରୟୋଗ ଦ୍ୱାରା ସମୁଦ୍ରର ଜୁଆର ତରଙ୍ଗରୁ ମଧ୍ୟ ବିଦ୍ୟୁତ୍ ଉତ୍ପାଦନ କରାଯାଇ ପାରିବ ବୋଲି ଏହି ଆଲୋଚନାରୁ ଜଣାଯାଇଛି ।

ଏ ସବୁ ବିଭିନ୍ନ ସାଫଲ୍ୟ ଦୃଷ୍ଟିରୁ ଆଗାମୀ ଦିନରେ ଆମେ ନିଶ୍ଚିତ ଭାବେ ଆମର ଅଭାବକୁ ଦୂର କରିପାରିବା ବୋଲି ଭରସା ରହିଛି । ତଥାପି ଏ ଅଭାବ ଦୂର କରିବା ଦିଗରେ ଆମମାନଙ୍କର ବି କିଛି କିଛି ଦାୟିତ୍ୱ ରହିଛି । ଅନ୍ତତଃପକ୍ଷେ ବିଦ୍ୟୁତ୍ ଶକ୍ତିର ଅଯଥା ଅପବ୍ୟୟକୁ ରୋକିବା ପାଇଁ ଆମେ ସମସ୍ତେ ଦୃଷ୍ଟି ଦେବା ବିଧେୟ ।



ଶିକ୍ଷାର ଗଣତାନ୍ତ୍ରିକରଣ

ଶରତ କୁମାର ବିଶ୍ୱାଳ

ବୋଧହୁଏ 'ଗଣତନ୍ତ୍ର'ଠାରୁ ଆଧୁନିକ ଯୁଗରେ ଅନ୍ୟ କୌଣସି ଶବ୍ଦ ଅଧିକ ବ୍ୟବହାରରେ ଆସୁନାହିଁ । ଯଦି କୌଣସି ତିନିଗୋଟି ଜିନିଷ ଆଧୁନିକ ଜୀବନକୁ ପ୍ରଭାବିତ କରିପାରୁଛି, ତାହା ହେଉଛି ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଓ ଗଣତନ୍ତ୍ର । ଭାରତ ସ୍ୱାଧୀନ ହେବା ପରେ ପରେ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ହୋଇ ଭାରତୀୟମାନଙ୍କ ସମାଜ ଓ ମନରେ ବିରାଟ ପରିବର୍ତ୍ତନ ଆଣିଛି । ବିଂଶ ଶତାବ୍ଦୀ ଅନ୍ତିମ ଦଶନ୍ଧି ଛୁଇଁଲାଣି । ପୃଥିବୀ ସମ୍ପ୍ରତି ଦ୍ରୁତ ପରିବର୍ତ୍ତନର ସମ୍ମୁଖୀନ । ଏକବିଂଶ ଶତାବ୍ଦୀ ସହିତ ଖାପ୍ ଖୁଆଇ ଚଳିବା ପାଇଁ ଓ ଏହାକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତି ଦରକାର । ଏହା କେବଳ ଶିକ୍ଷା ମାଧ୍ୟମରେ ସମ୍ଭବ । କାରଣ ସବୁଠାରୁ ମୌଳିକ କଥା ହେଲା ଶିକ୍ଷା ଅନନ୍ତକାଳରୁ ସମାଜ ସହିତ ଶିକ୍ଷା ଜଡ଼ିତ । ବିଦ୍ୟା ବିହୀନ ଜନ ପଶୁ ସମାନ । ଗଣତନ୍ତ୍ର ଶାସନରେ ପଶୁତ୍ୱ ଦୂରକରି ମନୁଷ୍ୟତ୍ୱ ବିକାଶ କରିବା ପ୍ରଧାନ କର୍ତ୍ତବ୍ୟ । ତା' ନହେଲେ ଗଣତନ୍ତ୍ର ଶାସନର ଭିତ୍ତିଭୂମି ଦୋହଲି ଯିବ। ଶିକ୍ଷାବିନା ଗଣତନ୍ତ୍ରର ଚିନ୍ତା କରାଯାଇ ପାରେନା । ପ୍ରକୃତରେ ଗଣତନ୍ତ୍ର ହେଉଛି ଶିକ୍ଷାର ଫଳ ସ୍ୱରୂପ ।ସମସ୍ତ ଶିକ୍ଷା ବ୍ୟବସ୍ଥା ମଧ୍ୟ ଗଣତନ୍ତ୍ର ଦ୍ୱାରା ପ୍ରଭାବିତ । ସେଥିପାଇଁ କୁହାଯାଇଛି, ଯଦି ଗଣତନ୍ତ୍ରର ମୂଳ କେଉଁଠାରେ ଲାଖି ରହେ ତା'ହେଉଛି ଶିକ୍ଷାନୁଷ୍ଠାନ ଯାହାକି ଗଣତନ୍ତ୍ରର ବୃଦ୍ଧି ଓ ଉନ୍ନତି ପାଇଁ ଅତ୍ୟନ୍ତ ଉର୍ବର ଓ ବଳଶାଳୀ ଭୂମି । ସ୍ୱିସ୍ଥ ଭୋଟ ଦାତାଙ୍କ ଉପରେ ନିର୍ଭର କରୁଥିବା ଏକ ଗଣତାନ୍ତ୍ରିକ ଶାସନ କେବେହେଲେ ସଫଳ ହୋଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ଯେଉଁମାନେ ଏ ସରକାରକୁ ନିର୍ବାଚିତ କରୁଛନ୍ତି ଓ ସରକାର ଦ୍ୱାରା ପ୍ରଣିତ ବିଭିନ୍ନ ଆଇନ କାନୁନକୁ ମାନୁଛନ୍ତି, ଶିକ୍ଷିତ ନ ହୋଇଛନ୍ତି । ସେଥିପାଇଁ ବିଶ୍ୱବିଦ୍ୟାଳୟ କମିଶନ କହିଥିଲେ– "ସାମାଜିକ ମୁକ୍ତି ବା ସ୍ୱାଧୀନତା ପାଇଁ ଶିକ୍ଷା ହେଉଛି ଏକ ପ୍ରଧାନ ଅସ୍ତ୍ର, ଯାହାଦ୍ୱାରା ଗଣତନ୍ତ୍ରର ପ୍ରତିଷ୍ଠା ଓ ପରିଚାଳନା ହେବା ସହିତ, ଏହାର ସଭ୍ୟମାନଙ୍କ ମନରେ ଥିବା ସମାନତାର ଭାବଧାରାକୁ ସୁରକ୍ଷା କରାଯାଇ ପାରିବ।" ତେଣୁ ଜାତୀୟ ଶିକ୍ଷାନୀତି–୧୯୮୬ରେ ବିଭିନ୍ନ ଗୋଷ୍ଠୀର ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ବିଭେଦକୁ ଦୂରକରି ସମସ୍ତଙ୍କ ପାଇଁ ଶିକ୍ଷାଗତ ସମାନ ସୁଯୋଗ ଓ ସମାନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ସର୍ବାଗ୍ରେ ପ୍ରାଧାନ୍ୟ ଦିଆଯାଇଛି । ଏହି ଲକ୍ଷ୍ୟ ପୂରଣ କରିବା ସହିତ ଆଗାମୀ ଏକବିଂଶ ଶତାବ୍ଦୀକୁ ସମ୍ମୁଖୀନ ହେବା ପାଇଁ, ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ । ଏହା କରିବାକୁ ହେଲେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସହାୟି ସମସ୍ତଙ୍କ ନିକଟରେ ସମାନ ଶିକ୍ଷାଗତ ସୁବିଧା ସୁଯୋଗ ପହଞ୍ଚାଇବାକୁ ହେବ । ସେଥିପାଇଁ ଶିକ୍ଷାର ଗଣତାନ୍ତ୍ରିକରଣ ଆବଶ୍ୟକ ।

ଶିକ୍ଷାର ଗଣତାନ୍ତ୍ରିକରଣ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ସ୍ଲୋଗାନ । ଫ୍ରାନସର ବ୍ରୋସବୋର୍ଗ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଓଲିଭିଏରରିବୋଲ ଶିକ୍ଷାର ଗଣତାନ୍ତ୍ରିକରଣ ଉପରେ ଗବେଷଣା କରି ବିଭିନ୍ନ ପରୀକ୍ଷା କରିଥିଲେ । ଏହାର ଫଳାଫଳକୁ ସେ ଅତି ସୁନ୍ଦର ଭାବରେ "ସ୍ଲୋଗାନ ଓ ଶିକ୍ଷାଦାତା" ଶୀର୍ଷକ ପ୍ରବନ୍ଧରେ ବର୍ଣ୍ଣନା କରିଛନ୍ତି । ପୃଥିବୀରେ ଗଣତନ୍ତ୍ର ଶାସନର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଏହି ଶାସନର ସୁଫଳକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ହେଲେ ଶିକ୍ଷାର ସୁବିଧା ସୁଯୋଗ ସମାନ ଭାବରେ, ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ପଡ଼ିବ । ଶିକ୍ଷା ବ୍ୟବସ୍ଥାରେ ପ୍ରଭେଦକୁ ଦୂର କରିବାକୁ ପଡ଼ିବ । ଅର୍ଥାଭାବରୁ ଯେପରି କେହି ଶିକ୍ଷାର ସୁବିଧା ସୁଯୋଗରୁ ବଞ୍ଚିତ ନହୁଅନ୍ତୁ ଏବଂ ଜାତି, ବର୍ଣ୍ଣ, ଧର୍ମ ଓ ସାମାଜିକ ଅବସ୍ଥା ନିର୍ବିଶେଷରେ ସମସ୍ତେ ଯେପରି ଶିକ୍ଷାର ସମାନ ସୁବିଧା ସୁଯୋଗ ଉପଭୋଗ କରନ୍ତି, ଏହା ହିଁ ଶିକ୍ଷାର ଗଣତାନ୍ତ୍ରିକରଣର ମୂଳ ଲକ୍ଷ୍ୟ । ସମସ୍ତଙ୍କ ପାଇଁ ସମାନ ପ୍ରକାରର ଶିକ୍ଷା ବ୍ୟବସ୍ଥା ଏହା ଫଳରେ ସମ୍ଭବ ହୋଇପାରିବ ।

ଶିକ୍ଷାର ଗଣତାନ୍ତ୍ରିକରଣ କରାଯିବା ପାଇଁ କି କି ପଦକ୍ଷେପ ନେବାକୁ ହେବ, ତାହା ଆଲୋଚନା କରିବା ପୂର୍ବରୁ, ବର୍ତ୍ତମାନର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ଅସମତା ବିଷୟରେ ସମ୍ୟକ୍ ଦୃଷ୍ଟିପାତ କରାଯିବା ଉଚିତ । କୋଠାରୀ କମିଶନ ତାଙ୍କ ସୁପାରିଶରେ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ପ୍ରକାରର ଅସମତା ବିଷୟରେ ଦର୍ଶାଇଛନ୍ତି । ସେଗୁଡ଼ିକୁ ଛାଡ଼ିଦେଲେ, ବର୍ତ୍ତମାନ ଆମ ଦେଶରେ ନୂତନ କରି ମଧ୍ୟ କେତେକ ସମସ୍ୟା ଶିକ୍ଷାକ୍ଷେତ୍ରରେ ମୁଣ୍ଡ ଟେକୁଛି ଯାହା କି ଶିକ୍ଷାର ସୁବିଧା ସୁଯୋଗରେ ଅସମତା ସୃଷ୍ଟି କରୁଛି । ସେଗୁଡ଼ିକର ବର୍ଣ୍ଣନା ସଂକ୍ଷିପ୍ତ ଭାବରେ ନିମ୍ନରେ କରାଗଲା–

(୧) ଦେଶର ଏପରି କେତେକ ଅଞ୍ଚଳ ଅଛି ଯଥା ସୀମାନ୍ତ ଅଞ୍ଚଳ, ପାର୍ବତ୍ୟାଞ୍ଚଳ ଓ ଅନୁସୂଚିତ ଉପଜାତିମାନେ ବାସ କରୁଥିବା ଅଞ୍ଚଳ ଇତ୍ୟାଦି, ଯେଉଁଠାରେ ଏବେ ବି ମଧ୍ୟ ଶିକ୍ଷାନୁଷ୍ଠାନର ଅଭାବ ପରିଲକ୍ଷିତ ହେଉଛି । ଏହାର କାରଣ ହେଲା– ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଓ ଉନ୍ନତି ଦେଶର ସମସ୍ତ

ଅଞ୍ଚଳରେ ସମାନ ଭାବରେ କରାଯାଉ ନାହିଁ। ଦେଶର ବହୁତ ଅଞ୍ଚଳ ଅଛି, ଯେଉଁଠାରେ ସ୍କୁଲ କିମ୍ବା କଲେଜ ନାହିଁ। ପାଠ ପଢ଼ିବାର ସୁବିଧା ସୁଯୋଗ ସେମାନଙ୍କ ପଡ଼ୋଶୀ ଅଞ୍ଚଳଠାରୁ ବହୁତ କମ୍। ଶିକ୍ଷାକ୍ଷେତ୍ରରେ ଅଗ୍ରସର ଓ ଅନଗ୍ରସର ଜିଲ୍ଲାମାନଙ୍କ ମଧ୍ୟରେ ତୁଳନା କଲେ, ଏହା ସହଜରେ ଜଣା ପଡ଼ିବ। ଉନ୍ନତ ଜିଲ୍ଲାମାନଙ୍କରେ ଅଧିକ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ସହ ଗମନାଗମନର ସୁବିଧା ଅଧିକ ଅଛି। ଅନଗ୍ରସର ଜିଲ୍ଲାମାନଙ୍କରେ ଶିକ୍ଷାନୁଷ୍ଠାନ କମ୍ ଥିବା ସହ ଗମନାଗମନର ଅସୁବିଧା ଅଛି। ପିଲାମାନେ ଏବେ ବି କେତେକ ଅଞ୍ଚଳରେ ସ୍କୁଲରେ ପାଠ ପଢ଼ିବା ପାଇଁ ପାଞ୍ଚ କିଲୋମିଟରରୁ ଅଧିକ ରାସ୍ତା ଚାଲି ଚାଲି ଯାଉଛନ୍ତି। ଏହା ଶିକ୍ଷା ସୁବିଧାର ସମାନତା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରେ।

(୨) ଗୁଣାତ୍ମକ ଦୃଷ୍ଟିରୁ ନିମ୍ନ ମାନର ବିଦ୍ୟାଳୟ ଓ କଲେଜ ପ୍ରତିଷ୍ଠା ହିଁ ଶିକ୍ଷା କ୍ଷେତ୍ରରେ ଅସମତା ସୃଷ୍ଟି କରୁଛି। ସରକାରୀ ସ୍କୁଲ ଓ କଲେଜ ଭଳି ଘରୋଇ ସ୍କୁଲ ଓ କଲେଜମାନଙ୍କରେ ସୁବିଧା ସୁଯୋଗ ନଥାଏ। ଦେଶରେ ବହୁତ ସ୍କୁଲ କଲେଜ ଅଛି, ଯେଉଁଗୁଡ଼ିକ ଶିକ୍ଷାର ଗୁଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ନିମ୍ନମାନର। ଶିକ୍ଷକ ସଂଖ୍ୟା, ପାଠ୍ୟ ଉପକରଣ, ଖେଳ ଉପକରଣ ଓ ଶିକ୍ଷାନୁଷ୍ଠାନର ଅନ୍ୟାନ୍ୟ ସୁବିଧା ସୁଯୋଗ ଇତ୍ୟାଦିରେ ଅସମତା ଦେଖାଯାଏ। କେତେକ ପବ୍ଲିକ ସ୍କୁଲ, ପାଶ୍ଚାତ୍ୟ ଶିକ୍ଷା ଦ୍ୱାରାରେ ଶିକ୍ଷା ବ୍ୟବସ୍ଥା କରି କେବଳ ଥିଲାବାଲା ପିଲାଙ୍କଠାରୁ ବ୍ୟାପକ ପରିମାଣରେ ଡୋନେସନ ନେଇ ଶିକ୍ଷା ପ୍ରଦାନ କରୁଛନ୍ତି। ମେଧା ବଦଳରେ ଅର୍ଥ ହିଁ ଏଠି ପ୍ରାଧାନ୍ୟ ଲାଭ କରୁଛି, ଯାହାଫଳରେ ଥିଲାବାଲା ଓ ନଥିଲାବାଲାମାନଙ୍କ ମଧ୍ୟରେ ଶିକ୍ଷାର ଅସମତା ସୃଷ୍ଟି ହେଉଛି। ଛତୁ ଫୁଟିଲାପରି ଶିକ୍ଷାନୁଷ୍ଠାନମାନଙ୍କର ଦ୍ରୁତ ବୃଦ୍ଧି ସାଙ୍ଗକୁ ଗୁଣାତ୍ମକ ମାନହ୍ରାସ ହେବାରେ ଲାଗିଛି।

(୩) ସମାଜରେ କେତେକ ଦୁର୍ବଳ ଶ୍ରେଣୀର ଲୋକ ଅଛନ୍ତି ଯେଉଁମାନେ କି ଶିକ୍ଷାର ସମାନ ସୁବିଧା ସୁଯୋଗରୁ ବଞ୍ଚିତ। ଠିକ୍ ହରିଜନ ଓ ଆଦିବାସୀଙ୍କ ପରି ବାଳିକା ଓ ମହିଳାମାନେ ମଧ୍ୟ ଏ କ୍ଷେତ୍ରରେ ପଛୁଆ। ସେମାନଙ୍କ ପାଇଁ ଶିକ୍ଷାର ସମାନ ସୁବିଧା ସୁଯୋଗର ଆଶାନୁରୂପ ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇ ନାହିଁ।

(୪) ସାମାଜିକ ଅସ୍ୱଚ୍ଛଳତା ଓ ଅସ୍ୱାସ୍ଥ୍ୟକର ଗୃହ ପରିବେଶ ଯୋଗୁଁ ଅନେକ ଛାତ୍ରଛାତ୍ରୀ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ଶିକ୍ଷାନୁଷ୍ଠାନମାନଙ୍କରେ ଡୋନେସନ ଓ ଶିକ୍ଷା ଶୁଳ୍କ ଦେବାକୁ ସେମାନଙ୍କର ଆର୍ଥିକ ବଳ ନାହିଁ। ପାଠ୍ୟ ଉପକରଣ କିଣିବା ପାଇଁ ସାମର୍ଥ୍ୟ ନାହିଁ। ଗ୍ରାମ୍ୟ ପ୍ରାଥମିକ ସ୍କୁଲକୁ ଆସିବା ମଧ୍ୟ ଭାଗ୍ୟରେ ଜୁଟେନି। ପରିବାରର ଅଭାବ, କଳିକଜିଆ ମଦ୍ୟପାନ ଓ ଜୁଆଖେଳଜନିତ ପରିବେଶ ପିଲାଟିର ଶିକ୍ଷା ଗ୍ରହଣ କରିବା ପାଇଁ ମନକୁ ନିରୁତ୍ସାହିତ କରିଥାଏ। ଏଭଳି ପରିବାରରୁ ଆସିଥିବା ପିଲାଟି ଅନ୍ୟମାନଙ୍କ ପରି ସମାନ ବେଗରେ ସଠିକ୍ ଭାବରେ ଶିକ୍ଷାକୁ ଗ୍ରହଣ କରିପାରେନାହିଁ।

(୫) ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରବେଶ, ପରୀକ୍ଷା, ମୂଲ୍ୟାୟନ ଓ ନିଯୁକ୍ତି ବାବଦରେ ଧରାଧରି ଓ ଅସାଧୁ ଉପାୟ ଅବଲମ୍ବନ ଗଣତନ୍ତ୍ର ପାଇଁ ଶିକ୍ଷାର ଭିତ୍ତିଭୂମିକୁ ଦୋହଲାଇ ଦେଉ... ପ୍ରକାରନ୍ତରେ ଏହା ଶିକ୍ଷାକ୍ଷେତ୍ରରେ ଅସମତା ସୃଷ୍ଟି କରୁଛି।

(୬) ଅଧୁନା ଘରୋଇ ଟିଉସନ, ଶିକ୍ଷାକ୍ଷେତ୍ରରେ ଅସମତା ସୃ... କରିବାରେ ଅନ୍ୟଏକ ଭୂମିକା ଗ୍ରହଣ କରୁଛି। ସାଧାରଣ... ଥିଲାବାଲା ପିଲାମାନେ, ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଯୋ... ଘରୋଇ ଟିଉସନ ମାଧ୍ୟମରେ ବିଭିନ୍ନ ପ୍ରକାରର ଶିକ୍ଷା ସୁବି... ସୁଯୋଗଗୁଡ଼ିକୁ ହାସଲ କରୁଛନ୍ତି। ଏହା ଫଳରେ ଥିଲାବାଲା... ନଥିଲାବାଲା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ବୈଷ... ସୃଷ୍ଟି ହେଉଛି। ଧନ ଅଭାବରୁ ନଥିଲାବାଲା ପିଲାମା... ଘରୋଇ ଟିଉସନତ ହୋଇ ପାରନ୍ତି ନାହିଁ ଅନ୍ୟପକ୍ଷରେ ସ୍କୁ... ଗୃହରେ ମଧ୍ୟ ସରକାରୀ ପ୍ରଦତ୍ତ ଶିକ୍ଷାର ସୁବିଧା ସୁଯୋଗରୁ ବଞ୍ଚି... ହୁଅନ୍ତି। ଏହା ଶିକ୍ଷାକ୍ଷେତ୍ରରେ ଅସମତା ସୃଷ୍ଟି କରୁଛି।

ବ୍ୟକ୍ତି ସ୍ୱାଧୀନତା, ବକ୍ତବ୍ୟ ପ୍ରକାଶ କରିବାର ସ୍ୱାଧୀନ... ଇତ୍ୟାଦି ସହ ସାମାଜିକ ସମତା ମଧ୍ୟ ଗଣତନ୍ତ୍ରର ମୁଖ୍ୟନୀ... ପ୍ରତ୍ୟେକ ବ୍ୟକ୍ତିର ଉନ୍ନତି ପାଇଁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷ... ସମାନ ସୁବିଧା ଦାବି କରାଯାଇଥାଏ। କୌଣସି କ୍ଷେତ୍... ପାତର ଅନ୍ତର ବିଚାର ହେବା ଅନୁଚିତ। ଭାରତର ସମ୍ବି... ଏହାକୁ ଅଧିକାର ରୂପେ ନାଗରିକଙ୍କୁ ପ୍ରଦାନ କରିଛି। ଗ... ଗଣତନ୍ତ୍ର ଶାସନରେ ଅସମତାକୁ ଦୂରକରିବା ପାଇଁ ବିଭି... ଯୋଜନା ମାଧ୍ୟମରେ ଚେଷ୍ଟା କରାଯାଏ। ଆମଦେଶରେ ... ସରକାର ଏ ଦିଗରେ କେତେଗୁଡ଼ିଏ ସଫଳ ପଦକ୍ଷେ... ନେଉଛନ୍ତି। ଏଥି ସହିତ ଶିକ୍ଷାର ଗଣତାନ୍ତ୍ରିକରଣ କରାଯା... ପ୍ରତ୍ୟେକ ଲୋକଙ୍କ ପାଖରେ ଶିକ୍ଷାର ସମାନ ସୁବିଧା ସୁଯୋ... ପହଞ୍ଚାଇବା ଦିଗରେ ବିହିତ ପଦକ୍ଷେପ ନେବା ମଧ୍ୟ ଆବଶ୍... ହୋଇପଡ଼ିଛି। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆ... ଗଣତାନ୍ତ୍ରିକ ଚିନ୍ତାଧାରାଗୁଡ଼ିକ କାର୍ଯ୍ୟକାରୀ କରିବାକୁ ପଡ଼ି... ସେଥି ମଧ୍ୟରୁ ଶିକ୍ଷାର ଗଣତାନ୍ତ୍ରିକରଣ ପାଇଁ କେତେ... ଆବଶ୍ୟକୀୟ ପଦକ୍ଷେପ ନିମ୍ନରେ ଅବତାରଣା କରାଗଲା।

(୧) ବର୍ତ୍ତମାନ ଆମ ଦେଶରେ ବିଭିନ୍ନ ପ୍ରକାରର ବିଦ୍ୟାଳ... ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ... ବିଦ୍ୟାଳୟ, ଘରୋଇ ବିଦ୍ୟାଳୟ ଓ ପବ୍ଲିକ୍ ସ୍କୁଲ ଇତ୍ୟା... ପ୍ରଚଳିତ। ଏ ସବୁ ସ୍କୁଲକୁ ଗୁଣାତ୍ମକ ଦୃଷ୍ଟିରୁ ଏକ ପ୍ରକାର ସ୍କୁଲ... ପରିଣତ କରାଯିବା ଉଚିତ। ସମସ୍ତଙ୍କ ପାଇଁ ସମାନ ଧରଣ... ଶିକ୍ଷାନୁଷ୍ଠାନ ହେଉଛି ଏହାର ଉଦ୍ଦେଶ୍ୟ। ବିଭିନ୍ନ ସ୍କୁଲରେ... ବର୍ତ୍ତମାନ ସମାନ ଶ୍ରେଣୀର ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ପାଠ୍ୟ... ପ୍ରଚଳିତ ହେଉଛି। ଏସବୁ ବଦଳରେ ସମସ୍ତଙ୍କ ପାଇଁ ସମ... ଧରଣର ପାଠ୍ୟକ୍ରମ ପ୍ରଚଳନ କରାହେବା ଉଚିତ। ଦେଶ... ଅନୁସାରେ ସମସ୍ତେ ଯେପରି ସମାନ ଶିକ୍ଷା ସୁବିଧା ପାଇ ପାରି... ସେଥି ପାଇଁ ବ୍ୟବସ୍ଥା ହେବା ଦରକାର।

(୨) ଜାତି, ଧର୍ମ, ବର୍ଣ୍ଣ ଓ ଆର୍ଥିକ ଅବସ୍ଥା ନିର୍ବିଶେଷରେ... ସମସ୍ତଙ୍କ ପାଇଁ ଶିକ୍ଷାର ସମାନ ସୁବିଧା ସୁଯୋଗ ଦେ... ଦରକାର। ଶିକ୍ଷା ପାଇଁ ଏବଂ ଶିକ୍ଷାନୁଷ୍ଠାନରେ ପ୍ରବେଶ ପା... ସମସ୍ତଙ୍କର ସମାନ ଅଧିକାର ରହିବା ଉଚିତ। ଗୁଣାତ୍ମକ ଦୃ...

ଉନ୍ନତ ଶିକ୍ଷାନୁଷ୍ଠାନମାନ ଆବଶ୍ୟକ ସ୍ଥଳେ ବହୁ ସଂଖ୍ୟାରେ ଖୋଲାଯିବା ଉଚିତ ।

(୩) ସବୁ ସ୍ତରରେ ଶୁଳ୍କଶୂନ୍ୟ ଶିକ୍ଷା ବ୍ୟବସ୍ଥା ହେବା ଦରକାର । ଏହା ଫଳରେ ସମସ୍ତେ ସମାନ ସୁବିଧା ସୁଯୋଗ ପାଇବେ । ଅର୍ଥାଭାବରୁ ଗରିବ ଛାତ୍ରଛାତ୍ରୀମାନେ ଶିକ୍ଷା ସୁଯୋଗରୁ ବଞ୍ଚିତ ହେବେ ନାହିଁ । ଫଳରେ ସ୍କୁଲ ସ୍ତରରୁ ପିଲାର ମନରେ ସମତା ସୃଷ୍ଟି ହେବା ସହ, ଭବିଷ୍ୟତରେ ଜଣେ ବୁର୍ଜୁଆ ହେବାର ଚିନ୍ତାଧାରା ମଧ୍ୟ ସମୂଳେ ବିନାଶ ହେବ ।

(୪) ଶିକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହେବା ଉଚିତ । ସମସ୍ତେ ଶିକ୍ଷାର ସମାନ ସୁବିଧା ସୁଯୋଗ ପାଇବା ପାଇଁ ହକ୍‌ଦାର । ଏଥି ପାଇଁ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ଉଚିତ ।

(୫) ବହୁ ସଂଖ୍ୟାରେ ବୃତ୍ତିର ବ୍ୟବସ୍ଥା, ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲର ସୁବିଧା, ଶିକ୍ଷାନୁଷ୍ଠାନକୁ ଯିବା ପାଇଁ ଗମନାଗମନର ସୁବିଧା, ମାଗଣାରେ ପାଠ୍ୟ ଉପକରଣ, ଗଣପୋଷାକ ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଇତ୍ୟାଦି ହେବା ଉଚିତ ।

(୬) ସାମାଜିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପ୍ରତି ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ । ସ୍କୁଲ ହଷ୍ଟେଲରେ ରହିବା ଓ ଖାଇବାର ବ୍ୟବସ୍ଥା ହେବା ଦରକାର । ବାଳିକାମାନଙ୍କ ପାଇଁ ମାଧ୍ୟମିକ ସ୍ତରରେ ସ୍ୱତନ୍ତ୍ର ସ୍କୁଲ ଖୋଲାଯିବା ଉଚିତ । ଶିକ୍ଷା କ୍ଷେତ୍ରରେ ଅଗ୍ରସର ଓ ଅନଗ୍ରସରମାନଙ୍କ ମଧ୍ୟରେ ଥିବା ତଫାତର ଦୂରୀକରଣ ପାଇଁ ସ୍ୱତନ୍ତ୍ର ଯୋଜନା ହେବା ଉଚିତ । ଅଧିକ ସଂଖ୍ୟାରେ ଆଶ୍ରମ ସ୍କୁଲ ଖୋଲାଯାଇ ଅନୁସୂଚିତ ଜାତି ଓ ଉପଜାତି ପିଲାମାନଙ୍କ ପାଇଁ ଶିକ୍ଷାର ସୁବିଧା ସୁଯୋଗ ସୃଷ୍ଟି କରାଯିବା ଉଚିତ ।

(୭) ଶିକ୍ଷାଦାନ ବ୍ୟବସ୍ଥାର ଗୁଣାତ୍ମକ ମାନବୃଦ୍ଧି ସହ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀ ଗ୍ରହଣ ପ୍ରଣାଳୀରେ ଏକ ଅଧିକ ନିର୍ଭରଯୋଗ୍ୟ ଓ ସଠିକ ବ୍ୟବସ୍ଥା ହେବା ଉଚିତ । ଏହା ନିଶ୍ଚିତ ହେବା ଦରକାର ଯେକୌଣସି ଛାତ୍ରଛାତ୍ରୀ ତା'ର ଦକ୍ଷତା ବା ମେଧା ଥିବା ସତ୍ତ୍ୱେ ଅର୍ଥନୈତିକ ଅସ୍ୱଚ୍ଛଳତା ପାଇଁ କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣର ସୁବିଧା ସୁଯୋଗରୁ ଯେପରି ବଞ୍ଚିତ ନହୁଏ ।

ଶିକ୍ଷା କ୍ଷେତ୍ରରେ ଅନୁସନ୍ଧାନ ଗବେଷଣା ଓ ପରୀକ୍ଷା କରିବା ପାଇଁ ସମସ୍ତଙ୍କୁ ସ୍ୱାଧୀନତା ଦିଆଯିବା ଦରକାର । ପ୍ରତ୍ୟେକ ତାଙ୍କର ଗବେଷଣାର ଫଳ ପ୍ରକାଶ କରିବା ପାଇଁ ଅନୁଦାନ ପାଇବା ଉଚିତ । ପିଲାମାନଙ୍କୁ ଯେ କୌଣସି ସମସ୍ୟା ବିଷୟରେ ଶ୍ରେଣୀ ଗୃହରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରିବା ପାଇଁ ସ୍ୱାଧୀନତା ଦିଆଯିବ । ପିଲାମାନେ ଯେପରି ବିଜ୍ଞାନ ଯନ୍ତ୍ରପାତି, ବିଜ୍ଞାନାଗାରର ଉପକରଣ ଖେଳ ଉପକରଣ ପାଠ୍ୟ ଉପକରଣ, ଟି: ଭି:, ରେଡ଼ିଓ ଓ ବହି ଇତ୍ୟାଦି ବିନା ବାଧାରେ ବ୍ୟବହାର କରିବା ପାଇଁ ସ୍ୱାଧୀନତା ପାଇ ପାରିବେ, ସେ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ । ଶିକ୍ଷକମାନେ ସେମାନଙ୍କ ବୃତ୍ତିଗତ ସ୍ୱାଧୀନତା ଓ ସମ୍ମାନ ପାଇଲେ ସେମାନଙ୍କ ମନରେ ପିଲାଟିର ବ୍ୟକ୍ତିତ୍ୱ ପ୍ରତି ସମ୍ମାନ ସୃଷ୍ଟି ହେବ । ଶିକ୍ଷା ବିଷୟରେ ପିଲାମାନଙ୍କର ନିଜସ୍ୱ ମତାମତ ଓ ମତ ପାର୍ଥକ୍ୟକୁ ଶିକ୍ଷକମାନେ ବିଚାରକୁ ନେବା ଆବଶ୍ୟକ । ପିଲାମାନେ ତାଙ୍କର ଆବଶ୍ୟକତା ଅନୁସାରେ ପଢ଼ିବା ପାଇଁ ସ୍ୱାଧୀନତା ପାଇବା ଉଚିତ । ସେହି ଅନୁସାରେ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେବା ଦରକାର ପିଲାମାନେ କ'ଣ ଶିଖୁଛନ୍ତି ବିଚାରକୁ ନିଆଯିବା ଉଚିତ । ଶିକ୍ଷାର ନୂତନ ଲକ୍ଷ୍ୟ ନିରୂପିତ ହେବା ଆବଶ୍ୟକ, ଯାହାଫଳରେ ଗଛପ୍ରତି ମମତା ଥିବା ଜଣେ ଛାତ୍ର ଉଦ୍ୟାନବିତ ପରିବର୍ତ୍ତେ କିରାଣୀ ହୋଇ କଲମ ଘଷି କରିବ ନାହିଁ । ପିଲାମାନେ ସ୍ୱାଧୀନ ଭାବରେ ନିଜେ କିମ୍ବା ମିଳିତ ଭାବରେ ଶିକ୍ଷା ବିଷୟରେ ଯେପରି ସମସ୍ତ ସିଦ୍ଧାନ୍ତ ନେଇ ପାରିବେ, ସେ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ । ପିଲାମାନେ ନିଜର ଅନ୍ତର୍ନିହିତ ଶକ୍ତିକୁ ନିଜେ ଜାଣି ପାରିଲେ, ଶିକ୍ଷା ପ୍ରାଣବନ୍ତ ହୋଇ ପାରିବ। ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାରର ଶିକ୍ଷା ପ୍ରଣାଳୀର ପ୍ରୟୋଗ ହେବା ଉଚିତ ଯାହାକି ପରୀକ୍ଷା, ପର୍ଯ୍ୟବେକ୍ଷଣ ଓ ଦଳଗତ କାର୍ଯ୍ୟକୁ ଉତ୍ସାହିତ ଓ ପ୍ରାଧାନ୍ୟ ଦେବ। ଛାତ୍ରଛାତ୍ରୀମାନଙ୍କର ବସ୍ତୁନିଷ୍ଠ ଶିକ୍ଷା ସମ୍ପର୍କୀୟ ଦକ୍ଷତାର ମୂଲ୍ୟାୟନ ହେବା ଉଚିତ ।

(୯) ଶିକ୍ଷକମାନଙ୍କୁ ପ୍ରଶାସନିକ ଉଚ୍ଚ ପଦାଧିକାରୀ ଓ ବର୍ତ୍ତମାନର ଅଣନିଶ୍ୱାସୀ ହୋଇ ପଢ଼ିବା ପାଠ୍ୟକ୍ରମ କବଳରୁ ମୁକ୍ତ କରି ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଉଚିତ । ଶିକ୍ଷା ପ୍ରଶାସନିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହେବା ଦରକାର । ଏକ ପାରିବାରିକ ସ୍ନେହ ସୌହାର୍ଦ୍ଦ୍ୟ ମଧ୍ୟରେ ସମସ୍ତ କାମ ଯେପରି ସୁରୁଖୁରୁରେ ହୋଇପାରିବ, ସେପରି ପ୍ରଶାସନିକ ବ୍ୟବସ୍ଥା ହେବା ଦରକାର । ଏହା ହୋଇପାରିଲେ କର୍ତ୍ତବ୍ୟ ଓ ଅଧିକାର ମଧ୍ୟରେ ଏକ ସମନ୍ୱୟ ରକ୍ଷା କରାଯାଇ ପାରିବ । ଶିକ୍ଷକ ଛାତ୍ର, ପ୍ରଧାନ ଶିକ୍ଷକ ବା ଅଧ୍ୟକ୍ଷ ଓ ପରିଚାଳନା ସମିତି ମଧ୍ୟରେ ଏକ ଗଣତାନ୍ତ୍ରିକ ସମ୍ପର୍କ ରହିବା ଉଚିତ ।

(୧୦) ଆମ ଦେଶରେ ଶିକ୍ଷାନୁଷ୍ଠାନମାନଙ୍କରେ ଶୃଙ୍ଖଳା ଏକ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଶିକ୍ଷାର ଗଣତାନ୍ତ୍ରିକରଣ ମାଧ୍ୟମରେ ଛାତ୍ରମାନେ ଯେପରି ସ୍ୱଇଚ୍ଛାରେ ଏବଂ ମୁକ୍ତ ଭାବରେ ଲକ୍ଷ୍ୟପୂର୍ଣ୍ଣ କାର୍ଯ୍ୟକଳାପରେ ବ୍ୟସ୍ତ ରହି କାର୍ଯ୍ୟ କରିବେ ସେଥି ପାଇଁ ସମସ୍ତ ବ୍ୟବସ୍ଥା ହେବା ଉଚିତ । ଏହା ହୋଇ ପାରିଲେ ଛାତ୍ରମାନଙ୍କ ମଧ୍ୟରେ ସହଯୋଗ, ଶୃଙ୍ଖଳା, ସହନଶୀଳତା, ଭାତୃତ୍ୱବୋଧ ଓ ନେତୃତ୍ୱ ସୃଷ୍ଟି ହେବ ।

ଅଧ୍ୟକ୍ଷ,
ସରକାରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ,
ସାଲେପୁର, କଟକ ।

ଓଡ଼ିଶାର ଜଙ୍ଗଲ ସମ୍ପଦ

ଡକ୍ଟର ବସନ୍ତ କୁମାର ଚୌଧୁରୀ

ଜଙ୍ଗଲ ଯେ କେବଳ ଖାଦ୍ୟ ଓ ଆଶ୍ରୟ, ବିଭିନ୍ନ ବଣୁଆ ପଶୁ ପକ୍ଷୀ, କୀଟ ପତଙ୍ଗ ଇତ୍ୟାଦିଙ୍କୁ ଦେଇଥାଏ, ତାହା ନୁହେଁ; ଏହା ଜଳବାୟୁର ସ୍ଥିରତା ଓ ସେ ଅଞ୍ଚଳର ବର୍ଷାର ପରିମାଣକୁ ନିର୍ଦ୍ଧାରିତ କରିଥାଏ । ଏହାଛଡ଼ା ବହୁବିଧ ପ୍ରକ୍ରିୟାରେ ଜଙ୍ଗଲ ମାନବ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ଏହି ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଉପରେ ମାନବ ସମାଜର କଲ୍ୟାଣ ନିର୍ଭର କରେ । ଏହି ପରିପ୍ରେକ୍ଷୀରେ ସବୁ ଶ୍ରେଣୀର ଜଙ୍ଗଲରେ ଦାୟିତ୍ୱପୂର୍ଣ୍ଣ ସୁରକ୍ଷା ସହିତ ବିକାଶ ପରିଚାଳନା ଉପରେ ସାରା ପୃଥିବୀରେ ଜନ ସଚେତନତା ସୃଷ୍ଟି କରାଯାଉଅଛି । କିନ୍ତୁ ଜନ ବିସ୍ଫୋରଣ ଓ ସାମୟିକ ସୁବିଧା ପାଇଁ ପରିବେଶର ଅହେତୁକ ବିନାଶ ଯୋଗୁଁ ଜଙ୍ଗଲ ସମ୍ପଦ କାଳକ୍ରମେ ହ୍ରାସ ପାଇବାରେ ଲାଗିଛି, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ପୂର୍ବେ ଓଡ଼ିଶା ପ୍ରଦେଶର ବହୁ ଅଞ୍ଚଳ ଘନ ଜଙ୍ଗଲ ଦ୍ୱାରା ଆବୃତ ଥିଲା । ଏବେ ଏହା କମି କମି ମାତ୍ର ପ୍ରାୟ ୧୭-୬୬ ପ୍ରତିଶତ ଭୂମିରେ ପରିବେଶ ଦୃଷ୍ଟିରୁ ଘନ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି । କିନ୍ତୁ ପରିବେଶକୁ ସୁସ୍ଥ ରଖିବାକୁ ହେଲେ ସମସ୍ତ ଭୂ-ଭାଗର ଏକ ତୃତୀୟାଂଶ ଅର୍ଥାତ୍ ୩୩ ପ୍ରତିଶତ ଭୂ-ଭାଗରେ ଜଙ୍ଗଲ ରହିବା ଆବଶ୍ୟକ । ଅଧିକନ୍ତୁ ଅଧିକ ଗୃହପାଳିତ ପଶୁମାନଙ୍କର ଜଙ୍ଗଲରେ ଅବାଧ ଚାରଣ, ପୋଡୁଚାଷ, ଜଙ୍ଗଲ ନିଆଁ, ଅବାଞ୍ଛିତ ଭାବେ ଜଙ୍ଗଲ ସମ୍ପଦର ଚୋରୀ, କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଙ୍ଗଲ ସଫେଇ, ଶିଳ୍ପ ଅଭିବୃଦ୍ଧି ଓ ଖଣିଜ ପଦାର୍ଥର ସନ୍ଧାନ ଓ ଏହାର ଉଦ୍ଧାର କାର୍ଯ୍ୟ ପାଇଁ ଆମର ଏହି ବହୁମୂଲ୍ୟ ସମ୍ପଦ କ୍ରମଶ ହ୍ରାସ ପାଉଛି । ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ବାର୍ଷିକ ରିପୋର୍ଟରୁ ଜଣାଯାଉଛି ଯେ ରାଜ୍ୟରେ ୨୭ ବର୍ଗ କିଲୋମିଟର ହାରରେ ଘନ ଜଙ୍ଗଲ ଧ୍ୱଂସ ପାଉଛି । ରେଙ୍ଗାଲୀ ବନ୍ଧ ପ୍ରତିଷ୍ଠା ଯୋଗୁଁ ୨୫ ବର୍ଗ କିଲୋମିଟର ଘଞ୍ଚ ଜଙ୍ଗଲ ନଷ୍ଟ ହୋଇଯାଇଅଛି । ସେହିଭଳି ଅବିଭକ୍ତ କୋରାପୁଟ ଜିଲ୍ଲାରେ ନଦୀବନ୍ଧ ଯୋଜନା ପ୍ରତିଷ୍ଠା ହେବା ଫଳରେ ୨୫ ବର୍ଗ କିଲୋମିଟର ଜଙ୍ଗଲ ନିକଟରେ ନଷ୍ଟ ହୋଇଯାଇଅଛି । ପୁଣି ହୀରାକୁଦ ବନ୍ଧ, ଇସ୍ପାତ କାରଖାନା ଇତ୍ୟାଦି ପ୍ରତିଷ୍ଠାରେ ଆମର ବହୁ ମୂଲ୍ୟବାନ ଜଙ୍ଗଲର ହାନି ଘଟିଅଛି ।

ଜଙ୍ଗଲ ବିଭାଗର ହିସାବରୁ ଜଣାଯାଉଅଛି ଯେ ୧୯୯୦ ମସିହା ପୂର୍ବ ଓଡ଼ିଶାରେ ୫୭,୯୩୩ ବର୍ଗ କିଲୋମିଟର ଜଙ୍ଗଲ ଥିଲା । ମାତ୍ର ଦୂର ସମ୍ବେଦୀ ସାଟେଲାଇଟ ଦ୍ୱାରା ଗୃହୀତ ଫଟୋଚିତ୍ର ଅନୁଯାୟୀ ୧୯୯୦ ମସିହାକୁ ମାତ୍ର ୪୭,୧୩୬ ବର୍ଗ କିଲୋ... ଅଞ୍ଚଳରେ ଜଙ୍ଗଲର ଅବସ୍ଥିତି ନିର୍ଦ୍ଧାରିତ କରାଯାଇଅଛି । ଉଭୟ ହିସାବର ସମୀକ୍ଷା କରାଯାଇ ପରିବେଶର ଦୃଷ୍ଟିକୋ... ଚାରି କିସମର ଜଙ୍ଗଲ ଓଡ଼ିଶାରେ ଲକ୍ଷ୍ୟ କରାଯାଇଅଛି । ... ହେଲା–

(୧) ନିଘଞ୍ଚ ଜଙ୍ଗଲ (ପାରିପାର୍ଶ୍ୱିକ ଦୃଷ୍ଟିରୁ ସ୍ଥିର)– ୨୭... ବର୍ଗ କିଲୋମିଟର ।

(୨) ଅଳ୍ପ ଗଛ ଥାଇ ଉଜୁଡ଼ା ଜଙ୍ଗଲ (ପାରିପାର୍ଶ୍ୱିକ ଦୃ... ସମ୍ବେଦନଶୀଳ)– ୧୯,୬୬୧ ବର୍ଗ କିଲୋମିଟର ।

(୩) ହେନ୍ତାଳ ବଣ– ୧୯୫ ବର୍ଗ କିଲୋମିଟର ।

(୪) ପ୍ରାୟତ ଉଦ୍ଭିଦ ଶୂନ୍ୟ ପତିତ ଜଙ୍ଗଲ– ୯,୯୭... କିଲୋମିଟର (ପାରିପାର୍ଶ୍ୱିକ ଦୃଷ୍ଟିରୁ ଭଙ୍ଗପ୍ରବଣ) ।

୧୯୯୧ ମସିହାର ଜନଗଣନା ଅନୁଯାୟୀ ଓଡ଼ି... ଲୋକସଂଖ୍ୟା ହେଲା ୩ କୋଟି ୧୫ ଲକ୍ଷ । ଗାଈ ... ଇତ୍ୟାଦି ବିଭିନ୍ନ ଗୃହପାଳିତ ପଶୁଙ୍କ ସଂଖ୍ୟା ୨ କୋଟି ୧୩ ... ୧୯୯୧ ମସିହାରେ କେବଳ ରନ୍ଧନ କାର୍ଯ୍ୟରେ ୧୧୫-୬୧ ... ମେଟ୍ରିକ୍ ଟନ୍ ଜାଳେଣି କାଠ ଓ ବିଭିନ୍ନ କଳ କାରଖାନାରେ ୨... ଲକ୍ଷ ମେଟ୍ରିକ୍ ଟନ୍ ଜାଳେଣି କାଠ ଆବଶ୍ୟକ ହେଉଥିବା ବେ... ଜଙ୍ଗଲରୁ ବିଜ୍ଞାନ ସମ୍ମତ ପ୍ରକ୍ରିୟାରେ ୧-୩୫ ଲକ୍ଷ ମେଟ୍ରିକ୍ ... ଜାଳେଣି କାଠ ବାହାରୁଥିଲା । ଆମର ଲୋକସଂଖ୍ୟା ... ବର୍ତ୍ତମାନର ଅନୁପାତରେ ବଢ଼ି ଚାଲେ ତେବେ ୨୦୦୧ ମସିହା ... ବିଭିନ୍ନ ବନଜାତ ଦ୍ରବ୍ୟର ନିଅଣ୍ଟ ପରିମାଣ ହେବ–(୧) ଜାଳେ... କାଠ–୧୩୯-୦୩ ଲକ୍ଷ ମେଟ୍ରିକ୍ ଟନ୍, (୨) ବାଉଁଶ– ... ଲକ୍ଷ ମେଟ୍ରିକ୍ ଟନ୍, (୩) କାଠ– ୨-୬୭ ଲକ୍ଷ ମେଟ୍ରିକ୍ ... (୪) ଗୋ–ଖାଦ୍ୟ ନିମିତ୍ତ ବ୍ୟବହୃତ ଘାସ ଓ ପତ୍ର– ୩୪... ଲକ୍ଷ ମେଟ୍ରିକ୍ ଟନ୍ । ଏହା ବ୍ୟତୀତ ଜଳର ବ୍ୟବହାର ... ଆବଶ୍ୟକତା ମଧ୍ୟ ବହୁତ ବଢ଼ିବ । ଏଥି ନିମିତ୍ତ ୨୦୦୧ ମ... ବେଳକୁ ପ୍ରାୟ ୭୧,୪୨୦ ବର୍ଗ କିଲୋମିଟର ଅଞ୍ଚଳରେ ... ଜଙ୍ଗଲ ସୃଷ୍ଟି କରିବାକୁ ପଡ଼ିବ ଓ ମୋଟାମୋଟି ୨୯,୮୩୪ ... କିଲୋମିଟର ଉଜୁଡ଼ା ଜଙ୍ଗଲ ମଧ୍ୟରୁ ୨୪,୦୦୦ ବର୍ଗ କିଲୋମି... ଅଞ୍ଚଳ ପୁନଶ୍ଚ ଜଙ୍ଗଲରେ ପରିଣତ କରି ହେବ । ଶିମିଳିପା... ଭିତର କନିକା ଓ ବଲରା ପାହାଡ଼ ଜଙ୍ଗଲ ପ୍ରଭୃତିକୁ ... ଜଙ୍ଗଲରେ ପରିଣତ କରିବାକୁ ହେବ । ଜଙ୍ଗଲ ସମ୍...

ସୁରକ୍ଷା ଓ ପରିଚାଳନା ପାଇଁ ଜଙ୍ଗଲ ବିଭାଗକୁ ଆହୁରି ଦୃଢ଼ୀଭୂତ କରିବାକୁ ପଡ଼ିବ।

୧୯୮୪-୮୫ ମସିହାର ପରବର୍ତ୍ତୀ ବର୍ଷରେ ଓଡ଼ିଶାର ଜଙ୍ଗଲ ସମୂହରୁ ରାଜସ୍ୱ ଆୟର ତାଲିକା ନିମ୍ନରେ ଦିଆଗଲା–

ଜଙ୍ଗଲ ଜାତ ଦ୍ରବ୍ୟ	୧୯୮୪-୮୫	୧୯୮୫-୮୬	୧୯୮୬-୮୭	୧୯୮୭-୮୮	୧୯୮୮-୮୯
(୧)	(୨)	(୩)	(୪)	(୫)	(୬)
୧। କାଠ	୯୮୦	୧୦୫୫	୯୯୬	୧୨୧୨	୧୦୨୨ ଲକ୍ଷ ଟଙ୍କା
୨। ଜାଳେଣି କାଠ ଓ କାଠ କୋଇଲା।	୬୬୩	୫୫୦	୨୬୨	୬୮୨	୫୨୨ ଲକ୍ଷ ଟଙ୍କା
୩। ବାଉଁଶ	୩୮୦	୫୩୦	୩୮୫	୨୮୮	୨୬୮ ଲକ୍ଷ ଟଙ୍କା
୪। କେନ୍ଦୁପତ୍ର	୧୨୦୦	୩୧୦୦	୫୫୦	୨୬୪୮	୨୧୫୨ ଲକ୍ଷ ଟଙ୍କା
୫। ସାଲ ଓ ଅନ୍ୟାନ୍ୟ ଛୋଟ ଜଙ୍ଗଲ ଜାତ ଦ୍ରବ୍ୟ।	୩୫୦	୫୫୦	୫୪୮	୩୫୮	୨୦୧ ଲକ୍ଷ ଟଙ୍କା

* ସୂତ୍ର Statistical Outline of Orissa, 1991 ପୁସ୍ତକରୁ ସଂଗୃହୀତ।

ଉପରୋକ୍ତ ତାଲିକାକୁ ବିଚାର କଲେ ଜଙ୍ଗଲ ଯେ ଖାଲି ତା'ର ଜୈବ ସୌନ୍ଦର୍ଯ୍ୟ ତତ୍ତ୍ୱ ପାଇଁ ପ୍ରସିଦ୍ଧ ନୁହେଁ, ଏହା ପଶୁ ଓ ମାନବ ସମାଜର ରକ୍ଷାକାରୀ ଏବଂ ଏହାର ପୁନଃପୌନିକ ଉତ୍ପାଦନ କ୍ଷମତା ଅସୀମ। ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ କରାଯାଇଥିବା ଏକ ହିସାବରୁ ଜଣାଯାଏ ଯେ ବିକାଶଶୀଳ ରାଷ୍ଟ୍ରମାନଙ୍କର ପ୍ରାୟ ୫୦ କୋଟି ଲୋକ ଜଙ୍ଗଲ ମଧ୍ୟରେ ବା ଜଙ୍ଗଲ ନିକଟରେ ବାସ କରୁଛନ୍ତି। ଏହି ଜଙ୍ଗଲରୁ ସେମାନେ ଜାଳେଣି, ଗୋ–ଖାଦ୍ୟ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଜଙ୍ଗଲଜାତ ଶିଳ୍ପ ଉପରେ ନିର୍ଭର କରି ଧନୀ ଓ ଦରିଦ୍ର ରାଷ୍ଟ୍ରର ବହୁ ଲୋକ ଜୀବିକା ଅର୍ଜନ କରୁଛନ୍ତି। ସମଗ୍ର ପୃଥିବୀରେ ବର୍ଷକୁ ୩୪ ଶହ କୋଟି ବର୍ଗ ଘନ ମିଟର କାଠ ବ୍ୟବହୃତ ହେଉଛି। ଏଥି ମଧ୍ୟରୁ ଅଧା କାଠ ବିକାଶଶୀଳ ରାଷ୍ଟ୍ରର ଲୋକମାନେ ଜାଳେଣି ଓ ନିର୍ମାଣ କାର୍ଯ୍ୟରେ ଲଗାଉଛନ୍ତି।

୨୦୫୦ ମସିହା ବେଳକୁ ପୃଥିବୀର ଲୋକସଂଖ୍ୟା ଏକ ହଜାର କୋଟି ହେବ ବୋଲି କଳନା କରାଯାଇଅଛି। ଏହା ଫଳରେ କୃଷି ଓ ଜାଳେଣି ଆବଶ୍ୟକତା ପୂରଣ ପାଇଁ ଅଧିକ ଜଙ୍ଗଲ ନଷ୍ଟ ହେବାର ସମ୍ଭାବନା ଅଛି। "ଜଙ୍ଗଲ ସମ୍ପଦକୁ କିପରି ରକ୍ଷା କରାଯାଇ ପାରିବ" ଏବେ ଏହା ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିର ବିଚାର କରିବାର ମୁଖ୍ୟ ଉପାଦାନ ହୋଇଛି। ଜଙ୍ଗଲ ଉନ୍ନୟନ ଦାୟିତ୍ୱ ବହନ ପାଇଁ ଫରେଷ୍ଟ ଫୋରମ୍ ଅଫ୍ ଡେଭଲପ୍‌ମେଣ୍ଟ୍ କଣ୍ଟ୍ରି (ଏଫ୍. ଏଫ୍. ଡି. ସି.) ନାମକ ଏକ ସଂସ୍ଥା କେତେକ ବିକାଶଶୀଳ ଦେଶମାନଙ୍କ ଦ୍ୱାରା ଗଠନ କରାଯାଇଅଛି। ଭାରତ ଏହି ଫୋରମ୍‌ର ବର୍ତ୍ତମାନ ଅଧ୍ୟକ୍ଷ ଥିବାରୁ ନିକଟରେ ଏହାର ଏକ ମନ୍ତ୍ରୀସ୍ତରୀୟ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକରେ ଜଙ୍ଗଲ ସମସ୍ୟା ଉପରେ ବିଶଦ ଆଲୋଚନା ବ୍ୟତୀତ ପାଣିପାଗ ପରିବର୍ତ୍ତନ ଓ ବାୟୋଲୋଜିକାଲ ଡାଇଭରସିଟି ଉପରେ ମଧ୍ୟ ପୁଙ୍ଖାନୁପୁଙ୍ଖ ବିଚାର କରାଯାଇଅଛି। ଏବେ ଏପରି ପରିସ୍ଥିତି ସୃଷ୍ଟି ହେଲାଣି ଯେ ଜଙ୍ଗଲ ଉପରେ ଚିର ନିର୍ଭର କରୁଥିବା ଆଦିବାସୀମାନେ ସୁରକ୍ଷା ପାଇଁ ଦାବୀ କରୁଥିବାବେଳେ, ଭୂମିହୀନ କୃଷକ, ଖଣି ମାଲିକ, ରାସ୍ତା ନିର୍ମାଣକାରୀ ଓ ଠିକାଦାରମାନେ ଜଙ୍ଗଲ ଧ୍ୱଂସ କରି ଜୀବିକା ଅର୍ଜନ ପାଇଁ ଉଦ୍ୟମ କରୁଛନ୍ତି। ବିକଶିତ, ବିକାଶଶୀଳ ଏପରିକି ଦରିଦ୍ର ରାଷ୍ଟ୍ରମାନେ ଜଙ୍ଗଲ ସୁରକ୍ଷା ଉପରେ ଏବେ ଗୁରୁତ୍ୱ ଦେଲେଣି। କାରଣ ଜଙ୍ଗଲ ହେଉଛି ପୃଥିବୀର ଫୁସ୍‌ଫୁସ୍। ଏଠାରେ ବାୟୁ ବିଶୋଧନ ହୋଇଥାଏ। ଏଥିପାଇଁ ପୃଥିବୀର ପ୍ରାୟ ୯୦ଟି ଦେଶ ଟ୍ରପିକାଲ ଫରେଷ୍ଟ ଆକ୍‌ସନ ପ୍ରୋଗ୍ରାମ୍ (ଟି. ଏଫ୍. ଏ. ପି.) ହାତକୁ ନେଇଛନ୍ତି।

ଉଦ୍ଭିଦ ବିଜ୍ଞାନ ବିଭାଗ,
ସରକାରୀ ମହାବିଦ୍ୟାଳୟ,
ରାଉରକେଲା–୭୬୯୦୦୪।


ନୟାଗଡ଼ ଜିଲ୍ଲାର ଦଶପଲ୍ଲାଠାରେ ଏକ ବିଶାଳ ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଅଭିଭାଷଣ ଦେଉଛନ୍ତି।

ଢେଙ୍କାନାଳର ପ୍ରଗତି ପଥରେ ଏକ ମାଇଲ ଖୁଣ୍ଟ : ସାରଙ୍ଗଧର ସେତୁ

ବିଜୟ ପଣ୍ଡା

ଏମିତି ବି ସ୍ୱପ୍ନ ସତ୍ୟ ହୁଏ, କିମ୍ବଦନ୍ତୀ ଶିଳାଲେଖାରେ ପ୍ରମାଣିତ ହୁଏ । ଯେପରି ସବୁ ଅସମ୍ଭାବନାକୁ ଏଡ଼ାଇ ନିର୍ମିତ ହୋଇଛି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସେତୁ । ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ଉପରେ ଢେଙ୍କାନାଳ–କାମାକ୍ଷାନଗର ରାସ୍ତାର କାମଗଡ଼ଠାରେ ଏହା ଉନ୍ମୋଚିତ ହୋଇଥିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ବହୁଳ ପ୍ରଶଂସାଟୀକୁ ସମାହିତ କରିଥିଲା । ବିଶେଷ କରି ଢେଙ୍କାନାଳବାସୀ ଏବଂ ମୋଟ ଉପରେ ସମସ୍ତ ରାଜ୍ୟବାସୀଙ୍କୁ ଉହର୍ଶ କରିଥିଲେ ଗଲା ନଭେମ୍ବର ୨୪ ତାରିଖ ବୁଧବାର ଦିନ ଖୋଦ୍ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ । ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜାମଣ୍ଡଳ ନେତାଙ୍କ ସ୍ମରଣେ ଏ ନାମ ରଖାଯାଇଛି "ସାରଙ୍ଗଧର ସେତୁ" ।

ଢେଙ୍କାନାଳ ଜିଲ୍ଲାର ଆଭ୍ୟନ୍ତରୀଣ ଗମନାଗମନ ଓ ପରିବ ବ୍ୟବସ୍ଥାର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା ବୋଲି କହି ଅତ୍ୟୁକ୍ତି ହେବନାହିଁ । ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ଘଟିବ । ଏହା ସୁବିଦିତ ଯେ, ଷାଠିଏ ଦଶକରୁ ପରି ଢେଙ୍କାନାଳ ଜିଲ୍ଲାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ହେବାପ ବହୁ ବୃହତ୍ ଶିଳ୍ପାନୁଷ୍ଠାନ ତତ୍ସଂଲଗ୍ନ ସ୍ଥାନମାନଙ୍କରେ ଗଢ଼ି ଉ ଏବଂ ଢେଙ୍କାନାଳ ଜିଲ୍ଲା ଜାତୀୟ ଶିଳ୍ପ ମାନଚିତ୍ରରେ ଏକ ପ୍ର



ସ୍ଥାନ ଗ୍ରହଣ କରିଛି । ମାତ୍ର ଗମନାଗମନର ଅସୁବିଧା ହେତୁ ଏହି ଅଞ୍ଚଳ ପଛୁଆ ହୋଇ ପଡ଼ି ରହିଛି । ପରିବହନ ବ୍ୟବସ୍ଥା ମଧ୍ୟ ଅନୁରୂପ ପଛୁଆ । କାମାକ୍ଷାନଗରର ଉପଖଣ୍ଡର ୪ଟି ମଣ୍ଡଳ ଅନ୍ତର୍ଗତ ଗ୍ରାମବାସୀମାନେ ଏଥିଯୋଗୁ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ । ବର୍ଷାକାଳରେ ବ୍ରାହ୍ମଣୀ ନଦୀର କରାଳ ସ୍ରୋତକୁ ଅତିକ୍ରମ କରିବା ଆଦୌ ସମ୍ଭବ ନୁହେଁ, ଅନ୍ୟ ଦିନମାନଙ୍କରେ ନଦୀ ପାର ହେବା ଏହି ଦୁଃସାହାସିକ ଅଭିଯାନ ସଦୃଶ । ଢେଙ୍କାନାଳ ଜିଲ୍ଲା ସଦର ମହକୁମାକୁ ସରକାରୀ କାର୍ଯ୍ୟ ପାଇଁ ତଥାପି ହଜାର ହଜାର ଲୋକ ଜୀବନକୁ ପ୍ରାଣ ଛଡ଼ାଇ ଆସନ୍ତି । ମାଲ୍ ପରିବହନ ସେହି ବାଟରେ ଆରପାରିକୁ ଯିବା କଥା କେହି ଚିନ୍ତା କରନ୍ତି ନାହିଁ । ମାତ୍ର ସେସବୁର ଅବସାନ ଘଟିଲା ଏବଂ ଏକ ନୂତନ ସହଜସାଧ୍ୟ ଯୁଗର ପ୍ରାରମ୍ଭ ହେଲା । କାମାକ୍ଷାନଗରରୁ ବାହାରି ବର୍ଣ୍ଣିରପାଳ, ତାଳଚେର ଏବଂ ପରଜଙ୍ଗ ଦେଇ ଢେଙ୍କାନାଳ ପହଞ୍ଚିବାକୁ ପଡୁଥିଲା ୧୦୧ କିଲୋମିଟର, ମାତ୍ର ତାହା ଏବେ କେବଳ ୩୬ କି:ମି:କୁ ସଙ୍କୁଚିତ ହୋଇଛି । ଢେଙ୍କାନାଳ କାମାକ୍ଷାନଗର ରାସ୍ତାର ୬ କି:ମି: ଦୂରବର୍ତ୍ତୀ କାମଗଡ଼ଠାରେ ବ୍ରାହ୍ମଣୀ ନଦୀ ଉପରେ ଏହି ସୁଉଚ୍ଚ ସେତୁ ନିର୍ମାଣ ଫଳରେ ଏହା ସମ୍ଭବ ହୋଇପାରିଛି ।

ଏହି ସେତୁର ନିର୍ମାଣ ପାଇଁ ସରକାର ଅଗ୍ରାଧିକାର ଦେଇ ଆସିଛନ୍ତି । ନଦୀର ଦୁଇପାର୍ଶ୍ୱ କୂଳ ନଖାଇବା ପାଇଁ ସୁଦୀର୍ଘ ସଂଲଗ୍ନ ରାସ୍ତା ନିର୍ମାଣ କରାଯାଇଛି । ଢେଙ୍କାନାଳବାସୀଙ୍କର ବହୁଦିନର ସ୍ୱପ୍ନ ସାର୍ଥକ ହୋଇଛି ଅବଶ୍ୟ ଯେଉଁଦିନ ଭାରୀ ଯାନଗୁଡ଼ିକ ସେହି ବାଟ ଦେଇ ଯାତାୟାତ କରିବ, ସେଦିନ ସେମାନେ ଚକ୍ଷୁସ ପ୍ରମାଣ ପାଇବେ । କେବଳ ଢେଙ୍କାନାଳ କାମାକ୍ଷାନଗର ନୁହେଁ ଯାଜପୁର ରୋଡ଼ ଏବଂ ପାଣିକୋଇଲି ରାସ୍ତା ମଧ୍ୟ ୬୫ କି:ମି: ସଙ୍କୁଚିତ ହେବ ଏବଂ ଏହା ଦ୍ୱାରା ବହୁ ପରିମାଣର ଡିଜେଲ୍ ଓ ପେଟ୍ରୋଲ ଖର୍ଚ୍ଚ ବଞ୍ଚାଯାଇ ପାରିବ ।

ସ୍ମର୍ତ୍ତବ୍ୟ ଯେ, ୭ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୯୮୪ ମସିହା ଅଗଷ୍ଟ ୮ ତାରିଖରେ ଏହି ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଅଟକଳ ବୃଦ୍ଧି ପାଇ ୧୨ କୋଟି ୭୨ ଲକ୍ଷରେ ପହଞ୍ଚିଛି ଏବଂ ତନ୍ମଧ୍ୟରୁ ଅଦ୍ୟାବଧି ୧୦ କୋଟି ୮୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଭାରତ ସରକାର ଏଥି ପାଇଁ ଏକ କୋଟି ୬୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି ।

ଓଡ଼ିଶାର ଦ୍ୱିତୀୟ ଦୀର୍ଘତମ ସେତୁ ଭାବେ ପରିଗଣିତ ଏହି ସେତୁର ଲମ୍ବ ୧୩୦୫ ମିଟର ବା ୪୨୮୦ ଫୁଟ । ସାଗର ପତନଠାରୁ ଏହା ପ୍ରାୟ ୪୫-୫୬୫ ମିଟର ଉଚ୍ଚତାରେ ଅବସ୍ଥିତ । ଏହା ୨୬ ଗୋଟି ସ୍ତମ୍ଭ ଉପରେ ନିର୍ମିତ । ପ୍ରତି ସ୍ତମ୍ଭର ଦୂରତା ୫୨ ମିଟର । ଉଭୟ ପାର୍ଶ୍ୱରେ ନିର୍ମାଣାଧୀନ ସଂଲଗ୍ନ ରାସ୍ତାର ଲମ୍ବ ୨୦୯୦ ମିଟର । ମୋଟ ବ୍ୟୟ ଅଟକଳର ପରିମାଣ ୧୨ କୋଟି ୭୨ ଲକ୍ଷ, ତନ୍ମଧ୍ୟରୁ ୧ କୋଟି ୬୦ ଲକ୍ଷ ଟଙ୍କା କେନ୍ଦ୍ର ସରକାର ବହନ କରିଛନ୍ତି । ଏଥିରେ ୬୫୫୦ ମେଟ୍ରିକ୍ ଟନ ସିମେଣ୍ଟ ବ୍ୟବହାର କରାଯାଇଥିବା ବେଳେ ୨୧୨୦ ମେଟ୍ରିକ୍ ଟନ୍ ଲୁହାଛଡ଼ ବ୍ୟବହାର କରାଯାଇଛି । ନିର୍ମାଣ ଦାୟିତ୍ୱରେ ରାଜ୍ୟ ସେତୁ ନିର୍ମାଣ ନିଗମ ଏବଂ ଇନ୍ଦରସେନ କନ୍‌ଷ୍ଟ୍ରକସନ୍ ଲିମିଟେଡ୍ ଅଛନ୍ତି । ଢେଙ୍କାନାଳ ପୂର୍ତ୍ତ ବିଭାଗ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଛନ୍ତି, ୧୩୬ ଜଣ କର୍ମଚାରୀଙ୍କ ନେତୃତ୍ୱ ନେଇ ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ପଟ୍ଟନାୟକ, ଦକ୍ଷତାର ପରିଚୟ ଦେଇଛନ୍ତି । କଟକ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ, ସୌକତ ଅଲ୍ଲୀ, ମୁଖ୍ୟଯନ୍ତ୍ରୀ ମୁରଲୀଧର ଶତପଥୀ ପ୍ରମୁଖଙ୍କ ଅବଦାନ ଉଲ୍ଲେଖନୀୟ ।

ପ୍ରତିନିଧି, "ମାତୃଭାଷା",
କ୍ୱାର୍ଟର ନମ୍ବର–୨ ଆର: ବି:/୪,
ୟୁନିଟ୍ ୩, ଭୁବନେଶ୍ୱର ।



ଡିପ୍ଲୋମା ଇଞ୍ଜିନିୟର୍ସ ପ୍ରତିଷ୍ଠାନଠାରେ ସ୍ୱର୍ଗତ ଭଗବତୀ ପାଣିଗ୍ରାହୀଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟଶାଣୀ ଉଦ୍‌ବୋଧନ ଦେଉଛନ୍ତି

ସ୍ମରଣୀୟ ପ୍ରତିଭା : ସୋମନାଥ ପାତ୍ର

କୁମାରୀ ଧନଲକ୍ଷ୍ମୀ ମହାନ୍ତି

ଗଞ୍ଜାମ ଜିଲ୍ଲାର ଯେଉଁ କେତେ ଜଣ କୃତୀ ଶିକ୍ଷକ ସ୍ମରଣୀୟ ସେମାନଙ୍କ ମଧ୍ୟରେ ସୋମନାଥ ପାତ୍ର ଅନ୍ୟତମ । ୧୯୨୦ ମସିହା ମେ ମାସ ୩୧ ତାରିଖ ଦିନ ଓଡ଼ିଶାର ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ସାତପଡ଼ଞ୍ଚିଆ ଗ୍ରାମର ଏକ ମଧ୍ୟବିତ୍ତ କ୍ଷତ୍ରିୟ ପରିବାରରେ ଶ୍ରୀ ସୋମନାଥ ପାତ୍ରଙ୍କର ଜନ୍ମ । ପିତା ଶ୍ରୀ ରଘୁନାଥ ପାତ୍ରଙ୍କର ସେ ଥିଲେ କନିଷ୍ଠ ପୁତ୍ର । ଏହି ପରିଚୟରେ ପରିଚିତ ହେବା ଅପେକ୍ଷା ଜଣେ ଧର୍ମନିଷ୍ଠ, କର୍ମତତ୍ପର, ମିଷ୍ଟଭାଷୀ, ଅଧ୍ୟବସାୟୀ, ଉଚ୍ଚାଭିଳାଷୀ, ବନ୍ଧୁପ୍ରେମୀ, ଆଦର୍ଶ ଶିକ୍ଷକ ଭାବେ ସେ ଅଞ୍ଚଳରେ ପ୍ରତିଷ୍ଠିତ । ଜଣେ ତାଲିମ୍ ପ୍ରାପ୍ତ ଶିକ୍ଷକ ଭାବରେ ନିଜ ଗାଁ ସାତପଡ଼ଞ୍ଚିଆଠାରେ ପ୍ରଥମ କରି ଶିକ୍ଷକତା ଆରମ୍ଭ କରିଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ସର୍ବତ୍ର ପୂଜିତ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ହରିହର ଦାସଙ୍କ ଭାଷାରେ– ଆଦର୍ଶ ଶିକ୍ଷକ ସୋମନାଥ ପାତ୍ର ତାଙ୍କର ସେବା ଏବଂ ଜ୍ଞାନ ବିତରଣ ପୂର୍ବକ ନିଜ ପାଇଁ ଏକ ଅନନ୍ୟ ସାଧାରଣ ସ୍ଥାନ ନିରୂପଣ କରିଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବରେ ନିଜର ଗୁରୁଦାୟିତ୍ୱ ଗ୍ରହଣ କରି ଉତ୍ସର୍ଗୀକୃତ ଭାବେ ସେ ହଜାର ହଜାର ଛୋଟ ଶିଶୁଙ୍କର ଭବିଷ୍ୟତ ଗଢ଼ି ତୋଳିଥିଲେ । ଜୀବନରେ ମଣିଷ ଗଢ଼ିବାର ବ୍ରତକୁ, ପବିତ୍ର ତପସ୍ୟା ଭାବରେ ଗ୍ରହଣ କରି ଜଣେ ନିରବ ସାଧକ ଭାବରେ ଶିକ୍ଷାଦାନ ସ୍ୱରୂପ ଏକ ପବିତ୍ର ତପସ୍ୟାରେ ବ୍ରତୀ ରହି ଯେଉଁ ଅନନ୍ୟ ସାଧାରଣ ଅବଦାନ ଦେଇ ଯାଇଛନ୍ତି ତାହାର ଉଲ୍ଲେଖ ଇତିହାସର ପୃଷ୍ଠା ମଣ୍ଡନ ନକଲେ ମଧ୍ୟ ପ୍ରବାହିତ ସମୟର ସ୍ରୋତ ତାଙ୍କୁ ବିସ୍ମୃତି ଗର୍ଭରେ ଲୀନ କରିପାରିବ ନାହିଁ । ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ସ୍ୱପ୍ନଥିଲେ ତାଙ୍କ ହାତ ତିଆରି ଶିଶୁ କଣ୍ଢେଇମାନଙ୍କର ସଫଳତା । ସମାଜରେ ସେମାନଙ୍କର ପୂର୍ଣ୍ଣ ବିକାଶ ସେମାନଙ୍କର କୃତିତ୍ୱ ତଥା ଉଚ୍ଚ ସ୍ଥାନରେ ସେମାନେ ପ୍ରତିଷ୍ଠିତ ହେବାର ସ୍ୱପ୍ନ ସେଇଟକ ହିଁ ଶିକ୍ଷକର ଗର୍ବ, ଗୌରବ । ଯେପରି ଏ ଦୁନିଆଁରୁ ସେତିକି ସେ ସ୍ମୃତି । ପ୍ରାଚ୍ୟ ସଭ୍ୟତା ଓ ସଂସ୍କୃତିରେ ଗୁରୁ ଦେବତାଙ୍କ ସହ ତୁଳନୀୟ । ଶାସ୍ତ୍ରରେ କୁହାଯାଇଛି :–

ଗୁରୁର୍ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ, ତସ୍ମୈ ଶ୍ରୀ ଗୁରୁବେନମଃ ।

-ଗୁରୁଙ୍କୁ ସାକ୍ଷାତ ଭଗବାନଙ୍କ ସହ ବିବେଚନା କରାଯାଇଛି । ସ୍ତରରେ ଗୁରୁଙ୍କ ପାଇଁ ଉଚ୍ଚ ଉଚିତ ପ୍ରଭୃତ୍ୟ । କେବଳ ଶିକ୍ଷାଦାନ ନୁହେଁ ମଣିଷ ଗଠନ କରିବା ଥିଲା ତାଙ୍କ ଜୀବନ ବ୍ରତ । କେବଳ ଶିକ୍ଷା ଓ ଶିକ୍ଷାୟତନ ମଧ୍ୟରେ ଛାତ୍ରମାନଙ୍କ ସ ତାଙ୍କର ସମ୍ପର୍କ ସୀମିତ ନଥିଲା । ପ୍ରତ୍ୟେକ ପିଲାର ଅ ଅସୁବିଧା ସହିତ ମଧ୍ୟ ସେ ଜଡ଼ିତ ଥିଲେ । ତାଙ୍କର ସାନିଧ୍ୟ ପାଉଥିଲା ସେ ଆପେ ଆପେ ମଣିଷ ହୋଇ ଯାଉଥିଲା । ପ୍ରତ୍ୟେକ ଛାତ୍ରଙ୍କୁ ପୁତ୍ରବତ୍ ଶ୍ରଦ୍ଧା କରିବା ତାଙ୍କର ସହଜାତ ଗୁ ଥିଲା । ଇଶ୍ୱରଙ୍କ ଆଶୀର୍ବାଦ ଏହି ଉଚ୍ଚାଭିଳାଷୀ ମଣିଷଟି ପ ସତେ ଯେପରି ବର୍ଷି ଯାଉଥିଲା । ଯେଉଁ ପିଲା ତାଙ୍କ ନିକ ଶିକ୍ଷାଲାଭ କରୁଥିଲା ସେ ନୈତିକତାର ଅଧିକାରୀ ହେଉଥି ବିନା ଗୁରୁରେ କେହି ଭଲ ମଣିଷ ହୋଇପାରେ ନାହିଁ । ଏ ପାଇଁ ଗୁରୁ ପୂଜା ପରମ୍ପରା କାହିଁ କେଉଁ ଯୁଗରୁ ରହି ଆସି ଏକଲବ୍ୟର ଗୁରୁ ଥିଲେ ଦ୍ରୋଣ । ଭଗବାନ ଶ୍ରୀକୃଷ୍ଣଙ୍କର ଗୁରୁଥିଲେ ସନ୍ଦିପନୀ । ଏକଲବ୍ୟ ଦ୍ରୋଣଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପ କରି ନିଜର ନିଷ୍ଠା ବଳରେ ନିଜକୁ ଶ୍ରେଷ୍ଠ ଭାବରେ ପ୍ରତିପା କରିପାରିଥିଲା । ନିଜେ ଭଗବାନ ମଧ୍ୟ ଗୁରୁ ଭାବରେ ସନ୍ଦିପନୀ ଗ୍ରହଣ କରିଥିଲେ । ତେବେ ଭଲ ଛାତ୍ରଟିଏ ବାହାର କରିବା ହେଲେ ଗୁରୁଙ୍କୁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ । ଛାତ୍ରଟିଏ ଗଢ଼ି ପାରିଲେ ସୁନାଗରିକଟିଏ ସମାଜକୁ ଯୋଗା ଦିଏ । ତେଣୁ ପ୍ରରୋକ୍ଷ ଭାବରେ ଗୁରୁ ହିଁ ସମାଜ ଗଠନର କେ ବିନ୍ଦୁ । ପାତ୍ର ମହାଶୟ ବହୁ ଶ୍ରମ ସ୍ୱୀକାର କରି ହଜାର ହଜା ଛାତ୍ର ଗଢ଼ି ଯାଇଛନ୍ତି, ବହୁ ଭଲ ମଣିଷ ତିଆରି କରିଯାଇଛ ତାଙ୍କୁ ମଣିଷ ତିଆରି ଯନ୍ତ୍ର କହିଲେ ଭୁଲ ହେବ ନାହିଁ । ଆ ବାଲିରଣର ବ୍ୟବସାୟ ତ ଅନେକ କରୁଛନ୍ତି, ହେଲେ ମ ଗଢୁଛନ୍ତି କେତେ ଜଣ ? ନିଜସ୍ୱ ଗୁଣରେ ବଞ୍ଚିବାର ସ୍ୱାଭିମାନ ତଥା ସ୍ୱାଧୀକାରର ସ୍ୱାଦ ସେ ଦେଇ ଯାଇଛନ୍ତି ଆଜି ଆମେ ସ୍ମରଣ କରିବାର କଥା । ଏହି ମହାନ ବ୍ୟକ୍ତି ପ୍ରତ୍ୟେକ ଛାତ୍ର ସ୍ମରଣ କରି ତାଙ୍କରି ପଥରେ ଅନୁଗାମୀ ହେ ନିଶ୍ଚୟ ସମାଜରେ ବହୁ ସୁଛାତ୍ର ସୃଷ୍ଟି ହେବା ସହ ଦେଶର ମେରୁ ଦୃଢ଼ ହେବ ଏଥିରେ ସନ୍ଦେହ ନାହିଁ । ସମାଜ ଏକ ଚିର ସଂସ୍ଥା । କେଉଁ ଅବିସ୍ମରଣୀୟ ଅତୀତରେ ଏହାର ସୃଷ୍ଟି । ଉତ୍ଥାନ ପତନ, ବିକାଶ ଓ ବିପର୍ଯ୍ୟୟ ମଧ୍ୟରେ ଏହା ଅଦ୍ୟା ଗତିଶୀଳ । ଆମେ ସବୁ ଏହାର ସୃଷ୍ଟି । ଆମର ସଦ୍‌ଗୁଣ ସଦାଚାରରେ ସମାଜର ବିକାଶ, ପକ୍ଷାନ୍ତରେ ଦୁର୍ଗୁଣ ଓ ଅନାଚାର ଏହାର ବିପର୍ଯ୍ୟୟ । ସୁସମାଜ ଗଠନ ଦିଗରେ ଛାତ୍ରମାନ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କୁ ସୁପଥଗାମୀ କରାଇବାକୁ

ମଣିଷ କରି ଗଢ଼ିବାକୁ ଯେ ଜୀବନର ବ୍ରତ ବୋଲି ଭାବି ନେଇଥିଲେ ତାଙ୍କୁ କ'ଣ କେବେ ଭୁଲି ହେବ ? ସେ ଜୀବନ ଶିଳ୍ପୀ ସାଧକ । ଅଲୌକିକ ବିଭୁ ଆଶୀର୍ବାଦ ନେଇ ଆସିଥିଲେ ଏହି ମାନବବାଦୀ ଶିକ୍ଷକ । ତାଙ୍କ ନିର୍ଲିପ୍ତ ସାଧନାରେ ହିଁ ସେ ଆସନ୍ତି । ନିଜକୁ ସମ୍ପୂର୍ଣ୍ଣ ଭାବରେ ଆଚ୍ଛନ୍ନ କରି ରଖିବାରେ ହିଁ ଥିଲା ଆନନ୍ଦ । ପ୍ରଚାରର ମାୟା ଜାଲରେ ଆପଣାକୁ ବାନ୍ଧି ରଖିବାରେ ଅଦ୍ଭୁତ ଚିନ୍ତା ନିମିଷକ ପାଇଁ ମଧ୍ୟ ସ୍ୱାଧୀନ ଚେତା ସୋମନାଥ ପାଢ଼ୀଙ୍କର ପ୍ରାଣରେ ଜାଗ୍ରତ ହୋଇନଥିଲା, ସେ ଥିଲେ ଦୃଢ଼ମନା ଓ ସ୍ଥିର ବିଚାର ବୁଦ୍ଧି ସମ୍ପନ୍ନ ବ୍ୟକ୍ତିବିଶେଷ । ଏକ ପୂର୍ଣ୍ଣାଙ୍ଗ ଏବଂ ସମନ୍ୱିତ ବ୍ୟକ୍ତିତ୍ୱ ମଧ୍ୟରୁ ଦେବତ୍ୱର ସନ୍ଧାନ କରାଯାଇପାରେ । ତାଙ୍କର କର୍ମମୟ ଜୀବନକୁ ବିଶ୍ଳେଷଣ କଲେ ଆମେ ଏକ ଉଚ୍ଚତର ବ୍ୟକ୍ତିତ୍ୱର ସନ୍ଧାନ ପାଉ । ସେ ଥିଲେ ଏକାଧାରାରେ ଦୃଢ଼ମନା ତଥା ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିବିଶେଷ । ୧୯୬୮ ମସିହା ମେ ମାସରେ ଚାକିରିରୁ ଅବସର ନେଇ, ଶ୍ରୀଯୁକ୍ତ ପାଢ଼ୀଙ୍କର "ସୋମନାଥ ପୁସ୍ତକାଳୟ" କର୍ମମୟ ଜୀବନର ଆଉ ଏକ ସୋପାନ । ସନ୍ଧ୍ୟା ସମୟରେ ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ସହିତ ଏହି ସ୍ଥାନରେ ଏକାଠି ହୋଇ ବହୁବିଧ ସମସ୍ୟାର ସମାଧାନ ଦିଗରେ ଯତ୍ନବାନ ହେବା ତାଙ୍କ ଚରିତ୍ରର ଆଉ ଏକ କୃତୀ । ସ୍ୱାଧୀନତା ପାଇଁ ଲୋକ ଚେତନାକୁ ଜାଗ୍ରତ କରିବା ଦିଗରେ ଶ୍ରୀ ପାଢ଼ୀଙ୍କ ଭୂମିକା ଉଲ୍ଲେଖନୀୟ । ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଦିବାକର ପଟ୍ଟନାୟକଙ୍କର ସେ ଘନିଷ୍ଠ ସହଯୋଗୀ ଥିଲେ । ବ୍ରିଟିଶ୍ ବିରୁଦ୍ଧରେ ଶହ ଶହ ସ୍ୱର ଉତ୍ତୋଳନ କରିବା ପାଇଁ ଲୋକ ଶକ୍ତିକୁ ଜାଗ୍ରତ କରିବାର ଗୁରୁଦାୟିତ୍ୱ ସେ ବହନ କରିଥିଲେ । ଗ୍ରାମାଞ୍ଚଳର ନିରକ୍ଷରତା ଦୂର କଲେ ହିଁ ସ୍ୱାଧୀନତା ପ୍ରାପ୍ତି ସମ୍ଭବ, ଏହି ବାର୍ତ୍ତା ଗାଁ ଗହଳିରେ ପ୍ରଚାର କରିଥିଲେ ।

ସ୍ୱର୍ଗତ ପାଢ଼ୀ ଆଜି ଆମ ଗହଣରେ ନାହାନ୍ତି । ୧୯୭୬ ମସିହା ଫେବ୍ରୁୟାରୀ ୧୭ ତାରିଖରେ ତାଙ୍କର ମହାପ୍ରୟାଣ ହୋଇଯାଇଛି । ନର ଶରୀରରେ ଜନ୍ମ ହେଲେ ଦେବତାଙ୍କ ମୃତ୍ୟୁ ମଧ୍ୟ ଅନିବାର୍ଯ୍ୟ । କିନ୍ତୁ ମୃତ୍ୟୁ ପରେ ମଧ୍ୟ ଜଣେ ଜଣେ ଅମର ହୋଇ ରହିଯାନ୍ତି ନିଜର କର୍ମ ଯୋଗୁଁ । ସ୍ୱର୍ଗତ ସୋମନାଥ ପାଢ଼ୀ ଏହି ବିରଳ ଶ୍ରେଣୀର ଅନ୍ତର୍ଭୁକ୍ତ । ସେ ଆଜି ନଥିଲେ ମଧ୍ୟ ତାଙ୍କର ଆଦର୍ଶ ଏବେ ବି ଆମ ପାଖରେ ଜୀବନ୍ତ ହୋଇ ରହିଛି । ଏହି ଆଦର୍ଶ ଆମକୁ ସତ୍ ପଥରେ ଚାଲିବାକୁ ପ୍ରୋତ୍ସାହିତ କରୁ । ସେ ସ୍ୱର୍ଗପୁରରୁ ଆଲୋକ ପ୍ରଦର୍ଶନ କରି ଆମର ଗତିପଥକୁ ଆଲୋକିତ କରନ୍ତୁ । ଏ ଜାତି ମନେ ରଖିବ ଚିରଦିନ ଏମିତି ଏକ ସାଧାରଣ ବେଶଭୂଷାର ଅସାଧାରଣ ପ୍ରତିଭାକୁ । ଓଡ଼ିଶା ମାଟିରେ ଏହିପରି ବରପୁତ୍ରଙ୍କର ଆବିର୍ଭାବ ବାରମ୍ବାର ହେଉ । ତାଙ୍କର ଶ୍ରାଦ୍ଧ ତିଥିରେ ଏତିକି ମାତ୍ର କାମନା ।

ମାର୍ଫତ୍-ପ୍ରମୋଦ କିଶୋର ମହାନ୍ତି,
ପ୍ଲଟ୍ ନଂ-୫୭୨, ଶହୀଦ ନଗର, ଭୁବନେଶ୍ୱର ।



ସୂଚନା ଭବନଠାରେ ଲେଖକ ସାମ୍ମୁଖ୍ୟ ଦ୍ୱାରା ଆୟୋଜିତ ଏକ ଆଲୋଚନାଚକ୍ରରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି ।

ମୟୂରଭଞ୍ଜ ଜିଲ୍ଲାର ରବି କାର୍ଯ୍ୟକ୍ରମ

ଜାନକୀ ବଲ୍ଲଭ ଦାଶ

ଗତ ଖରିଫ ଋତୁରେ ଜିଲ୍ଲାର ଅଳ୍ପ କେତେକାଞ୍ଚଳ ଛାଡ଼ି ଦେଲେ ପ୍ରାୟ ଅଧିକାଂଶ ବ୍ଲକମାନଙ୍କରେ ଧାନ ଫସଲ ଖୁବ୍ ଭଲ ହୋଇଥିଲା । ଏହାଦ୍ୱାରା ବର୍ତ୍ତମାନ କପ୍ତିପଦା, ଉଦଳା, ବେତନଟୀ ପ୍ରଭୃତି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ସାପ୍ତାହିକ ହାଟମାନଙ୍କରେ ସରକାରୀ ଦରଠାରୁ କମ୍ ଦରରେ ଧାନ ବିକ୍ରି ହେଉଥିବାର ଦେଖା ଯାଉଛି ।

ଗତ ଖରିଫ୍ ଋତୁରେ ସର୍ବମୋଟ୍ ୩ ଲକ୍ଷ ୩୪ ହଜାର ହେକ୍ଟର ଧାନଚାଷ ଜମି ମଧ୍ୟରୁ ମାତ୍ର ୬୯୩୨୭ ହେକ୍ଟର ଜମିରେ ଶତକଡ଼ା ୫୦ ଭାଗରୁ ଅଧିକ ଫସଲ ମରୁଡ଼ି ଯୋଗୁଁ କ୍ଷତି ହେଉଥିବାର ପ୍ରାଥମିକ ଅନୁସନ୍ଧାନରୁ ଜଣା ପଡ଼ିଛି । ଫସଲକାଟର ଫଳାଫଳ ଜାଣିବାପରେ ସଠିକ୍ କ୍ଷୟକ୍ଷତି ଜଣା ପଡ଼ିବ । ଅଗଷ୍ଟ ସେପ୍ଟେମ୍ବର ମାସରେ ଆବଶ୍ୟକ ବର୍ଷାଭାବରୁ ଟିରିଙ୍ଗ ବ୍ଲକ୍‌ର ସମସ୍ତ ପଞ୍ଚାୟତରେ, ବାହାଳଦାର ପଦଘାଟୀ, ବଡ଼ପଳସା, ଝରୋଡ଼ିହ, ରାଇରଙ୍ଗପୁରର ପୁରୁଣାପାଣି, କରଞ୍ଜିଆର କାଟପଳସା, ଠାକୁରାଣୀ ଓ ଶୁକ୍ରୁଳୀ ବ୍ଲକ୍‌ର ଅନ୍ତର୍ଭୁକ୍ତ ପଞ୍ଚାୟତରେ ମରୁଡ଼ି ଜନିତ କ୍ଷତି ଅଧିକ ହୋଇଅଛି ।

ଖରିଫ୍ ଧାନ ମରୁଡ଼ିଜନିତ କ୍ଷତିର ଭରଣା ପାଇଁ ଉପରୋକ୍ତ ବ୍ଲକ୍‌ମାନଙ୍କରେ ପାଣି ସୁବିଧା ଥିବା ଅଞ୍ଚଳରେ ତଥା ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ହୋଇଥିବା ବର୍ଷାର ସୁଯୋଗ ନେଇ ବ୍ୟାପକ ରବି କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଅଛି ।

ମୟୂରଭଞ୍ଜ ଜିଲ୍ଲାରେ ଚଳିତ ରବି ଋତୁରେ ୨ ଲକ୍ଷ ୩୪ ହଜାର ୫୦୦ ହେକ୍ଟର ଜମିରେ ରବି ଚାଷ କରାଯିବାର ଯୋଜନା କରାଯାଇଛି । ଉପରୋକ୍ତ ଜମି ମଧ୍ୟରୁ ପ୍ରାୟ ୪୯ ହଜାର ହେକ୍ଟର ଜମିରେ ଜଳ ସେଚିତ ରବି ଚାଷ କରାଯିବ । ବିଭିନ୍ନ ରବି ଫସଲ ମଧ୍ୟରେ ଧାନ ୬୨୧୨ ହେକ୍ଟର, ଗହମ ୨୩୫୦ ହେକ୍ଟର, ମକା ୫୦୦ ହେକ୍ଟର, ଡାଲି ଜାତୀୟ ଫସଲ ୪୭,୦୦୦ ହେକ୍ଟର, ତୈଳବୀଜ ଜାତୀୟ ଫସଲ ୪୩,୩୯୦ ହେକ୍ଟର, ପନିପରିବା ଜାତୀୟ ଫସଲ ୨୫,୩୦୦ ହେକ୍ଟର, ମସଲା ଜାତୀୟ ଫସଲ ୧୯୦ ହେକ୍ଟର, ଧୁଆଁପତ୍ର ୫୩ ହେକ୍ଟର ଓ ଆଖୁ ୨୦୦ ହେକ୍ଟର ଜମିରେ ଚାଷ କରାଯିବାର କାର୍ଯ୍ୟକ୍ରମ ଗତ ୨୨-୧୦-୨୦୦୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କୃଷି ଆଭିମୁଖ୍ୟ ସଭାରେ ଅନୁ[illegible] ହୋଇଅଛି । ଏ ବର୍ଷ ରବି ଚାଷରେ ବିଶେଷ ଭାବରେ ଗ[illegible] ଚିନାବାଦାମ ଓ ଡାଲି ଜାତୀୟ ଫସଲ ଚାଷ ଉପରେ [illegible] ଦିଆଯାଇଅଛି । ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପରୁ [illegible] ଜଳର ପୂର୍ଣ୍ଣ ବିନିଯୋଗ କରି, ଏପରିକି ଗୋଟିଏ ଇଞ୍ଚ [illegible] ଜାଗା ମଧ୍ୟ ପଡ଼ିଆ ନରଖି ଚାଷ କରାଯିବା ପାଇଁ [illegible] କରାଯାଉଅଛି । ସେଚକୂପ ନିକଟରେ ପନିପରିବା ଚାଷ [illegible] ଗୁରୁତ୍ୱ ଦିଆଯାଇଅଛି । ଜିଲ୍ଲାର ଚାହିଦା ଅନୁସାରେ [illegible] ପ୍ରକାରର ସାର ସମବାୟ ସମିତି ତଥା ବେସରକାରୀ [illegible] ଦୋକାନୀମାନଙ୍କ ମାଧ୍ୟମରେ ଯୋଗାଇ ଦିଆଯିବାର ସୁବ୍[illegible] କରାଯାଇଅଛି । ଜିଲ୍ଲାରେ ଗତ ରବି ଋତୁରେ ହେକ୍ଟର ପ୍ରତି [illegible] କେ.ଜି. ଖାଦ୍ୟ ସାର ବ୍ୟବହାର ହୋଇଥିବା ସ୍ଥଳେ ଚଳି[illegible] ଋତୁରେ ୨୮ କେ.ଜି. ବ୍ୟବହାର କରିବା ପାଇଁ [illegible] କରାଯାଇଛି । କୃଷି ବିଭାଗର ବ୍ଲକ୍‌ସ୍ତରୀୟ ବିକ୍[illegible] ମାଧ୍ୟମରେ ବିହନ ବିକ୍ରୟର ବ୍ୟବସ୍ଥା କରାଯାଇଅଛି । [illegible] କୁଲିଙ୍ଗ୍‌ହାଲର ଧାନ, ଗହମ, ସୋରିଷ, ଚିନାବାଦାମ, ମୁଗ [illegible] ପ୍ରଭୃତି ବିହନ ଚାଷୀମାନଙ୍କୁ ଯୋଗାଇ ଦିଆ ଯିବାର କାର୍[illegible] ଚାଲୁରହିଛି । ରବି ଫସଲରେ ପୋକ ରୋଗ ନି[illegible] ଚାଷୀମାନଙ୍କୁ ଠିକ୍ ସମୟରେ ଜଣାଇବାକୁ କୃଷି [illegible] କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଜିଲ୍ଲାର [illegible] ଚାଷୀମାନଙ୍କ ସହିତ କଥାବାର୍ତ୍ତା ହେବା ପରେ ଜଣାପଡ଼ି[illegible] ଅଗଷ୍ଟ ମାସଠାରୁ ଯବକ୍ଷାରଜାନ ଜାତୀୟ ସାର [illegible] ଅନ୍ୟାନ୍ୟ ସାର ପ୍ରାୟ ୨-୩ ଗୁଣ ବଢ଼ି ଯାଇଅଛି । [illegible] ଉଠା ଜଳସେଚନଗୁଡ଼ିକରେ ଜଳକର ପ୍ରାୟ ଗତବର୍ଷ ତୁଳ[illegible] ୨-୩ ଗୁଣ ହୋଇଅଛି । ଗହମ, ସୋରିଷ, ଚିନାବାଦାମ [illegible] ବିହନର ଦର ମଧ୍ୟ ସାଧାରଣ ଗରିବ ଚାଷୀମାନଙ୍କ ପାଇଁ [illegible] ହୋଇଥିବାର ଦେଖାଯାଉଅଛି । ଏହିସବୁ ପ୍ରତିବନ୍ଧକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିପାରେ ।

ସାମ୍ବାଦିକ-ଉଡ଼ିଶା ଏକ୍ସପ୍ରେସ୍,
ଶ୍ରୀଜାନକୀ ଭବନ, ଟେମ୍ପଲ ଷ୍ଟ୍ରୀଟ୍,
ବାରିପଦା-୭୫୭୦୦୧ ।

ଜନସଂଖ୍ୟା ନିୟନ୍ତ୍ରଣ ଏବଂ ନାରୀ

ଡଃ ରାନୁ ମିଶ୍ର

ଦେଶରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି– ତା' ସହିତ ତାଳ ଦେଇ ବଢ଼ି ଚାଲିଛି ଅଶିକ୍ଷା, ବେରୋଜଗାରୀ, ଦାରିଦ୍ର୍ୟ ଆଉ ଅପରାଧ । ଏଇ ମାଡି ଆସୁଥିବା ଜନ ସମୁଦ୍ରର ଗତିରୋଧ କରିବା ପାଇଁ 'ପରିବାର ନିୟନ୍ତ୍ରଣ' କାର୍ଯ୍ୟକ୍ରମଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ ବିଭିନ୍ନ ଯୋଜନାମାନ ତିଆରି ହେଉଛି । ୧୯୬୧ରେ ପ୍ରଣୟନ ହୋଇଥିବା ମାତୃତ୍ୱ ସୁବିଧା ସୁଯୋଗ ଆଇନ (Maternity Benefit Act)ରେ ସଂଶୋଧନ ମାନ ଅଣା ଯାଉଛି । ନୂଆ ନୂଆ ଗର୍ଭ ନିରୋଧକ ପଦ୍ଧତିଗୁଡ଼ିକ ଉପରେ ଗବେଷଣା କରାଯାଉଛି । ପରିବାର ସୀମିତ ରଖିବା ଦିଗରେ ପ୍ରୋତ୍ସାହନମାନ ଦିଆ ଯାଉଛି । ଏଥିରେ ଅବହେଳା କଲେ ନିରୁତ୍ସାହିତ କରିବାର ବ୍ୟବସ୍ଥା ମାନ ମଧ୍ୟ ଜନସାଧାରଣଙ୍କ ଆଗରେ ରଖା ଯାଉଛି । ଚାକିରିରେ ବାର୍ଷିକ ଇଙ୍କ୍ରିମେଣ୍ଟ, ପଦୋନ୍ନତି, ନିର୍ବାଚନରେ ଟିକେଟ ଇତ୍ୟାଦିଠାରୁ ଆରମ୍ଭ କରି ସରକାରୀ ନାଗା, ଘର ଇତ୍ୟାଦି ପାଇବାରେ ପିଲା ସଂଖ୍ୟା ଅନୁଯାୟୀ ଅଧିକାର ବଢୁଚି ବା କମୁଚି ।

ପିଲା ଜନ୍ମ ସଂଖ୍ୟା କମେଇବା ପାଇଁ ଆଜି ପର୍ଯ୍ୟନ୍ତ ଯେତେଗୁଡ଼ିଏ ପଦକ୍ଷେପ ନିଆଗଲାଣି ସେ ସବୁର ଶତକଡ଼ା ୯୦ ଭାଗରୁ ଅଧିକ ମହିଳାମାନଙ୍କ ଉପରେ ନିଆ ଯାଉଥିବା ବାସ୍ତବିକ ଚିନ୍ତାର ବିଷୟ ହୋଇ ପଡ଼ିଛି– ସଂସଦୀୟ ସ୍ଥାୟୀ ସଭା (Standing Committee)ର ପରି ସଂଖ୍ୟାନରୁ ଜଣା ପଡୁଛି ଯେ ଦେଶରେ ହେଉଥିବା ୯୬ ପ୍ରତିଶତ ଗର୍ଭ ନିରୋଧକ ଅପରେସନ୍ ମହିଳାମାନଙ୍କ ଉପରେ ହିଁ ହେଉଛି । ଏତେ ଅଧିକ ସଂଖ୍ୟାରେ ହେଉଥିବା ଏହି ଅପରେସନ୍ ମହିଳାମାନଙ୍କ ଉପରେ ଲଦିଥିବା ସାମାଜିକ ଚାପର ଯେ ଏକ ନଗ୍ନ ନମୁନା ଏହା ଅନସ୍ୱୀକାର୍ଯ୍ୟ । ନିଜର ସମ୍ପୂର୍ଣ୍ଣ ସ୍ୱାଧୀନ ଇଚ୍ଛାରେ ଯେ ସେମାନେ ଏହା କରି ନଥାନ୍ତି, ତାହା ଯେ କୌଣସି ଗାଁ ଗହଳିଠାରୁ ଆରମ୍ଭ କରି ସହରାଞ୍ଚଳରେ କାମ କରୁଥିବା ସ୍ୱେଚ୍ଛା ସେବୀ ସଂସ୍ଥା ବା କର୍ମୀ କହିପାରିବେ । ଦୂର ଦର୍ଶନ, ଖବର କାଗଜ ଓ ପତ୍ରିକା ଆଦି ସମସ୍ତ ଗଣ ମାଧ୍ୟମଗୁଡ଼ିକରେ ଏ ସଂକ୍ରାନ୍ତରେ ହେଉଥିବା ବିଜ୍ଞାପନଗୁଡ଼ିକ ପ୍ରାୟ ସର୍ବଦା ମହିଳାଭିମୁଖୀ–ଯଦି ନିୟନ୍ତ୍ରକ (ଯଥା ଲୁପ୍, ଔଷଧ (ମୋଲାଡ଼ି ଆଦି) ଅପରେସନ୍ ଅପେକ୍ଷା ପୁରୁଷମାନଙ୍କ ପାଇଁ ଆବଶ୍ୟକ ଗର୍ଭ ନିରୋଧକ (Contraceptive)ର ବ୍ୟବହାର ବା ଅପରେସନ୍ ବହୁ ଅଧିକ ଗୁଣରେ ସହଜ ଓ ନିରାପଦ ।

ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞମାନଙ୍କ ମତରେ ଲୁପ୍ ନେଉଥିବା ୪୦/୫୦ ପ୍ରତିଶତ ମହିଳାଙ୍କ ଅଣ୍ଟା, ପେଟ ଓ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ବା ଅତ୍ୟାଧିକ ରକ୍ତସ୍ରାବ ଭୋଗିବାକୁ ପଡ଼ିଥାଏ । (Tubectomy ଅପରେସନ୍ ବ ଲୁପ୍ ଦେବା ଆଦି ଗାଁ ଗହଳିରେ ବିଭିନ୍ନ ଶିବିରରେ କରାଯାଇଥାଏ ଏବଂ ଅପରେସନ୍ କରି ସାରିବାର ଅଳ୍ପ କିଛି ଦିନ ପରେ ତାହା ଉଠିଯାଏ ଆଉ ତା'ପରେ ବିଭିନ୍ନ ପ୍ରକାର ଅସୁବିଧା ଉପୁଜିବା ସମୟରେ ସ୍ତ୍ରୀ ଲୋକଟି ଡାକ୍ତରଖାନା ଯାଇପାରେ ନାହିଁ । ବା ଉପଯୁକ୍ତ ଧରଣ ଚିକିତ୍ସା ସୁବିଧା ପାଇପାରେ ନାହିଁ । ଅନଭିଜ୍ଞ ଧାଈମାନଙ୍କ ହାତରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ଭିତରେ ଚିକିତ୍ସା କରେଇ ମହଣଗରୁ ଯାଇ କାନ୍ତାରରେ ପଡ଼ିବା ସାର ହୁଏ । ଏପରି କି ଜୀବନ ମଧ୍ୟ ବିପଦାପନ୍ନ ହୋଇଥାଏ । ଲୁପ ନେବାର ମାସେ ୨ ମାସ ମଧ୍ୟରେ ଗର୍ଭ ସଞ୍ଚାର ହେବା କିଛି ଅଜଣା କଥା ନୁହେଁ । ଗର୍ଭପାତ କରିବା ସମୟ ସୀମା ପାର ହେବା ପରେ ପ୍ରାୟ ଏହା ଜଣା ପଡ଼ିଥାଏ । ଅନ୍ୟ ଦିଗରେ ବହୁ ଦିନ ଧରି ହରମୋନ୍ ବଟିକା ଖାଇବା ମଧ୍ୟ ସମ୍ପୂର୍ଣ୍ଣ ବିପଦମୁକ୍ତ ନୁହେଁ ବୋଲି ଡାକ୍ତରମାନେ ମତ ପ୍ରକାଶ କରି ସାରିଛନ୍ତି । ଏ ସମସ୍ତ କଥା ଭଲ ଭାବରେ ଅନୁଧ୍ୟାନ କଲେ ଜଣା ପଡୁଚି ଯେ ପରିବାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସ୍ତ୍ରୀମାନଙ୍କ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପମାନ ଅନେକ ସମୟରେ ସେମାନଙ୍କ ପାଇଁ ଦୁଃଖ କଷ୍ଟ ଆଉ ପରିବାର ପାଇଁ ଅଶାନ୍ତିର କାରଣ ହୋଇଥାଏ ।

ବର୍ତ୍ତମାନ ଦେଖିବା ପିଲା ଜନ୍ମ କରିବାର ନିଷ୍ପତ୍ତି ପ୍ରକୃତରେ କିଏ ନିଏ ? ଆମ ପୁରୁଷ ପ୍ରଧାନ ସମାଜରେ ସ୍ତ୍ରୀମାନଙ୍କର (ବିଶେଷତଃ ଗାଁ ଗହଳିରେ) ଏ ବିଷୟରେ ନିଷ୍ପତ୍ତିକୁ ପ୍ରାୟ କିଛି ଗୁରୁତ୍ୱ ଦିଆଯାଇ ନଥାଏ । ବେପରୁଆ ଢଙ୍ଗରେ ପିଲା ଜନ୍ମ କଥାଟିକୁ ଗ୍ରହଣ କରାଯାଇଥାଏ । ଗୋଟିଏ ପିଲାକୁ ମଣିଷ କରିବା ଯେ, କେତେ ବିରାଟ ଏକ ଦାୟିତ୍ୱ ତା ମଧ୍ୟ କେହି ଅନୁଭବ କରନ୍ତି ନାହିଁ । 'ଭଗବାନ ଦେଇଛନ୍ତି' ଭାବି ପ୍ରତ୍ୟେକ ଥର ଗର୍ଭ ହେବା ପରେ ପିଲା ଜନ୍ମକୁ ଏକ ସ୍ୱାଭାବିକ ଘଟଣା ବୋଲି ଧରି ନିଆଯାଏ । ମା'ର ଆପତ୍ତିକୁ ସମ୍ପୂର୍ଣ୍ଣ ଆଗ୍ରହ କରି ଦିଆଯାଏ ଆଉ ଯଦି ଗୋଟିଏ ପରେ ଗୋଟିଏ ଝିଅ ଜନ୍ମ ହେଉଥାଏ ତେବେ ସେ ସ୍ତ୍ରୀ ଲୋକଟିର ଦୁର୍ଦ୍ଦଶା ଅକଥନୀୟ । ସ୍ୱାମୀ ଓ ପରିବାର ପୁଅଟିଏ ପାଇଁ ଏପରି ଅଦମ୍ୟ ଇଚ୍ଛା ପ୍ରକାଶ କରନ୍ତି ଯେ ତାକୁ ବିରୋଧ କରିବା ପାଇଁ ସେ ଶକ୍ତି ଖୋଜିପାଏ ନାହିଁ । ସେ ଆଉ ନିଜର ମା, ହେବ କି ନାହିଁ ତାହା ଅନ୍ୟମାନଙ୍କ ଉପରେ ନିର୍ଭର

କରେ । ପ୍ରତିବାଦର ସ୍ୱର ବାହାରିବା ଆଗରୁ ତା'ର କଣ୍ଠରୋଧ କରି ଦିଆଯାଏ । ନିହାତି ଅନିଚ୍ଛା ପ୍ରକାଶ କଲେ ସ୍ୱାମୀ ଦ୍ୱାରା ପରିତ୍ୟକ୍ତ ହେବାର ଭୟ ମଧ୍ୟ ଦେଖା ଦେଇଥାଏ ।

ସାରା ଦେଶରେ ଜନ ସଂଖ୍ୟା କମେଇବା ପରି ଏକ ବିରାଟ ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବରେ ସ୍ତ୍ରୀମାନଙ୍କ ଉପରେ ଲଦି ଦିଆଯିବା ନିହାତି ଅନ୍ୟାୟ । ପୁରୁଷମାନେ ବନ୍ଧ୍ୟାକରଣ କରିବାକୁ ଚାହାନ୍ତି ନାହିଁ । ପୁରୁଷତ୍ୱହାନୀ ହେବା ଭୟରେ (Contraceptive) ବ୍ୟବହାର କରିବା ପସନ୍ଦ କରନ୍ତି ନାହିଁ । ଏହା ଏକ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ଉପାୟ ମଧ୍ୟ ନୁହେଁ "ଦେଖୁ ତୋର ଯଦି ପିଲାଦରକାର ନାହିଁ ତୁ ଯାହା କରୁଛୁ କର" ଏଭଳି ସ୍ୱାମୀଙ୍କର ମନୋବୃତ୍ତି ସ୍ତ୍ରୀକୁ ବାଧ୍ୟ କରେଇଥାଏ ଅପରେସନ୍ କରିବା ପାଇଁ– ତେଣୁ ଟଙ୍କା ପଇସା ସ୍ୱାସ୍ଥ୍ୟ ସମୟ ଆଉ ଭବିଷ୍ୟତ ଦୃଷ୍ଟିରୁ ମା' ହିଁ ବାଧ୍ୟ ହୋଇ ଯାଇଥାଏ ଡାକ୍ତରାଣୀଙ୍କ ପାଖକୁ, ଅବଶ୍ୟ ବ୍ୟତିକ୍ରମ ଯେ ନାହିଁ ତା ନୁହେଁ– ତେବେ ତାହା ଅତି ନଗଣ୍ୟ କହିଲେ ଚଳେ ।

ମାତୃତ୍ୱ ସୁବିଧା ସୁଯୋଗ ଆଇନରେ କେତେକ ସଂଶୋଧନ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି । ବେସରକାରୀ ସଂଗଠିତ କ୍ଷେତ୍ର ଯଥା କଳକାରଖାନା, ଖଣି, ସର୍କସ, ଚାହା ବଗିଚା ଇତ୍ୟାଦି ଯେଉଁଠାରେ ୧୦ ଜଣରୁ ଅଧିକ ମହିଳା କାମ କରୁଛନ୍ତି ସେମାନଙ୍କୁ ମାତୃତ୍ୱ ଜନିତ ସୁବିଧା ଦୁଇଟି ସନ୍ତାନ ପରେ ଆଉ ନ ହେବା ଏହାର ଲକ୍ଷ୍ୟ । ଏହାଫଳରେ ଦୁଇଟି ସନ୍ତାନ ଥିବା ମହିଳା କର୍ମଚାରୀମାନେ ଏହି ସୁବିଧାଗୁଡ଼ିକରୁ ବଞ୍ଚିତ ହେବେ ଯଦିଓ ତୃତୀୟ ଗର୍ଭ ଧାରଣ ସମ୍ପୂର୍ଣ୍ଣ ଭାବରେ ତାଙ୍କର ଇଚ୍ଛା ବିରୋଧ ହୋଇଥାଇପାରେ, ସୁବିଧା ସୁଯୋଗଗୁଡ଼ିକ ମଧ୍ୟରେ ଦରମା ସହ ୩ ମାସର ଛୁଟି, ଔଷଧ ପାଇଁ ଖର୍ଚ୍ଚ, ପିଲା ହେବା ପରେ ହାଲୁକା ଧରଣର କାମ, ସ୍ତନ୍ୟପାନ କରାଇବା ପାଇଁ ଦୁଇଥର କିଛି ସମୟ ପାଇଁ ଅଫିସ କାମରୁ ଛୁଟି ଇତ୍ୟାଦି ଅଛନ୍ତି ।

ଯେହେତୁ ଏପରି ମହିଳାମାନେ ସାଧାରଣତଃ ନିମ୍ନ ବା ନିମ୍ନ ମଧ୍ୟବିତ୍ତ ଶ୍ରେଣୀରୁ ଆସି ଥାଆନ୍ତି ତାଙ୍କ ପାଇଁ ତିନି ମାସ ବିନା ଦରମାରେ ଛୁଟି ନେବା ମଧ୍ୟ ଏକ ବିରାଟ ସମସ୍ୟା ହେବ । କିନ୍ତୁ ଜନ ସଂଖ୍ୟା ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ ହୋଇଥିବା ଦୃଷ୍ଟିରୁ ଏହାକୁ ପରିବାର ସୀମିତ ରଖିବା ଦିଗରେ ଏକ ପ୍ରୋତ୍ସାହନ ବୋଲି ଧରି ସ୍ୱାଗତ କରିବା ଉଚିତ ।

ତଥାପି ସବୁଗୁଡ଼ିକ ସୁବିଧା ଏକା ସଙ୍ଗେ ପ୍ରତ୍ୟାହାର କରିଦେଲେ ତାହା ସେମାନଙ୍କର ପରୋକ୍ଷରେ କ୍ଷତି ସାଧନ କରିବାର ସମ୍ଭାବନା ରହିଛି । କେତେକ ଆବଶ୍ୟକ ପରିବର୍ତ୍ତନ କରାଗଲେ ଏହା ସମସ୍ତଙ୍କ ପକ୍ଷରେ ଅଧିକ ଗ୍ରହଣୀୟ ହୋଇ ପାରିବ, ଯ[illegible] କି ତୃତୀୟ ଏବଂ ପରବର୍ତ୍ତୀ ସନ୍ତାନ ଜନ୍ମ ସମୟରେ ମ[illegible] କର୍ମଚାରୀମାନେ ବେତନ ବିହିନ ଛୁଟି ପାଇବେ କିନ୍ତୁ ଚିକି[illegible] ପାଉଥିବା ସମସ୍ତ ଆର୍ଥିକ ସୁବିଧା ପୂର୍ବ ପରି ପାଇବାକୁ ହ[illegible] ହେବେ । ଏହାଦ୍ୱାରା ମାତା ଏବଂ ଶିଶୁ ଉଭୟଙ୍କର [illegible] ଅବହେଳିତ ହେବ ନାହିଁ । ଦେଶରେ ଶିଶୁ ମୃତ୍ୟୁ ହାର (In[illegible] Morality Rate) ଅତ୍ୟଧିକ ହେଉଥିବା ଯୋଗୁ [illegible] ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି ଏହି ଆଇନ [illegible] କମେଇବା ଦିଗରେ ପଚିପଛୀ ହୋଇପାରେ– ଅନ୍ୟାନ୍ୟ ସୁ[illegible] ସୁଯୋଗଗୁଡ଼ିକରେ କଠୋର ନ ହୋଇ କର୍ତ୍ତୃପକ୍ଷ ସଦୟ [illegible] ପୋଷଣ କରିବା ଉଚିତ । ସେମାନଙ୍କର ଚାକିରି ମଧ୍ୟ [illegible] ସୁରକ୍ଷିତ ରଖିବା ପାଇଁ ଆଇନରେ ବ୍ୟବସ୍ଥା ରହିବା ଆବ[illegible] ଦ୍ୱିତୀୟରେ ସଂଶୋଧିତ ଆଇନ ସଙ୍ଗେ ସଙ୍ଗେ ଲାଗୁ ନ [illegible] ଅନ୍ତତଃ ବର୍ଷେ ପରେ ଲାଗୁ ହେବା ଉଚିତ । ବର୍ଷକ ମଧ୍ୟରେ [illegible] ମାଧ୍ୟମ ଏବଂ ସଭା ସମିତି ଆଦି କରି ଏହି ପରିବର୍ତ୍ତିତ [illegible] ବିଷୟରେ ସମସ୍ତଙ୍କୁ ସଚେତନ କରାଯିବା ନିତାନ୍ତ ଜରୁରୀ । [illegible] ଦ୍ୱାରା ଖାଲି ମହିଳାମାନଙ୍କର ନୁହେଁ, ସେମାନଙ୍କର ସ୍ୱାମୀମାନ[illegible] ମଧ୍ୟ କିଛିଟା ମାନସିକ ପ୍ରସ୍ତୁତି ଆଶା କରାଯାଇ ପାରିବ ।

ଏହାବ୍ୟତୀତ, ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପୁରୁଷମାନ[illegible] ଅଧିକ ସଂଖ୍ୟାରେ ଯୋଗଦାନ କରିବା ନିହାତି ଆବଶ୍[illegible] ସେମାନଙ୍କ ମନରେ ରହିଥିବା କୁଣ୍ଠା ଓ ଅଜ୍ଞାନତାକୁ ଦୂର କ[illegible] ପାଇଁ "ପୁରୁଷ ଅସ୍ତ୍ରୋପଚାର ପ୍ରଣାଳୀ ଯେ ଅତି ନିରାପ[illegible] ସହଜ" ଏହି ବିଷୟରେ ବହୁଳ ପ୍ରଚାର କରାଯିବା ଦରକା[illegible] ଆଉ ମଧ୍ୟ ଶିକ୍ଷା ମାଧ୍ୟମରେ ପୁଅ ଝିଅଙ୍କ ମଧ୍ୟରେ ଥିବା ଫ[illegible] ଦୂର କରିବାକୁ ପ୍ରୟାସ ହେବା ଦରକାର । ତା ନ[illegible] ନାରୀମାନଙ୍କ ଉପରେ ରହିଥିବା ସାମାଜିକ ଏବଂ ପାରିବାରିକ [illegible] ଆପେ ଆପେ କମିଯିବ ଏବଂ ଜନ ସଂଖ୍ୟା ମଧ୍ୟ ବହୁ ପରିମାଣ[illegible] ନିୟନ୍ତ୍ରିତ ହୋଇ ପାରିବ । କେବଳ ନାରୀମାନଙ୍କୁ ପ୍ରଭାବିତ [illegible] ବା ଗର୍ଭାବସ୍ଥାରେ ପାଉଥିବା ସୁବିଧା ସୁଯୋଗଗୁଡ଼ିକୁ [illegible] ନିଆଗଲେ ଜନସଂଖ୍ୟା ପରି ଅତିକାୟ ସମସ୍ୟାର ସମା[illegible] ହୋଇ ପାରିବ ନାହିଁ । ପୁରୁଷମାନେ ମଧ୍ୟ ଏହି କାର୍ଯ୍ୟକ୍ର[illegible] ସମାନ ଭାବରେ ସାମିଲ ହେବା ଦରକାର । ବହୁ [illegible] ଜନ୍ମକରି କଷ୍ଟ ଯନ୍ତ୍ରଣା ସହ୍ୟ କରିବାକୁ ନାରୀକୁ ବାଧ୍ୟ କ[illegible] ପରିସ୍ଥିତିଗୁଡ଼ିକର ନିୟନ୍ତ୍ରଣ ଓ ପରିବର୍ତ୍ତନ ନ କରି [illegible] ସୁବିଧାଗୁଡ଼ିକ ପ୍ରତ୍ୟାହାର କରିନେଲେ ସେମାନଙ୍କର ଦୁର୍ଦ୍ଦଶା [illegible] ସିନା କମିବ ନାହିଁ ।

ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନ ।

ପଠାଣୀ ସାମନ୍ତ

ରଞ୍ଜନ କୁମାର ମହାପାତ୍ର

ବିଦୂ କାଳରୁ
ପୃଥିବୀର ସୃଷ୍ଟି
ଗ୍ରହ, ନକ୍ଷତ୍ରର
ସୃଷ୍ଟି,
ତା'ଠୁ ପୁରୁଣା ।୧।

ଏ ପୃଥିବୀର
ଲୋକ
ନିଜ ବୁଦ୍ଧି
ବଳରେ
ସେମାନଙ୍କର
ଗତି, ପ୍ରକୃତିକୁ
ଜାଣିଲା
ବିଜ୍ଞାନୀ ହୋଇ ।୨।

ଦି' ଖଣ୍ଡ
ବାଉଁଶ ନଳର
ସାହାଯ୍ୟ ନେଇ
ଏ ମାଟିର
ବରପୁତ୍ର
ଓଡ଼ିଆ ପୁଅ
ଗ୍ରହ, ନକ୍ଷତ୍ରକୁ
ନିରୀକ୍ଷଣ କରି
ସେମାନଙ୍କ
ବିଷୟରେ
ବହୁ କଥା
ଜାଣିଲା,
ସେ ସମସ୍ତ
ସମସ୍ତଙ୍କୁ
ଜଣାଇଲା,
ଜ୍ୟୋତିର୍ବିଦଙ୍କ
ସୁବିଧା ପାଇଁ
ସିଦ୍ଧାନ୍ତ ଦର୍ପଣ
ଲେଖିଥିଲା
ଜ୍ଞାତ ହୋଇଥିବା
ବିଷୟକୁ
ପାଥେୟା କରି ।୩।

ଗୋରା ସାହେବୀଙ୍କୁ
ନିଜ ବିଦ୍ୟାର
ଚମତ୍କାରୀତାରେ
ବିମୁଗ୍ଧ କଲା
ଦୁଇ ଖଣ୍ଡ
ବାଉଁଶ ନଳୀରେ
ଦୂର ପାହାଡ଼ର
ଦୂରତ୍ୱକୁ
ନିର୍ଭୁଲ ମାପି ।୪।

ସେ ଓଡ଼ିଆ
ମାଟିର ପୁଅ
ଓଡ଼ିଶାର
ଗୌରବ
ଇତିହାସର
ପୁରୁଷ
ପଠାଣୀସାମନ୍ତ
ଆମ ଜାତିର
ପ୍ରାତ ସ୍ମରଣୀୟ ।୫।

ଦଗରପଡ଼ା, ବଣିଆସାହି,
କଟକ-୨ ।



ଅଜା ପଢ଼ିଲେ ପାଠ

ପ୍ରକାଶ କୁମାର ସିଂହ

ମାଆଁ ତ ପଠେଇଥିଲେ କଟକରୁ
ଟଙ୍କା ମୋଟେ ପାଞ୍ଚଶହ
ଡାକବାଲା ଆସି ଡାକିଲା ଦୁଆରେ
ଟଙ୍କା ଆସି ନେଇଯାଅ
ଅଜା ଯେ ଧାଇଁଲେ ସବୁ ଧନ୍ଦା ଛାଡ଼ି
ପାଶେ ଯାଇ ହେଲେ ଛିଡ଼ା
ଡାକବାଲା ଏବେ ବାହାର କରିଲା
ମୁଣିରୁ ତା' ଟଙ୍କା ବିଡ଼ା
ଅଜାଙ୍କୁ ବଢ଼େଇ ଖାତା ଓ କଲମ
କହେ ଦସ୍ତଖତ କର

ଅଜା ପଡ଼ିଗଲେ ମହା ଅଡୁଆରେ
ହେଲେ ଖାଲି ହରବର
ବାହାର କରିଲେ ବୁଢ଼ା ଆଙ୍ଗୁଠିକୁ
ମାରିଦେଲେ ଟିପଚିହ୍ନ
କାହିଁଥିଲା ମୁନା ଦଉଡ଼ି ଆସିଲା
କହିଲା ଅଜା ଏ କ'ଣ
ପାଠ ପଢ଼ି ନାହିଁ ବୋଲି ସିନା ତମେ
ପାରୁନ ଦସ୍ତଖତ ମାରି

ମୋ ସଙ୍ଗରେ ଆସ ପଢ଼ିବ ଯେ ପାଠ
ପାରିବ ହିସାବ କରି
ମୋ ଇଂରାଜୀ ବହି ପଢ଼ି ବି ପାରିବ
ପାରିବ ଯେ ଚିଠି ଲେଖି
ମୁହିଁ ହେବି ତୁମ ପଢ଼ାଶିକ୍ଷକ
ସବୁକଥା ଯିବ ଶିଖି
ଆନନ୍ଦରେ ଅଜା ନାତିକୁ ଏପରି
କୋଳେ ତାଙ୍କ ଟାଣି ନେଲେ
ମୁନା ପଢ଼େଇଲା ଅଜା ଯେ ପଢ଼ିଲେ
ସାକ୍ଷର ସେ ଏବେ ହେଲେ ।

ସମ୍ପାଦକ, 'ଝୁଙ୍କିଝୁଙ୍କା', ଓମିନର,
ଢେଙ୍କାନାଳ-୭୫୯୦୦୧ ।

ଧନୁ ଯାତ୍ରା

ସୂର୍ଯ୍ୟ ଦେଓ

ପୌଷ ପଶ ଝରାର ଋତୁ । ଶିରଶିରିଆ ଶୀତୁଆ ପବନ ଥରଥର କ୍ଷିଣ ଯାଏ ଦେହକୁ । କାଲେଇ ଯାଏ ଦେହ । ସକାଳର କୁହୁଡ଼ି ସହଜ ସହଜ ନିଭେ ନାହିଁ । କୁହୁଡ଼ି ନିଭିଲେ ଧାଁଏ ନରମ ଖରା ଥରଥର ହୋଇ ବିଛାଇଯାଏ ଅଗଣା ସାରା । ଆଜି ପୌଷ ଶୁକ୍ଳପକ୍ଷର ଷଷ୍ଠୀ ତିଥି । ସଭିଏଁ ଆଜି ଦିନରେ କାନେଇଛନ୍ତି ଏକ ଅନାଗତ ଡାକରାକୁ । ସହରରେ ହୋ ନାହିଁ/ହାଲ୍ଲା ନାହିଁ, ସଭିଏଁ ସଂସ୍ତ/ଶୁନ୍‌ଶାନ/ଚୁପ୍‌ଚାପ୍ । ହୁଏତ ଯେ କୌଣସି ମୁହୂର୍ତ୍ତରେ ଡାକରା ଶୁଭିପାରେ–"ହୋସିଆର ! ସାବଧାନ ! ମଥୁରା ନଗରୀରେ ପ୍ରବଳ ପ୍ରତାପୀ, ମହାପରାକ୍ରମୀ, ରାଜାଧିରାଜ ମହାରାଜ କଂସ ନଗର ପରିକ୍ରମାରେ ବିଜେ ହୋଇଛନ୍ତି ହୋ" ।

ଏହା କୌଣସି ଗୀତି ନାଟକର ପୂର୍ବାଭାସ ନୁହେଁ । ପୌଷ ଶୁକ୍ଳପକ୍ଷ ଷଷ୍ଠୀଠାରୁ ପୂର୍ଣ୍ଣିମାଯାଏ ୯ ଦିନ ଧରି ଚାଲୁଥିବା ପର୍ବାଣ, ଦର୍ଶନ, ଅଭିନୟର ମିଶାମିଶି ଝଲକଟିଏ ମାତ୍ର । ପୌରାଣିକ ଗାଥା ଦେବକୀ ବିବାହଠାରୁ କଂସ ବଧ ଯାଏର ଏକ ଜୀବନ୍ତ ପୁନଃ ସଂଘଟଣ । ପୁନଃ ସଂଘଟଣର ରଙ୍ଗମଞ୍ଚର ପରିସୀମା ୩୦ କିଲୋମିଟର । ସହରର ପ୍ରତ୍ୟେକ ବ୍ୟକ୍ତି ସଂଘଟଣର ଜଣେ ଜଣେ ଚରିତ୍ର । ପର୍ବାଣ ଦର୍ଶନକୁ ଉପଭୋଗ କରିବାକୁ ଆସୁଥିବା ଜଣେ ଜଣେ ଦର୍ଶକ ସଂସ୍କରଣର ଜଣେ ଜଣେ ଅଭିନେତା ।

ଏହି ପୌରାଣିକ ସଂଘଟଣ ବା ଯାହାକୁ ଲୋକ ନାଟକ ବୋଲି କୁହାଯାଇପାରେ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ସୀମାନାରେ ଅବ୍ୟାହତ ରହିଛି । ସୀମାନା : ବରଗଡ଼/ଲୋକ ନାଟକ : ଧନୁଯାତ୍ରା ।

ଅସ୍ପଷ୍ଟ ଇତିହାସ :

ଧନୁ ଯାତ୍ରା ଏକ ଉତ୍ସବ, ଏକ ଲୋକ ନାଟକ । ଏହାର ଇତିହାସ ଅସ୍ପଷ୍ଟ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବରଗଡ଼ ସୀମାନାରେ କୃଷ୍ଣଲୀଳା ହେଉଥିବାର ପ୍ରମାଣ ପୁରାତନ ପୋଥିରୁ ମିଳିଥିଲେ ହେଁ ଧନୁ ଯାତ୍ରା ଶୀର୍ଷକ ଉତ୍ସବର ଆରମ୍ଭ ସମ୍ପର୍କିତ ସବିଶେଷ ତଥ୍ୟ ଏଯାଏଁ ମିଳିପାରି ନାହିଁ । ବୟସ୍କ ବ୍ୟକ୍ତିଙ୍କର ମତ ସଂଗ୍ରହ କଲେ ମଧ୍ୟ ଭିନ୍ନ ଭିନ୍ନ ମତର ପରିପ୍ରକାଶରେ ଧନୁ ଯାତ୍ରାର ଇତିହାସ ଧୂସର ଧୂସର ଲାଗେ ।

ନଅ ଦିନର ଅଭିନୟ/ନଅ ଦିନର ଜୀବନ :

ନିର୍ବାଚିତ କାହାଣୀଟିଏ ନେଇ, ଏକାଧିକ ଚରିତ୍ରଙ୍କର କିଛି ସଂଳାପ ଓ ଅଭିନୟ ସଂଯୋଜନା କରି ଆଖିରେ ଅନେଇ ହେଉଥିବା ମଞ୍ଚରେ ପାଦ ପ୍ରଦୀପଟିଏ ଜାଳିଦେବା ହୁଏତ ନାଟକର ପରିଭାଷା ହୋଇପାରେ । ନାଟକର ସମସ୍ତ ସୀମା ଥିଲେ ଥାଇପାରେ ଅଧଘଣ୍ଟାରୁ ଆରମ୍ଭ କରି ଛ' ଘଣ୍ଟାଯାଏ । କିନ୍ତୁ ଧନୁ ଯାତ୍ରାର ସମସ୍ତ ସୀମା ଘଣ୍ଟାରେ ନୁହେଁ, ଦିନରେ ଚାଲିଥାଏ, ମଞ୍ଚକୁ ଆଖେଇ ହୁଏ ନାହିଁ, ମନରେ ଅନେଇ ହୁଏ କେବଳ । କାହାଣୀ ମଧ୍ୟ ନିର୍ବାଚିତ ନୁହେଁ – ଚିରାଚରିତ । ଭାଗବତ, ହରିବଂଶ, କିମ୍ବଦନ୍ତୀ, ଲୋକକଥା, ଜନଶ୍ରୁତିର ମିଶାମିଶି କାହାଣୀ । କୃଷ୍ଣ ଲୀଳା ଓ କଂସବଧର କାହାଣୀ । ବରଗଡ଼ ସହର ଷଷ୍ଠୀଠାରୁ ହୋଇଯାଏ ମଥୁରା କଟକ, ଆମାପାଲୀ ଗାଁ ହୁଏ ଗୋପପୁର । ବରଗଡ଼ ସହରର ପଶ୍ଚିମରେ ବୋହିଯାଉଛି ଜୀରାନଈ । ସେ ନଈର ନାଁ ହୋଇଯାଏ ଯମୁନା । ଷଷ୍ଠୀ ଦିନରୁ ଅଭିନୟ ଆରମ୍ଭ ହୁଏ ମଥୁରା କଟକରେ (ବରଗଡ଼ରେ) । ବରଗଡର ହାଟପଦା କଂସ ରାଜାଙ୍କ ଦରବାର । ପ୍ରଥମ ଦିନରେ ଦେବକୀଙ୍କ ବାହାଘର, ଦମ୍ପତିଙ୍କ ସହ କଂସର ନଗର ଭ୍ରମଣ ସହ ବିଜୁଳି କନ୍ୟାର ଶୂନ୍ୟବାଣୀ ଦୃଶ୍ୟ ଅଭିନୟ ହେବା ସହ କଂସ, ବସୁଦେବ ଓ ଦେବକୀଙ୍କୁ ବରଗଡ଼ର ରାମଜୀ ମନ୍ଦିରଠାରେ ବନ୍ଦୀ କରିବାର ଅଙ୍କ ମଧ୍ୟ ଶେଷ ହୁଏ । ଦ୍ୱିତୀୟଦିନ ରାମଜୀ ମନ୍ଦିର (ବନ୍ଦୀଶାଳା)ରେ କୃଷ୍ଣ ଜନ୍ମ ହୁଅନ୍ତି, ଗୋପପୁର (ଆମାପାଲୀ)ରୁ ବିଜୁଳି କନ୍ୟା ଆସେ ବନ୍ଦୀଶାଳାକୁ, ବସୁଦେବ କୃଷ୍ଣଙ୍କୁ ଗୋପପୁର ନେଇଯାନ୍ତି । କଂସ ସମଲାଇ ମନ୍ଦିର ନିକଟସ୍ଥ ଏକ ଚଟାଣରେ ବିଜୁଳି କନ୍ୟାକୁ ପ୍ରହାର କରେ ଓ ନିଜ ନିଧନ ସମ୍ପର୍କିତ ଶୂନ୍ୟବାଣୀ ଶୁଣେ । ଅନ୍ୟ ଦିନମାନଙ୍କରେ ଗୋପପୁର (ଆମାପାଲୀ)ରେ କୃଷ୍ଣଙ୍କ ସମସ୍ତ ବାଲ୍ୟଲୀଳା ଏବଂ ଅଘା, ବକା, ପୁତନା ରାକ୍ଷସ/ରାକ୍ଷସୀକୁ ନିଧନ, ବସ୍ତ୍ର ହରଣ, ରାସ କ୍ରୀଡ଼ା, ଅକ୍ରୁରଙ୍କ ଗୋପପୁରକୁ ଆଗମନ, କୃଷ୍ଣଙ୍କ ଗୋପପୁରରୁ ମେଲାଣି ଉତ୍ସବ ଅଭିନୀତ ହୋଇଥାଏ । କୃଷ୍ଣଙ୍କ ବାଲ୍ୟଲୀଳାରେ ଆମାପାଲୀର ସବୁ ଗ୍ରାମବାସୀ ସାମିଲ ହୁଅନ୍ତି । ସେଠାରେ କାଳୀୟ ଦଳନ ଫକୀରା ବନ୍ଧଠାରେ, ବସ୍ତ୍ର ହରଣ ଆମ୍ବ · ତୋଟାର କଦମ୍ବ ଗଛ ମୂଳେ, ଗାଈ ଚରଣ ଆସମାଳରେ, ନବକେଳି ମୀନାବନ୍ଧରେ, ରାସ କ୍ରୀଡ଼ା ଗାଁ ମୁଣ୍ଡର ଏକ ବଡ଼ ବରଗଛ ତଳେ ନିର୍ମିତ ପୂଜା ମଣ୍ଡପରେ, ବ୍ରହ୍ମାଙ୍କ ବଂଶୀଦାନ , ବେଣୁବାବା ମଠ ପଛରେ ଅଭିନୟ ହୋଇଥାଏ ।

କୃଷ୍ଣ ଗୋପପୁରକୁ ମେଲାଣି ନେବା ଦିନ ଆମାପାଲୀ ଛକରୁ ବରଗଡ଼ର ଶାହୁର ଟିକିରା ମଠ ଯାଏ ଗହଳି ଲାଗିଥାଏ। କୃଷ୍ଣ, ବଳରାମ ଅକ୍ରୁରଙ୍କ ସହ ସେଦିନ ମଥୁରା କଟକ (ବରଗଡ଼) ଆସନ୍ତି। ଏହା ଅଷ୍ଟମ ଦିନର ଅଭିନୟ। ନବମ ଦିନରେ କଂସ ବଧ ହୁଏ ଓ ଦୀର୍ଘ ଲୋକ ନାଟକର ପରିସମାପ୍ତି ଘଟେ। କଂସର କୁଶ ପୁତ୍ତଳିକା ଦାହ କରାଯାଏ। ନାଟକ ସରିଲାପରେ କଂସ ଚରିତ୍ର ସହ କଂସର ପାରିଷଦ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତିମାନେ ସିଧା ପୁରୀ ଯାଆନ୍ତି, ଜଗନ୍ନାଥ ଦର୍ଶନ କରନ୍ତି ଓ ଲଣ୍ଡା ହୁଅନ୍ତି। କୁହାଯାଏ ଦୁରାଚାରୀ ଭୂମିକା କଂସ ଓ ପାରିଷଦରେ ଅଭିନୟ କରୁଥିବା ହେତୁରୁ ସେମାନେ ପୁରୀ ଯାଇ ପ୍ରାୟଶ୍ଚିତ କରନ୍ତି, ଲଣ୍ଡା ହୁଅନ୍ତି।

ସବୁ ଦର୍ଶକ ଜଣେ ଜଣେ ଅଭିନେତା :

ଗୋପପୁର (ଆମାପାଲୀ)ରେ ବା ମଥୁରା କଟକ (ବରଗଡ଼)ରେ ଧନୁ ଯାତ୍ରା ଉତ୍ସବ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତି ସେଠି ଜଣେ ଜଣେ ଅଭିନେତା ହୋଇଯାନ୍ତି। ହେବାକୁ ବାଧ୍ୟ ହୁଅନ୍ତି। ଗୋପପୁରରେ ଦର୍ଶକଙ୍କୁ କୃଷ୍ଣ ସଖା କରିଯାଉନ୍ତି ବା ମଥୁରା କଟକରେ କଂସ ଦର୍ଶକଙ୍କୁ ପ୍ରଜା ମନେକରି ହୁକୁମ ଦେଇପାରେ। ଦର୍ଶକଙ୍କୁ ମାନିବାକୁ ହିଁ ହେବ। ଏହା ପରମ୍ପରା। ଉତ୍ସବର ନଅଟି ଯାକ ଦିନରେ କଂସ ଚରିତ୍ରରେ ଅଭିନୟ କରୁଥିବା ଅଭିନେତାର ହିଁ ମଥୁରା ନଗରୀରେ ରାଜତ୍ୱ ଚାଲେ। ସେ ଯାହା ଆଦେଶ ଦେବ, ମଥୁରା ବାସୀଙ୍କୁ ମାନିବାକୁ ପଡ଼ିବ। ଆଠଦିନ ପାଇଁ ବରଗଡ଼ର ସର୍ବମୟ କର୍ତ୍ତା କଂସ। ସେ ରୋଜ୍ ତା'ର ଲୋକମଣ୍ଡକୁ (ହାଟପଦାରେ ମଣ୍ଡ ତିଆରି ହୋଇଥାଏ) ଆସିବ। ସିଂହାସନରେ ବସିବ। ତା'ର ଉଭୟ ପାର୍ଶ୍ୱରେ ଶ୍ୱଶୁର, ମୁଷ୍ଟିକ ଥିବେ। ସିଂହାସନରେ ଆରୁଢ଼ ମହାରାଜଙ୍କ ସାମ୍ନାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ ହେବ। ସନ୍ଧ୍ୟାରୁ ଦ୍ୱିତୀୟ ପ୍ରହର ଯାଏ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଉତ୍ସବ ଦିନମାନଙ୍କରେ କଂସ ରାଜ ପାଣ୍ଠିରୁ ପ୍ରଜାଙ୍କୁ ଅନୁଦାନ ଦେଇପାରେ, ତା' ଦୃଷ୍ଟିରେ ଦୋଷୀ ସାବ୍ୟସ୍ତ ଯେ କୌଣସି ବ୍ୟକ୍ତିକୁ ଅର୍ଥଦଣ୍ଡ ଦେଇପାରେ। ସଭିଏଁ ମାନିବାକୁ ବାଧ୍ୟ। ଏଠି ସବୁ ଦର୍ଶକ ଜଣେ ଜଣେ ଅଭିନେତା। ତେବେ ଏହି ଉତ୍ସବରେ କାହାରି ସଂଳାପକୁ ରଚନା କରାଯାଇ ନଥାଏ। ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ, ଅଧା ଇଂରାଜୀର ଡାଇଲଗ୍ ମଧ୍ୟ ଚାଲେ। କଂସ ମହାରାଜ ନଗର ପରିକ୍ରମା କଲାବେଳେ ଯେ କୌଣସି ରାଜକୀୟ ଡାଇଲଗ କହିପାରେ, ସହରର ଖଳ ଲୋକଙ୍କୁ ଦଣ୍ଡ ଦେଇପାରେ, ବ୍ୟବସାୟୀଙ୍କୁ ଜୋରିମାନା କରିପାରେ, ସହରକୁ ତତ୍କ୍ଷଣାତ୍ ପରିଷ୍କାର ପରିଚ୍ଛନ୍ନ କରିବାକୁ ଆଦେଶ ଦେଇପାରେ। କର୍ତ୍ତବ୍ୟ ତତ୍କ୍ଷଣାତ୍ ପାଳିତ ହୁଏ ମଧ୍ୟ। ସେ ତ ପରାକ୍ରମୀ ତା'ର ଆଦେଶକୁ ପାଳନ ନକରିବାର ସାଧ୍ୟ କାହାରି ବରଗଡ଼ (ମଥୁରାନଗରୀ)ର ସମସ୍ତ ଜନସାଧାରଣ ଓ ଏହି ଉତ୍ସବ ମଧ୍ୟରେ ଆସିଥିବା ସମସ୍ତ ବ୍ୟକ୍ତିବିଶେଷ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତିର ଆଦେଶ ମାନିବା ବାଧ୍ୟ। ଏହା ଯେ ପରମ୍ପରା। ଏଥିରୁ ବାଦ୍ ଯାଇ ନାହିଁ।

ବିଜୁବାବୁ ଓ କଂସ ରାଜା :

ଗତ ବର୍ଷ ୧୯୯୩ରେ ଓଡ଼ିଶାର ମାନ୍ୟବର ମୁଖ୍ୟ ଶ୍ରୀ ବିଜୁ ପଟ୍ଟନାୟକ ଏହି ଧନୁ ଯାତ୍ରା ଉତ୍ସବକୁ ଯାଇଥି ସେଠାରେ ରାଜା କଂସ ବିଜୁବାବୁଙ୍କୁ "କଳିଙ୍ଗ ସମ୍ରାଟ" ସ୍ୱାଗତ କରି ମଥୁରା କଟକ (ବରଗଡ଼)ର ଉନ୍ନତି ପାଇଁ କରିବାକୁ ପରାମର୍ଶ ଦେଇଥିଲେ। ତତ୍‌ସହ ମଥୁରା କଟକ କଳିଙ୍ଗର ମୈତ୍ରୀ ସ୍ଥାପନ ପାଇଁ ଏକ ଲକ୍ଷ ଟଙ୍କା ଭେଟି ବିଜୁବାବୁଙ୍କୁ ରାଜା କଂସ ଆଦେଶ ଦେଇଥିଲେ। କଳିଙ୍ଗ ବିଜୁବାବୁ କରନ୍ତି କ'ଣ? ଅଗତ୍ୟା ରାଜାଦେଶକୁ ମାନି କଂସର ପାଣ୍ଠିକୁ ଲକ୍ଷେ ଟଙ୍କା ଦାନ କଲେ। ଏହି ଉଦାହରଣ ଦିନର ଉତ୍ସବରେ ରାଜା କଂସର ବରଗଡ଼ (ମଥୁରା କଟ ପରାକ୍ରମ ସହଜରେ ଅନୁମେୟ।

କ'ଣ ହୋଇପାରେ ମୂଳ କଥା ?

କ'ଣ ହୋଇପାରେ ଏ ଉତ୍ସବ/ଲୋକନାଟକ/ପୌରା ପୁନଃ ସଂସ୍କରଣର ଆଦର୍ଶଭିତ୍ତିକ ମୂଳ କଥା ? ପୁରାଣ ଘଟି ହୋଇଥାଏ ତେବେ ମଧ୍ୟ ଏକ ଭିନ୍ନ ଭଙ୍ଗୀରେ ଅତୀତକୁ ଫେରି ପ୍ରୟାସ ପଛରେ କ'ଣ ଥାଇପାରେ ? କଳିକାଳରୁ ଦ୍ୱାପରକୁ ଯାତ୍ରା, ନାଟକ ନାଟକ ଭିତରେ ବାସ୍ତବତା, ବାସ୍ତବତା ଜୀବନ, ବାସ୍ତବତା ଭିତରେ ଅଭିନୟ, ଅଭିନୟ ପ୍ରତିବିମ୍ବ। ଅନ୍ତତଃ ବାସ୍ତବ ଜୀବନରେ ଏପରି ଅଭିନୟ କୌଣସିଠାରେ ଦେଖାଦିଏ ନାହିଁ। ଦୀର୍ଘ ନ'ଦିନର ଯାତ୍ରା ବୋଧହୁଏ ନିଜସ୍ୱ ଶୈଳୀରେ ପୃଥିବୀରେ ବିରଳ ପାରେ।

ନିହିଆ ଚିଦର୍ଶୀ,
୨୩, ଶାରଦେନ୍ଦୁ ନଗର, ୟୁନିଟ-୩,
ଭୁବନେଶ୍ୱର।



ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ମୁଖ୍ୟ ବିଚାରପତି ଶ୍ରୀ ଜି: ଟି: ନାନାବତୀଙ୍କୁ ଶପଥ ପାଠ କରାଉଛନ୍ତି ।



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ହିନ୍ଦ କୁଷ୍ଠ ନିବାରଣ ସଂଘ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ କରୁଛନ୍ତି । ଉକ୍ତ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଉପସ୍ଥିତ ଅଛନ୍ତି ।



ଭୁବନେଶ୍ୱରଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଜ୍ଞାନପୀଠ ପୁରସ୍କାର ବିଜେତା କବି ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆଦିବାସୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।

ଜୟପୁର ମ୍ୟୁନିସିପାଲ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଉଦ୍‌ବୋଧନ ଦେଉଛନ୍ତି ।

ଭୁବନେଶ୍ୱରଠାରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ ଚରିତା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରୁଛନ୍ତି ।



ବୀର ସୁରେନ୍ଦ୍ର ସାଏ ନଗରଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ
ଶ୍ରୀ ବୈରାଗୀ ଜେନା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ
ମାଲ୍ୟାର୍ପଣ କରୁଛନ୍ତି ।



ରାଷ୍ଟ୍ରୀୟ କଳା କେନ୍ଦ୍ରଠାରେ ଆୟୋଜିତ ଏକ କଳା ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ
ବିଭାଗ ନିର୍ଦ୍ଦେଶକ ଶ୍ରୀ ସୁରସେନ ଜେନା ଉଦ୍‌ଘାଟନ କରୁଛନ୍ତି ।

ପରିବେଶ ସୁରକ୍ଷା : ଅତୀତ ଓ ବର୍ତ୍ତମାନ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ଅନେକଙ୍କ ଧାରଣା ମଣିଷ ଚାରିପଟେ ଘେରି ରହିଥିବା ବୃକ୍ଷଲତା ଓ ଜୀବଜନ୍ତୁଗୁଡ଼ିକ ହିଁ ପରିବେଶ । ଅନେକଙ୍କ ଧାରଣା ଯେ ପରିବେଶ କହିଲେ କେବଳ ଉଦ୍ଭିଦ ଓ ପ୍ରାଣୀଗୁଡ଼ିକୁ ବୁଝାଏ । କିନ୍ତୁ ତାହା ଠିକ୍ ନୁହେଁ । ମଣିଷ ବି ପରିବେଶର ଗୋଟିଏ ଅଙ୍ଗ । ଆଉ ପରିବେଶ ସୁରକ୍ଷା ଓ ପରିବେଶୀୟ ସନ୍ତୁଳନ (Ecological blance) ରକ୍ଷା କରିବାରେ ମଣିଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏବେ କିଛିବର୍ଷ ହେଲା ଏହି ପରିବେଶ ସୁରକ୍ଷା, ଜୀବଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ଇତ୍ୟାଦି ଉପରେ ବହୁ ଆଲୋଚନା, ତର୍କ ବିତର୍କ, ସମାଲୋଚନା ତଥା ପର୍ଯ୍ୟାଲୋଚନା ହେଉଛି । ତେଣୁ ଗୋଟିଏ ପ୍ରଶ୍ନ ଉଠିପାରେ ଯେ, ଏ ଆଲୋଚନାଟି ଏବେ କାହିଁକି ବିଶେଷ ଭାବରେ ହେଉଛି ? ଏ ପ୍ରଶ୍ନରୁ ଗୋଟିଏ ଯୁକ୍ତି ଆସୁଛି ବୋଧହୁଏ ଏବେ ଆମ ପରିବେଶରେ କିଛିଟା ବିଶେଷ ପରିବର୍ତ୍ତନ ହେଉଛି ବା ପରିବର୍ତ୍ତନ ଉପଲବ୍ଧି କରାଯାଉଛି । ମଣିଷ ଏବେ ଏ ପରିବର୍ତ୍ତନ ଲକ୍ଷ୍ୟ କରୁଛି ନା ଅନେକ ବର୍ଷ ଆଗରୁ ବି ପରିବେଶ ସମ୍ପର୍କରେ ସଚେତନ ଥିଲା ବା ପରିବେଶର ଗୁରୁତ୍ୱ ଜାଣିପାରିଥିଲା ? ଏହାର ଉତ୍ତର, ମଣିଷ ଏବେ କାହିଁକି ଆଗରୁ ବି ପରିବେଶ ସମ୍ପର୍କରେ ଜାଣିପାରିଥିଲା । ଜାଣିଥିଲା ପରିବେଶ ତାକୁ କି ପ୍ରକାର ଉପାଦାନ ଯୋଗାଇ ପାରିଥିଲା ଭଲରେ ରହିବା ପାଇଁ । ତାହାହେଲେ ମଣିଷ ଅତୀତରେ ପରିବେଶ ସମ୍ବନ୍ଧରେ କିଭଳି ଭାବରେ ଅବଗତ ଥିଲା ?

ଏବେ ମଣିଷ ଯେମିତି ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶକୁ ବିଚାର କରୁଛି, ଅତୀତରେ ମଣିଷ ସେତିକି ବୈଜ୍ଞାନିକ ଧାରାରେ ବିଚାର କରିନଥିଲା । ସେତେବେଳେ ତା'ମନରେ ଧାରଣା ଥିଲା ପ୍ରକୃତି ଓ ପ୍ରକୃତି ଦତ୍ତ ଜୀବଜନ୍ତୁ ଓ ଉଦ୍ଭିଦ ସ୍ୱତନ୍ତ୍ର । ସେ ସେମାନଙ୍କୁ ରକ୍ଷା କରିବା କଥା ଦୂରେଥାଉ ସେମାନଙ୍କୁ ପୂଜା କରୁଥିଲା । ଏପରିକି ସେତେବେଳେ ମନୁଷ୍ୟ ବି ସୂର୍ଯ୍ୟ ଓ ଚନ୍ଦ୍ରକୁ ପୂଜା କରି ଆସୁଥିଲା । ଏଠାରେ ବୃକ୍ଷ ପୂଜାର କେତେଗୁଡ଼ିଏ ଉଦାହରଣ ଦିଆଯାଇପାରେ । ତୁଳସୀ ଗଛ, ବେଲ ଗଛ, ଓ ଦୟଣା ଗଛ ଇତ୍ୟାଦି ମଣିଷ ପୂଜା କରିବା ପ୍ରଥା ରହିଆସିଥିଲା ଓ ଏବେ ବି ପୂଜା ଚାଲିଛି । ତୁଳସୀ ଗଛଟିଏ ପ୍ରତ୍ୟେକ ହିନ୍ଦୁ ପରିବାରରେ ପୂଜା କରିବା ଅତି ସାଧାରଣ କଥା । ବେଲ ଗଛର ପତ୍ର ମହାଦେବଙ୍କଠାରେ ଲାଗେ ବୋଲି ବେଲ ଗଛକୁ ସେ ଅତି ଭକ୍ତିପୂତ ଭାବରେ ବି ପୂଜା କରୁଥିଲା । ତା'ଛଡ଼ା ପଥ ପାର୍ଶ୍ୱରେ ଥିବା ଗଛ ଗ୍ରୀଷ୍ମଦିନେ ଛାୟା ଦେଉଥିବାରୁ ତାକୁ ବି ସେ ପ୍ରକୃତି କହି, ଦେବତା କହି ଭକ୍ତି କରିଥିଲା । ଗୋଟିଏ ମଜା କଥା ହେଲା, ଅତି ବଡ଼ ଗଛ ବର ଗଛ ଓ ଅଶ୍ୱତ୍ଥ ଗଛ ଲଗାଇ ବା କେଉଁଠି ଆପେଆପେ ଉଠିବାର ଦେଖିଲେ ସେ ବର ଓ ଅଶ୍ୱତ୍ଥ ଗଛଗୁଡ଼ିକୁ ବିବାହ କରାଇ ପାଣିଦେଇ ପୂଜା କରୁଥିଲା । ଏସବୁ ଉଦାହରଣଗୁଡ଼ିକରୁ ମନେ ହୁଏ ଯେ ଅତୀତରେ ମଣିଷ ବି ଏ ପ୍ରକୃତିକୁ ରକ୍ଷା କରିଥିଲା ପୂଜାପୂଜି ମାଧ୍ୟମରେ । କେତେକ ସ୍ଥାନରେ ମନ୍ଦିର, ଦେବାଳୟ ଓ ପଥ ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛରେ ସିନ୍ଦୁର, କଳା ଓ ଫୁଲ ଚନ୍ଦନ ଦେଇ ଠାକୁରଙ୍କ ପ୍ରତିମା ଥାପି ଗଛଗୁଡ଼ିକୁ ସେ ପୂଜା କରୁଥିଲା । ଏବେ ବି ସେହି ଚିରାଚରିତ ପ୍ରଥାରେ ପୂଜା ହୋଇ ଆସୁଛି । ତେଣୁ ମଣିଷ ଯେ ଅନ୍ଧବିଶ୍ୱାସ ଯୋଗୁ ଗଛଗୁଡ଼ିକୁ ପୂଜା କରି ଆସୁଥିଲା ତାହା ନୁହେଁ, ସେ ଅନେକ ଦିନର ପର୍ଯ୍ୟବେକ୍ଷଣଗୁଡ଼ିକୁ ନେଇ ବୃକ୍ଷଗୁଡ଼ିକର ମହତ୍ୱ ବୁଝିପାରି ପୂଜା କରିବା ନାମରେ ବୃକ୍ଷଗୁଡ଼ିକୁ ସଂରକ୍ଷଣ କରିପାରୁଥିଲା । ଏପରି କି ସାମାନ୍ୟ ଦୁବ ଘାସକୁ ମଧ୍ୟ ପୂଜା ପାଇଁ ବାଡ଼ିବଗିଚାରେ ରଖୁଥିଲା ।

ଜୀବ ପୂଜା ବହୁ ଦିନରୁ କାହିଁକି, ଆଜି ବି ପ୍ରଚଳନ । ଗୋରୁ, ଗାଈ, ମହିଷ, ସର୍ପ, ବୃଷଭ ଆଦି ପ୍ରାଣୀଗୁଡ଼ିକର ପୂଜା ମନୁଷ୍ୟ ଆଜି ବି କରିବାର ଦେଖାଯାଏ । ବେଙ୍ଗମାନଙ୍କୁ ଧରିଲେ ଲୋକମାନେ କୁହନ୍ତି– "କାଳା ହୋଇଯିବ" । ବେଙ୍ଗ ଗୋଟିଏ ଅସହାୟ ଜୀବଟିଏ । ଆତ୍ମରକ୍ଷା ପାଇଁ ତା'ର ସେମିତି କିଛି ଉପାୟ ନଥାଏ । ତା'କୁ ରକ୍ଷା କରିବା ପାଇଁ ମନୁଷ୍ୟ ଏପରି କରିଛି । ଆଉ ଗୋଟିଏ ଉଦାହରଣ ହେଲା– କଙ୍କି ଧରିଲେ ପିଲାମାନଙ୍କୁ ତାଙ୍କର ଅଜା ଆଈ କୁହନ୍ତି– "କଙ୍କି ଧରଣ ମାଆ ମରଣ" । ଏସବୁ କଥାର ଉଦ୍ଦେଶ୍ୟ ହେଲା ଜୀବଗୁଡ଼ିକୁ ନମାରିବା । ଜଳଜ ପ୍ରାଣୀମାନଙ୍କ ପାଇଁ ମଧ୍ୟ ଚିତଉ ଅମାବାସ୍ୟାରେ ଚିତଉ ପିଠା କରି ନଈ ପୋଖରୀ ଓ କୂପ ଆଦି ସ୍ଥାନରେ ପକା ଯାଇଥାଏ । କାରଣ ଜଳଚର ପ୍ରାଣୀମାନଙ୍କୁ (Aquatic Animal) ଖାଦ୍ୟଦେଇ ସନ୍ତୁଷ୍ଟ କରିବା ଓ ସେମାନଙ୍କ ବଂଶରକ୍ଷା କରିବା ମଣିଷର ମହାନୁଭବତା ।

ଏସବୁ ବ୍ୟତୀତ କେତେଗୁଡ଼ିଏ ପ୍ରାଣୀମାନଙ୍କୁ ମନୁଷ୍ୟ ବହୁ ପୁରୁଣା ଦିନରୁ ଠାକୁର ଠାକୁରାଣୀଙ୍କ ବାହାନ ରୂପେ ଏପରି ଅବସ୍ଥାପିତ କରିଛି ଯେ ପ୍ରାଣୀମାନଙ୍କୁ ଆଘାତ କରିଲେ ବା ମାରିଲେ ଠାକୁର ଅସନ୍ତୁଷ୍ଟ ହେବେ ବୋଲି ଏବେ ବି ଲୋକମାନେ କହିଥାନ୍ତି । ପେଚା, ହାତୀ, ହଂସ, ମୂଷା, ମୟୂର ଇତ୍ୟାଦି

ପ୍ରାଣୀଗୁଡ଼ିକ ଠାକୁରାଣୀଙ୍କ ବାହାନ ରୂପେ ମନ୍ଦିର ଆଦି ସ୍ଥାନମାନଙ୍କରେ ପୂଜିତ ହୁଅନ୍ତି ।

ବିଭିନ୍ନ ଜୀବଜନ୍ତୁମାନଙ୍କର ଉପକାରିତା, ଶକ୍ତି ଇତ୍ୟାଦିକୁ ଉପଲବ୍ଧି କରି ତା'ମନରେ ବି ଅନେକ କାଳ୍ପନିକ ଜୀବ ରୂପ ନେଇଛି । ତା'ର ଉଦାହରଣ ହେଲା ଗ୍ରିଫିନ୍, ସ୍ଫିଙ୍କସ୍, କାଇମେରା, ନବଗୁଞ୍ଜର ଇତ୍ୟାଦି । ଗ୍ରିଫିନ୍ ସିଂହ ଓ ଈଗଲ୍‌ର ମିଶାମିଶି ରୂପରେ କଳ୍ପିତ । ସିଂହ ଜଙ୍ଗଲର ରାଜା ଓ ଈଗଲ ଆକାଶର ରାଜା । ଏ ଦୁହେଁ ପଶୁ ଓ ପକ୍ଷୀ ଜଗତରେ ବହୁ ଶକ୍ତିଶାଳୀ । ତେଣୁ ମଣିଷ ଈଗଲ୍‌ର ଥଣ୍ଟ ଓ ପକ୍ଷୀଥିବା ଏବଂ ସିଂହର ଶରୀର ଥିବା ଜୀବ ସୃଷ୍ଟି କରି ମୂଲ୍ୟବାନ ଭଣ୍ଡାରର ଜଗୁଆଳି କରିଛି । ସ୍ଫିଙ୍କସ୍ ସେହିପରି ଆଉ ଗୋଟିଏ ନରସିଂହୀ ମୂର୍ତ୍ତି ଯାହାକି ନାରୀ ଓ ସିଂହର ମିଶାମିଶି ରୂପ । ଏ ମୂର୍ତ୍ତି ମଧ୍ୟ ଆଜିକାଲି ମନ୍ଦିରମାନଙ୍କରେ ଦେଖିବାକୁ ମିଳେ । ସେହିପରି କାଇମେରା ଗୋଟିଏ କାଳ୍ପନିକ ପ୍ରାଣୀ । ଏହାର ଦେହ ଛେଳି ପରି । ସାମନା ପାଖରେ ଡେଇଁପଡ଼ ଡ୍ରାଗନ୍ ପରି, ମାତ୍ର ତାହା ଏକ ନାରୀ ମୂର୍ତ୍ତି । ଆଉ ନବଗୁଞ୍ଜର କଥାତ ଅତି ସାଧାରଣ । ନଅ ପ୍ରକାର ପ୍ରାଣୀ – ଶରୀରର ବିଭିନ୍ନ ଅଂଶ ବିଶେଷର ସମଷ୍ଟିରେ ନବଗୁଞ୍ଜରର ସୃଷ୍ଟି । ତେଣୁ ଏ ସବୁ କାଳ୍ପନିକ ଜୀବ ସୃଷ୍ଟିରୁ ଅନୁମେୟ ଯେ ମନୁଷ୍ୟ ପୁରୁଣା କାଳରେ ପ୍ରାଣୀମାନଙ୍କୁ ଭଲପାଉଥିଲା । ତେଣୁ ସେ ଜୀବଜନ୍ତୁମାନଙ୍କୁ ହତ୍ୟା କରିବା ବା ମାରିବା ପରିବର୍ତ୍ତେ ତାଙ୍କ ବଂଶ ସୁରକ୍ଷା ପାଇଁ ଦୃଷ୍ଟି ଦେଉଥିଲା ।

ବର୍ତ୍ତମାନ କଥା ହେଲା ମନୁଷ୍ୟ ଯଦିଓ ଜାଣିପାରୁଛି ଯେ ପ୍ରାଣୀମାନେ ଓ ଜଙ୍ଗଲ ଓତଃପ୍ରୋତ ଭାବରେ ଜଡ଼ିତ ତଥାପି ତା'ର ନିଜର ସ୍ୱାର୍ଥ ପାଇଁ ଅନେକ ଜିନିଷକୁ ଜଳାଞ୍ଜଳି ଦେଇ ପ୍ରାକୃତିକ ଜଙ୍ଗଲ ନଷ୍ଟ କରି ସେ ସହରାଞ୍ଚଳ ପ୍ରତିଷ୍ଠା କରୁଛି । ଶିଳ୍ପାଞ୍ଚଳ ସ୍ଥାପନ କରୁଛି । କୋଠାବାଡ଼ି ତିଆରି କରିବାରେ ଆଗେଇ ଯାଉଛି । ମାତ୍ର ଜଙ୍ଗଲ ନରହିଲେ ଜଙ୍ଗଲ ପ୍ରାଣୀମାନଙ୍କର ବି ସ୍ଥିତି ଅସମ୍ଭବ ହୋଇଯିବ । ସେଥିପାଇଁ ହିଁ ଅନେକ ପ୍ରାଣୀ ଚିତାବାଘ, ବାଘ ଓ ସିଂହ ଆଦି କିଛି କିଛି ପ୍ରାଣୀମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଆଉ ଅନେକ ପ୍ରାଣୀ ମଧ୍ୟ ଆମମାନଙ୍କ ଅଖି ଆଗରୁ ନିଶ୍ଚିହ୍ନ ହୋଇଗଲେଣି ।

ସୁତରାଂ ଏ ପରିପ୍ରେକ୍ଷୀରେ ଯେତିକି ଜଙ୍ଗଲ ରହିଛି ସେତିକି ପରିମାଣର ଜଙ୍ଗଲଗୁଡ଼ିକୁ ଉତ୍ତମ ରୂପେ ସୁରକ୍ଷା କରି ଆହୁରି ଅଧିକ ଜଙ୍ଗଲ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ୍ । ତା'ଛଡ଼ା ଯେତିକି ଜାତୀୟ ଉଦ୍ୟାନ (National Park) ଅଭୟାରଣ୍ୟ (Sanctuary) ଇତ୍ୟାଦି ରହିଛି ଆହୁରି ସୃଷ୍ଟି କରି ପ୍ରାଣୀମାନଙ୍କର ଉତ୍ତମ ସଂରକ୍ଷଣ ବ୍ୟବସ୍ଥା କରି ହ୍ରାସ ପାଉଥିବା ପ୍ରାଣୀମାନଙ୍କର ସଂଖ୍ୟା ବୃଦ୍ଧି ପାଇ ଯେତେଦୂର ସମ୍ଭବ ବୃକ୍ଷରୋପଣ ମଧ୍ୟ (Aforestation), ସାମାଜିକ ବନ ପ୍ରକଳ୍ପ (So forestry) ଜରିଆରେ ବୃକ୍ଷରୋପଣ କରି ଜଙ୍ଗ କରିପାରିଲେ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରି ଜୀବଜନ୍ତୁମାନେ ଆପେଆପେ ସୃଷ୍ଟି ହେଉଥିବା ଜଙ୍ଗଲ ରହିପାରିବେ ବା ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ଆକର୍ଷିତ ହେବେ । ସୁଖର କଥା ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଆରୋପ କରି ପଦ ନେବା ସାଙ୍ଗକୁ କାଠରେ ତିଆରି ଜିନିଷ ବ୍ୟବହାରକୁ ସ ସ୍ତରରେ କଟକଣା ଜାରି କରିଛନ୍ତି ।

ବର୍ତ୍ତମାନ ପୃଥିବୀର ସର୍ବତ୍ର ବନ୍ୟପ୍ରାଣୀ ସପ୍ତାହ (W Life Week), ବିଶ୍ୱ ପରିବେଶ ଦିବସ W Environment Day), ବିଶ୍ୱ ଜଙ୍ଗଲ ଦିବସ (W Forestry Day) ପାଳନ କରାଯାଉଛି । ଏସବୁ ପ ମୂଳ ଉଦ୍ଦେଶ୍ୟ ହେଲା ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରି ଜୀବଜନ୍ତୁମାନଙ୍କୁ ସଂରକ୍ଷଣ କରିବା । ସମସ୍ତେ ପ୍ରତିଜ୍ଞା ଯେତେଦୂର ସମ୍ଭବ ବିଦ୍ୟାଳୟ, ମହାବିଦ୍ୟାଳୟ, କାର୍ଯ୍ୟାଳ ପଥ ପାର୍ଶ୍ୱରେ ବୃକ୍ଷରୋପଣ କରି ଜଙ୍ଗଲ ପରି ବାତାବରଣ କରିପାରିଲେ ଆମେ ପୂର୍ବ ପରି ପରିବେଶ ସୃଷ୍ଟି କରିପାରି ପରିବେଶ ଆମର ପରିବେଶ ହେବ । ପ୍ରାଣୀମାନଙ୍କ ସମାବେଶ ଆପେଆପେ ସମ୍ଭବ ହୋଇପାରିବ ।

ସୁତରାଂ ଆମେ ସମସ୍ତେ ହାତ ମିଳାଇ ପରିବେଶ ସୁରକ୍ଷା ଧ୍ୟାନଦେଇ ବୃକ୍ଷରୋପଣ ପ୍ରତି ଆଗ୍ରହ ପ୍ରକାଶ କଲେ ପରିବେଶୀୟ ଭାରସାମ୍ୟ ରକ୍ଷା ହୋଇପାରିବ । ଆମେ ଦେଉଥିବା ପ୍ରାଣୀ ଓ ଉଦ୍ଭିଦଗୁଡ଼ିକୁ ପୁଣି ପୁନର୍ଜନ୍ମ ଦେଇପାରି ଲୋପ ପାଇଯାଉଥିବା ପ୍ରାଣୀମାନଙ୍କର ନିଶ୍ଚୟ କରିପାରିବା ।

ପ୍ରାଣୀ ବିଜ୍ଞାନ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର-୪ ।

ମୋ ଗାଁ ଗୀତ

ରାଜୁ ବଡ଼ାଇ

ମୋ ଗାଁର
ଡଙ୍କା ଭୁଜା
ଖୁଲ ଓ ଛପର,
ଆବୁ ଠାବୁ
ଘରର ଚଟାଣ,
ଭାଙ୍ଗି ଦିଏ.......
ଗାଆଁଟି'ର
ସବୁତକ ଟାଣ.......॥୧॥

ଗାଁ ଦାଣ୍ଡେ, ପିଣ୍ଡା ପିଣ୍ଡା/
ଅକର୍ମା ଯୁବକ,
ଗୁଣ ଛାଡ଼ି, ତାସକୁ,
ନୀତି ଛାଡ଼ି, ଦୁର୍ନୀତିକୁ,
ସ୍ଲୋଗାନ୍ ଦେଇ/
ମାଟିରେ ମିଶେଇ ଦିଅନ୍ତି
ଗାଆଁଟିର'
ମାନ ଓ ସମ୍ମାନ.......॥୨॥

ସତେ କ'ଣ, ଲେଖା ଥିବ !
ଏ' ଗାଆଁ କାତକେ/
ମୁଠେ ଭାତ, ମୁଣ୍ଡେ ତେଲ/
ଖଣ୍ଡିଏ ଲୁଗାର ଅଭାବ,
ଚିର ଦିନ/
କାଳ କାଳ ପାଇଁ.......॥୩॥

ଶିକ୍ଷାର, ଆଲୋକ, ଏଠି.....
କେବେ କ'ଣ, ଛୁଇଁବନି, ମାଟି....?
ଅବେଳାକୁ, ବ୍ୟାଧି ଆସି,
ଟାଣୁ ଥିବ, ମଶାଣିକୁ, ହାତ......
ବୁଢ଼ାଠାରୁ
ପିଲା, ପର୍ଯ୍ୟନ୍ତ.......॥୪॥

କୃଷୀ ଯୁଝେ, ମାଟି ସଙ୍ଗେ.....
ମାଟି ହସେ/
ସାବୁଜା ରଙ୍ଗେ,
ଭେଟି ଦିଏ, ଫଳ, ମୂଳ.....
ମୋ' ଗାଆଁର/
କୃଷୀ ଯୁଏ.....
କୃଷୀ ଭାଇ, ଅନ୍ୟ ପାଇଁ.....
ଟେକି ଦିଏ, ଯେବେ......
ଗର୍ବିଣୀ, ସହର କି,
ମୋ' ଗାଆଁରୁ/
ଗୀତ ଗାଏ.......॥୫॥

ଏ' ଗାଆଁର/
ପୁଅ ଯଦି,
ଯୋଗ୍ୟ ହୁଏ.....,
"ମାୟାବିନୀ" ସହରଟା.....
ସମ୍ପର୍କ ଟେ'
ଯୋଡ଼ି ଦିଏ.....,
"ଅନାଥୁନୀ" ଗାଆଁ ମୋର !
ମାଆ ମୋର !!
ଆଦିମ ଅନ୍ଧକା'ରେ
ଚିର ଦିନ/
ସବୁ ଥାଏ.......॥୬॥

ବନ କାର୍ଯ୍ୟାଳୟ,
ବଲାଙ୍ଗୀର-୭୬୭୦୦୧।

ଫକୀର ମୋହନ କାବ୍ୟ ମାନସ ଓ ବିଭୁବୋଧ

ନାରାୟଣ ପ୍ରସାଦ ବେହେରା

"ଗୋଟିଏ କ୍ଷୁଦ୍ରତମ ଦୁର୍ବାଦଳର ସୃଷ୍ଟି ମଧ୍ୟ ଉଦ୍ଦେଶ୍ୟ ବିହୀନ ନୁହେ। କି ଉଦ୍ଦେଶ୍ୟ ସାଧନ ସକାଶେ ଭଗବାନ ମୋତେ ଏତେ କାଳ ଜୀବିତ ରଖାଇ ଅଛନ୍ତି(୧)?" ପରିବାର ପରିଜନ ପରିତ୍ୟକ୍ତ, ଦୁଃଖ–ଦୈନ୍ୟ, ଲାଞ୍ଛନା, ନିକ୍ଷେପିତ ଜରା ଜର୍ଜର ତନୁ ବୃଦ୍ଧ ଫକୀର ମୋହନଙ୍କ କ୍ଲେଶ ସନ୍ତପ୍ତ ପ୍ରାଣର ଏ ହେଉଛି ନିଷ୍କପଟ ଅଭିବ୍ୟକ୍ତି। ତାଙ୍କର ସୁଦୀର୍ଘ କର୍ତ୍ତବ୍ୟମୟ ଜୀବନ ପଥରେ ଯେ ଗଭୀର ଈଶ୍ୱରାନୁଗ୍ରହ ଅଭିପ୍ରେତ, ଏହା ହିଁ ଅନୁଭବୀ ଫକୀର ମୋହନଙ୍କର ସ୍ୱଚ୍ଛଳ ପ୍ରକାଶ, ଶୁଦ୍ଧ ବିଶ୍ୱାସ। ଏ ବିଶ୍ୱାସ କୌଣସି ସମ୍ପ୍ରଦାୟ, ଗୋଷ୍ଠୀ କିମ୍ବା ଧାର୍ମିକ–ଉପାସନା–ଔପଚାରିକତା ସମ୍ଭୂତ ନୁହେଁ। ବରଂ ମାନବ ଜୀବନ ଓ ଜଗତର ବହୁବିଧ ଦିଗନ୍ତକୁ ଜିଜ୍ଞାସାର ଦୃଷ୍ଟି ନେଇ ତନ୍ନତନ୍ନ କରି ଦେଖୁଥିବା, ଅଜସ୍ର ଅନୁଭୂତିକୁ ଅଙ୍ଗେ ନିଭେଇ ଥିବା ଜଣେ ବିଜ୍ଞ ମାନବର ଉପଲବ୍ଧ ଜ୍ଞାନ ପରିଶୁଦ୍ଧ ପ୍ରତ୍ୟୟ। ତତ୍କାଳୀନ ସମାଜରେ ଧର୍ମ ନାମରେ, ଈଶ୍ୱର ନାମରେ ନାନା ଅନାଚାର, ବ୍ୟଭିଚାର ଦର୍ଶନରେ ବିଦ୍ରୋହୀ–ସକଳ ପ୍ରକାର କୁସଂସ୍କାରର ନାଗପାଶରୁ ଆପଣାକୁ ମୁକ୍ତକରି ନିର୍ମଳ ସତ୍ୟ ସନ୍ଧାନରେ ବ୍ରତୀ ଥାଆନ୍ତି ଏ – ଫକୀର ମୋହନ। ଫକୀର ମୋହନଙ୍କ ଜୀବନ ଦର୍ଶନ ପର୍ଯ୍ୟାଲୋଚନା ବେଳେ ଅନେକ ସମାଲୋଚକ ତାଙ୍କୁ ଈଶ୍ୱରଙ୍କ ବିଶ୍ୱାସରେ ସଂଶୟବାଦୀ ବୋଲି ମନେ କରନ୍ତି। ଏହା ଅମୂଳକ ନୁହେଁ। କାରଣ ଫକୀର ମୋହନ ନିଜେ ସ୍ୱୀକାର କରିଛନ୍ତି – "ସୌଭାଗ୍ୟ ପ୍ରଯୁକ୍ତ କେହି କେହି ଅନ୍ଧବିଶ୍ୱାସୀ ପ୍ରକୃତ ଈଶ୍ୱର ଆରାଧନାରେ ପ୍ରବୃତ୍ତ ଅଛନ୍ତି ସତ୍ୟ, ମାତ୍ର ସର୍ପ, ମାର୍ଜାର, କୁମ୍ଭୀର ବା ଅନ୍ୟ କୌଣସି ତୁଚ୍ଛ ପଶୁ, ବୃକ୍ଷ ବା ତୁଚ୍ଛ ଜଡ଼ ପଦାର୍ଥକୁ ଈଶ୍ୱର ଜ୍ଞାନରେ ଅନ୍ଧ ଭାବରେ ପୂଜା କରୁଥିବା ଲୋକର ପୃଥିବୀରେ ଅଭାବ ନାହିଁ। ତୁଳନାରେ ଅନ୍ଧବିଶ୍ୱାସୀଠାରୁ ଜିଜ୍ଞାସୁ ସଂଶୟବାଦୀ ବହୁ ଗୁଣରେ ଶ୍ରେଷ୍ଠ ପଦବାଚ୍ୟ ହେବାର ଯୋଗ୍ୟ(୨)।" ତେଣୁ ଫକୀର ମୋହନଙ୍କ ସୃଷ୍ଟି ସାମ୍ରାଜ୍ୟରେ ବିଭୁ–ଧାରଣା ନେଇ ଚରିତ୍ରମାନଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ଯଥା– ପ୍ରକୃତ ଈଶ୍ୱର ବିଶ୍ୱାସୀ, ସଂଶୟବାଦୀ, ଅନ୍ଧବିଶ୍ୱାସୀ ଓ ନାସ୍ତିକ। କିନ୍ତୁ ସେନାପତିଙ୍କ ସଂଶୟ ବାଦ ମୂଳ ତତ୍ତ୍ୱର ପରିପନ୍ଥକ ନୁହେଁ, ବରଂ ପ୍ରତିଭାର ପ୍ରତୀକ। ବିଦ୍ବତ୍ତା ଓ ଜ୍ଞାନର ଏକ ସୋପାନ ମାତ୍ର। ସେଇ ସଂଶୟ ହିଁ ପରବର୍ତ୍ତୀ ଅବସ୍ଥାରେ ପହଞ୍ଚାଇଦିଏ ଚରମ ନିଃଶେଷ ସତ୍ୟ ନିକଟରେ। ଅବିଦ୍ୟାରୁ ଜାତ ନିଜ ହୃଦୟସ୍ଥିତ ଯେଉଁ ଅଜ୍ଞାନବଶତଃ ସଂଶୟ, ତାକୁ ବିଦ୍ୟା ବା ଜ୍ଞାନ ଖଡ଼୍ଗ ଦ୍ୱାରା ଛେଦନ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେବା ଛଳରେ କହିଛନ୍ତି– "ତସ୍ମାଦ୍ ଜ୍ଞାନ ସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ / ଛିତ୍ତ୍ୱୈନଂ ସଂଶୟ୍ଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ(୩)।" ତେଣୁ ବୋଧହୁଏ ଶଙ୍କର, ବିବେକାନନ୍ଦ, ଗାନ୍ଧୀ, ସକ୍ରେଟିସ୍, ଆରିଷ୍ଟଟଲ୍, ଲୁଥର ଆଦି ମନୀଷିଗଣ ଦିନେ ସଂଶୟବାଦୀ ଥିଲେ। ଫକୀର ମୋହନଙ୍କ ନିକଟରେ ତାହାହିଁ ଲକ୍ଷ୍ୟ କରିହୁଏ। ସମାଜର ପାରିପାର୍ଶ୍ୱିକ ଅବସ୍ଥା, ଧର୍ମ ନାମରେ ଧର୍ମାନ୍ଧତା, ଭ୍ରଷ୍ଟାଚାର ହିଁ ତାଙ୍କୁ ପିଲାଦିନରୁ ତାଙ୍କୁ ସଂଶୟାତ୍ମା ହେତୁବାଦୀ ରୂପେ ଗଢ଼ିଥିଲା। ଏହି ସଂଶୟବାଦ ତାଙ୍କୁ ଭାରତୀୟ ଷଡ଼ ଦର୍ଶନକୁ ଭଲଭାବରେ ହୃଦୟଙ୍ଗମ କରାଇବାର ସୁଯୋଗ ଆଣି ଦେଇଥିଲା। ବୈଶେଷିକର ନିଃଶ୍ରେୟସ, ବେଦାନ୍ତର ମୁକ୍ତି, ନ୍ୟାୟର ଅପବର୍ଗ, ପାତଞ୍ଜଳିଙ୍କ ଯୋଗ ଦର୍ଶନ, ବୌଦ୍ଧର ନିର୍ବାଣ ସବୁ କିଛିରୁ ସର୍ବ ଚୟନ କରି ତାଙ୍କ ସାରସ୍ୱତ ସୃଷ୍ଟି ମାନସକୁ ପୁଷ୍ଟ କରିପାରିଥିଲେ। 'ମାମୁଁ' ଉପନ୍ୟାସର ପଣ୍ଡିତ ସଭାରୁ ତାହା ସ୍ପଷ୍ଟ ପ୍ରତୀୟମାନ ହୁଏ। ପୁନଶ୍ଚ ଫକୀର ମୋହନଙ୍କର ସଂଶୟବାଦୀ ମନ ତାଙ୍କୁ ହିନ୍ଦୁ ଧର୍ମରୁ ମାନବବାଦୀ ଖ୍ରୀଷ୍ଟ ଧର୍ମକୁ, କେତେବେଳେ ସାର୍ବଜନୀନ ମତବାଦୀ ବ୍ରାହ୍ମ ଧର୍ମକୁ, ପୁନଶ୍ଚ କେତେବେଳେ ଯୌକ୍ତିକ, ଚିନ୍ତାଶୀଳ, ତୁଙ୍ଗ ମୈତ୍ରୀ ଦର୍ଶନ–ତତ୍ତ୍ୱ–ଜିଜ୍ଞାସା ସମନ୍ୱିତ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ କରାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସେ କୌଣସିରେ ଦୀକ୍ଷାର ବନ୍ଧନରେ ବାନ୍ଧି ହୋଇ ନଯାଇ ସକଳ ଧର୍ମ ପ୍ରତି ସ୍ୱୀୟ ଉଦାରବାଦୀ ଦୃଷ୍ଟିକୋଣର ପରିଚୟ ଦେଇଛନ୍ତି। ପରିଶେଷରେ ଭାରତୀୟ ସଂସ୍କୃତି, ସଭ୍ୟତା, ଆଧ୍ୟାତ୍ମିକତାର ଭାବବାଦ ଉପରେ ଗଢ଼ି ଉଠିଥିବା ଜୀବନ ଓ ଏଇ ଜୀବନକୁ କେନ୍ଦ୍ରକରି ଗଢ଼ି ଉଠିଥିବା ଦର୍ଶନର ଅଖଣ୍ଡ ପରମ୍ପରା ତାଙ୍କୁ ସନାତନ ହିନ୍ଦୁ ଧର୍ମର ଶାଶ୍ୱତ ସତ୍ୟ ଭିତରକୁ ଟାଣି ନେଇଛି। ନିୟତିର ଅମୋଘ ଶାସନ, ଭାଗ୍ୟବାଦ, ଜନ୍ମାନ୍ତରବାଦ, କର୍ମଫଳ ପ୍ରଭୃତି ଭାରତୀୟ ପାରମ୍ପରିକ ବିଶ୍ୱାସକୁ ସେ ଅସ୍ୱୀକାର କରିପାରି ନାହାନ୍ତି। ବରଂ ନିଜେ ସତେ ଯେମିତି ପାଲଟି ଯାଇଛନ୍ତି ବୈଦିକ ନିୟମ ସମନ୍ୱିତ ନୈତିକ ଆଦର୍ଶର ଅନ୍ୟତମ ପୂଜାରୀ। ଫକୀର ମୋହନଙ୍କର ଆଧ୍ୟାତ୍ମବାଦୀ ଜୀବନ ଓ ଦର୍ଶନକୁ ଲକ୍ଷ୍ୟ କରି ଜଣେକ ସମାଲୋଚକଙ୍କ ଭାଷାରେ– "ଫକୀର ମୋହନ ପରମ ଈଶ୍ୱର ଭକ୍ତ ଏବଂ ମଧୁସୂଦନ, ଭୀମଭୋଇ ପ୍ରମୁଖ ଭକ୍ତାଗ୍ରଣୀଙ୍କ ସମକୋଟିରେ ଅବସ୍ଥାପିତ, କିନ୍ତୁ ତାଙ୍କ ଭକ୍ତିର ମାର୍ଗ ଥିଲା ସ୍ୱତନ୍ତ୍ର। ସେ ମୁଖ୍ୟତଃ ଥିଲେ କର୍ମଯୋଗୀ, ଉତ୍କଳ କୁରୁକ୍ଷେତ୍ରରେ ଏକମାତ୍ର ସବ୍ୟସାଚୀ। ଅଷ୍ଟପଲୀରା ଫଲଗୁଧାରା ସଦୃଶ

ଗଭୀର ଈଶ୍ୱରାନୁରାଗ ତାଙ୍କ ଜୀବନର ମୂଳ ଉତ୍ସ ଥିଲା ଏବଂ ମାଧ୍ୟାକର୍ଷଣ ଶକ୍ତି ବଳରେ ଗ୍ରହ ଉପ ଗ୍ରହାଦି ସ୍ୱ ସ୍ୱ କକ୍ଷରେ ରହି ସ୍ୱକର୍ମ ସମ୍ପାଦନ କରୁଥିବା ଭଳି ତାଙ୍କର ଭକ୍ତି ଏବଂ ଈଶ୍ୱର ବିଶ୍ୱାସ ନାନା ବିପଦ ସଙ୍କୁଳ ଦୁଃଖ ଦୈନ୍ୟ ନୈରାଶ୍ୟପୂର୍ଣ୍ଣ କଠୋର କର୍ମମୟ ଜୀବନର ଏକମାତ୍ର ନିୟାମକ ଥିଲା(୪)" ।

ଫକୀର ମୋହନ ସେନାପତି ଓଡ଼ିଆ କଥା ସାହିତ୍ୟର ସମ୍ରାଟ ସତ; କିନ୍ତୁ ଓଡ଼ିଆ କାବ୍ୟ ତପୋବନରେ ଯଥାର୍ଥରେ ବ୍ୟାସକବି ପଦବୀର ଯୋଗ୍ୟ ଅଧିକାରୀ । ତାଙ୍କ ବିରାଟ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସହସ୍ର ଦଳ ପଦ୍ମ ସଦୃଶ ଗୀତି କବିତା ସମୂହରେ ବିକଶିତ ହୋଇ ପାରିଛି । 'ପୁଷ୍ପମାଳା', 'ଉପହାର', 'ଅବସର ବାସରେ', 'ପୂଜା ଫୁଲ', 'ଧୂଳି' ପ୍ରଭୃତି ଗୀତି କବିତା ସଂକଳନ ଓଡ଼ିଆ ସାରସ୍ୱତ କାବ୍ୟ ପୀଠରେ କବିଙ୍କର ଏକ ଏକ ଅଞ୍ଜଳି । ଫକୀର ମୋହନ ସମ୍ପୂର୍ଣ୍ଣ ସରଳ, ଉଦାର, ନିଷ୍କପଟ କବିପ୍ରାଣ । ଅବଶ୍ୟ ତାଙ୍କର ଗଦ୍ୟ ସାହିତ୍ୟ ପାଇଁ ସେ ଅଧିକ ସୁପ୍ରତିଷ୍ଠିତ । କିନ୍ତୁ ଏ କଥା ସତ ଯେ, ଗଦ୍ୟସ୍ରଷ୍ଟା ଫକୀର ମୋହନଙ୍କ ଲେଖକ ସତ୍ତାର ମୌଳିକ ପୃଷ୍ଠଭୂମି ଏଇ କବିତାକୁ ନେଇ ହିଁ ଗତିଶୀଳ । ସଂସାର ସଂଗ୍ରାମରେ କ୍ଷତବିକ୍ଷତ ଫକୀର ମୋହନଙ୍କର ବ୍ୟକ୍ତି–ପୁରୁଷର ଆତ୍ମ–ସ୍ୱାକ୍ଷର ତାଙ୍କର କବିତା । ସୁତୀବ୍ର ବେଦନା, ଦୁଃସହ ହୃଦୟାବେଗ ମଧ୍ୟରୁ ଯେଉଁ କବିତାର ସ୍ରୋତସ୍ୱିନୀ ଛୁଟି ଆସିଛି, ସେଥିରେ ଜାତୀୟତାବୋଧ, ହାସ୍ୟ, ବ୍ୟଙ୍ଗ, ବିଷାଦବାଦ, ପଲ୍ଲୀ ଜୀବନ – ସର୍ବୋପରି ଭଗବତ୍ ପ୍ରୀତି ବା ବିଭୁବୋଧ ହିଁ ପ୍ରକଟିତ । ତେଣୁ ସମାଲୋଚକଙ୍କ ଭାଷାରେ– "ଫକୀର ମୋହନଙ୍କ କାବ୍ୟ ସମୁଦ୍ର ମନ୍ଥନରୁ ଆମେ ଯଦି କିଛି ଅମୃତର ସନ୍ଧାନ ପାଉ ତାହା ହେଉଛି ତାଙ୍କର ଦୃଢ଼ ଧର୍ମ ଧାରଣା ଓ ଅଖଣ୍ଡ ଈଶ୍ୱର ବିଶ୍ୱାସ(୫) ।" ବାସ୍ତବିକ ଏହା ସତ୍ୟ । କବିଙ୍କର ସୃଷ୍ଟି ସାମ୍ରାଜ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏକ ସୁପ୍ତ ପରିବେଶରୁ ଝଡ଼ ଝଞ୍ଜାର ସଙ୍କେତ ଦେଇ କବି ମାନସ ଆଧ୍ୟାତ୍ମିକ ସ୍ତରକୁ ଉନ୍ନୀତ ହୋଇଛି । ଧୂଳିମାଟିର ପୃଥିବୀରେ ସେ ଅନୁଭବ କରିଛନ୍ତି ଏକ ମଙ୍ଗଳମୟ ଭୁବନ । ତାଙ୍କ ଦୃଷ୍ଟିରେ ଏ ଜଗତ ମଙ୍ଗଳମୟ । ମଙ୍ଗଳ ବିଧାନକାରୀ ସ୍ରଷ୍ଟାଙ୍କ ଇଚ୍ଛାରେ ସଚରାଚର ବିଶ୍ୱ ପ୍ରତିପାଳିତ । ତାଙ୍କର ମହିମା ଅନନ୍ତ । ସେ ସୃଷ୍ଟିର ସ୍ଥିତି, ବ୍ୟାପ୍ତି ଏବଂ ପ୍ରଳୟର କର୍ତ୍ତା ମଧ୍ୟ । କବିଙ୍କ ଭାଷାରେ–

ମଙ୍ଗଳ ନିଧାନ ହରି ମଙ୍ଗଳ ବିଧାନେ
ସୃଜନ ପାଳନ ଲୟ କରନ୍ତି ସମାନେ ।
ସୁ କୌଶଳେ ସୃଷ୍ଟ ବିଶ୍ୱ ବ୍ରହ୍ମାଣ୍ଡ ସକଳ
ଅନନ୍ତ ମହିମା ସତ୍ତା ପ୍ରକାଶେ କେବଳ ।
ଅତଇ ମଙ୍ଗଳମୟ ବିଶ୍ୱ ଚରାଚର
ସୁପ୍ରତିଷ୍ଠିତ ସର୍ବ ଦ୍ରବ୍ୟ ମଙ୍ଗଳ ଆକାର ।
(ଅବସର ବାସରେ)

ଏହି କବିତାର ଅନ୍ତର୍ବାଣୀ ବେଦାନ୍ତର ଉଦାତ୍ତ ବାଣୀ–"ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ"ର ପ୍ରତୀତି ଆଣି ଦିଏ(୬) । ପୁନଶ୍ଚ କବିଙ୍କର 'ଜୀବବ୍ରହ୍ମ' ଶୀର୍ଷକ କବିତାରେ ସେହି ଉପନିଷଦୀୟ "ଦ୍ୱା–ସୁପର୍ଣ୍ଣା"ର ଭାବ ଜଗତକୁ ନେଇଯାଏ(୭) । ସେଥିରେ ଶରୀରକୁ ଏକ ବୃକ୍ଷ ସହିତ ତୁଳନା କରିଛନ୍ତି ଏବଂ ଏହି ବୃକ୍ଷରେ ଜୀବ ପରମ ଦ୍ୱୟ ପକ୍ଷୀ ସ୍ୱରୂପ ବାସ କରୁଛନ୍ତି । କବିଙ୍କ ବର୍ଣ୍ଣନାରେ–

ଜୀବ ବ୍ରହ୍ମ ବିରାଜିତ ଶରୀର ମଧ୍ୟରେ
ବିହଗ–ଯୁଗଳ ଯଥା ଥାଆନ୍ତି ବୃକ୍ଷରେ ।
ଜୀବନ ବିହଗ ନିତ୍ୟ ଭୁଞ୍ଜେ ନାନା ଫଳ
ବ୍ରହ୍ମ ପକ୍ଷୀ ଥାନ୍ତି ସାକ୍ଷୀ ସ୍ୱରୂପ କେବଳ ।

କବିଙ୍କର 'ବିହଗ ଯୁଗଳ' କବିତାର ଭାବ ମଧ୍ୟ ଅନୁରୂପ । ଏଥିରେ ଜୀବ ପରମର ସମ୍ପର୍କ ଦର୍ଶାଇବା ସଙ୍ଗେ ସଙ୍ଗେ ଷଡ଼ ରିପୁର ବର୍ଣ୍ଣନା ପ୍ରଦତ୍ତ । ମଣିଷ ଅମୃତର ସନ୍ତାନ; ପାର୍ଥିବ ଜଗତର ସମସ୍ତ ମାୟା, ଇନ୍ଦ୍ରିୟ ଭୋଗ–ପିପାସାକୁ ଅତିକ୍ରମ କରି ମହତ୍ତର ଚିନ୍ତାରେ ଚିତ୍ତ ନିବିଷ୍ଟ କରିବାକୁ ପଡ଼ିବ । ସବୁ ପ୍ରକାର କ୍ଷଣିକତା–କ୍ଷୁଦ୍ରତା, ତୁଚ୍ଛତା ପ୍ରତି ଦ୍ୱାର ବନ୍ଦ କରି ରଖିପାରିଲେ ଆଧ୍ୟାତ୍ମିକ ଭୂମିରେ ଆମର ଦ୍ୱାର ଖୋଲିଯାଇ ପାରିବ । ଆଧ୍ୟାତ୍ମିକ ଭୂମିର ସଂସ୍ପର୍ଶରେ ଆସିଲେ ଆମର ଜୀବନ ଭୂମି ଆଧ୍ୟାତ୍ମିକତାରେ ଆର୍ଦ୍ର ହୋଇଯିବ । କ୍ଷଣିକତାର ପୃଥିବୀରେ ମରିଯାଇ ପାରିଲେ ଆମେ କ୍ଷଣାତୀତ ବା କାଳାତୀତ ଭୂମିରେ ପୁନର୍ଜୀବନ ଲାଭ କରିପାରିବା । ଏ ଭୂମିକୁ ବୁଦ୍ଧଦେବ 'ନିର୍ବାଣ' ବୋଲି କହିଛନ୍ତି । ତେଣୁ 'ବୌଦ୍ଧାବତାର' କାବ୍ୟରେ କବି ଲେଖିଛନ୍ତି–

ଧର୍ମେ ଯା'ର ମତିଗତି । ତୁଚ୍ଛ ଅନିତ୍ୟ ସମ୍ପତ୍ତି ।
(୪ର୍ଥ ସର୍ଗ)

ସାଂସାରିକ ମାୟାମୋହ, ବାଧାବନ୍ଧନ ଗୌତମଙ୍କୁ ବାନ୍ଧି ରଖିପାରିନି । ସେ ଜଗତବାସୀଙ୍କୁ ଜରା ମୃତ୍ୟୁରୁ ରକ୍ଷା କରିବା ପାଇଁ ରାଜ ସିଂହାସନ ଓ ଭୋଗ ବିଳାସକୁ ତୁଚ୍ଛ ଜ୍ଞାନ କରିଛନ୍ତି । ଶେଷରେ ପ୍ରବ୍ରଜ୍ୟାର ଭୂମିକା ନେଇ ସ୍ୱୀୟ ଅନ୍ତର୍ଜ୍ଞାନଲବ୍ଧ ସତ୍ୟକୁ ସମଗ୍ର ବିଶ୍ୱରେ ପ୍ରଚାର କରିଛନ୍ତି ।

ଆଧ୍ୟାତ୍ମିକ ଭାବ ଭୂମିରେ ବିଚରଣ କଲାବେଳେ ଯେଉଁ ଉପଲବ୍ଧି ଆସେ, ତାହା ହେଉଛି ବିଶ୍ୱାତ୍ମା ବା ପରମାତ୍ମାରେ ଜୀବାତ୍ମାର ପୂର୍ଣ୍ଣ ଉପଲବ୍ଧି । ସେତେବେଳେ ଜୀବର ଅନ୍ତରରୁ ବାହାରି ଆସେ "ସୋଽହଂ"ର ଧ୍ୱନିତ ଓଁକାର । ଏଇ ଅନୁଭୂତି ରୂପ ନେଇଛି କବିଙ୍କ ଲେଖନୀରେ–

ସର୍ବଭୂତ ବୀଜଭୂତ ବ୍ରହ୍ମ ସନାତନ
ସେଇ ପରଂ ବ୍ରହ୍ମ ଅଂଶ ମାନବ ଜୀବନ ।
(ଅବସର ବାସରେ)

ପୁନଶ୍ଚ–

ଜଗତରେ ଯାହା କିଛି ଦ୍ରବ୍ୟ ସମୁଚ୍ଚୟ
ନିଶ୍ଚୟ ଜାଣିବ ତାହା ସର୍ବ ଆତ୍ମମୟ ।

ଏ ହେଉଛି ଆତ୍ମାରେ ପରମାତ୍ମାର ଅନୁଭୂତି । ସସୀମରୁ ଊର୍ଦ୍ଧ୍ୱମୁଖୀ ହୋଇ ଅସୀମରେ ହଜି ଯିବାର ଉପଲବ୍ଧି । ଏହି ଆତ୍ମା

ଅବିନାଶୀ, ଶାଶ୍ୱତ। ଗୀତାରେ ଏହା ନିମ୍ନମତେ ପ୍ରତିପାଦିତ—

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦ-ୟନ୍ତ୍ୟାପୋ ନ ଶୋଷୟତି
ମାରୁତଃ ॥(୮)

ଶ୍ରୀମଦ୍ ଭଗବଦ୍ ଗୀତାର ଏ ମହାନ୍ ସତ୍ୟ ରୂପ ନେଇଛି ଫକୀର ମୋହନଙ୍କ କବି ଲେଖନୀରେ। ଯଥା—

"ଅବିନାଶୀ ବିଶ୍ୱେ ଆତ୍ମା ନୁହଁଇ ନଶ୍ୱର
ଜନ୍ମ ମୃତ୍ୟୁ ରୂପେ ତାହା ଲଭେ ରୂପାନ୍ତର।
ଥିବ ବିଶ୍ୱ, ଥିବି ମୁହିଁ, ଥିବୁ ଚିର କାଳ
ଦୁହିଁଙ୍କର ଗତି ଅଟେ ସମ ଅନ୍ତରାଳ।
ଯେଉଁ କାଳେ ପଡ଼ିଦେଇ ଯିବ ପରଲୋକ
ଓଁକାର ମାତ୍ରକ ହେବ ପଥ ପ୍ରଦର୍ଶକ।
(ଆତ୍ମା ଅବିନାଶୀ—ଅ: ବା:)

ଆର୍ଯ୍ୟ ମୁନି ଋଷି ଭଳି ଫକୀର ମୋହନଙ୍କ ହୃଦୟର ପ୍ରତିଟି ସ୍ନାୟୁ ତନ୍ତ୍ରୀରୁ ସ୍ପନ୍ଦନ ତୋଳି ଯେଉଁ ଓଁକାରର ପ୍ରଣବ ଧ୍ୱନି ହୋଇଛି ଅନୁରଣିତ, ଏଥିରୁ ପ୍ରତୀୟମାନ ହୁଏ ଫକୀର ମୋହନଙ୍କର ବ୍ରହ୍ମାନୁଭୂତି କେତେ ସୂକ୍ଷ୍ମ, ସହଜ। ସେଇ 'ବ୍ରହ୍ମ' ସମ୍ପର୍କରେ କବି ଲେଖିଛନ୍ତି—

ବ୍ରହ୍ମ ବ୍ୟତିରେକେ ଜଗତରେ କିଛି ନାହିଁ
ବ୍ରହ୍ମମୟ ଏ ସଂସାର ଜାଣ ସେଥିପାଇଁ।
× × × ×
ଅଦୃଶ୍ୟ ହେଲେ ହେଁ ଜଳେ ମିଶିବ ଲବଣ
ଅନୁଭବ ପ୍ରତିବିନ୍ଦୁ କଲେ ଆସ୍ୱାଦନ।
ତଦ୍ରୂପ ବିଜ୍ଞାନ ଘନ ଆତ୍ମା ଦେହାଦିରେ
ବ୍ୟାପିଛନ୍ତି ଯାଏ ଜଣା ନିର୍ମଳ ବୁଦ୍ଧିରେ।
(ଯାଜ୍ଞବଲକ୍ୟ ମୈତ୍ରେୟୀ ସମ୍ବାଦ)

ଏହି ଅନୁଭୂତିରେ ଉଦ୍ଭାସିତ ହେଲେ ନିର୍ମଳ ବୁଦ୍ଧି ବା ଚିତ୍ତ ଶୁଦ୍ଧିର ଅଧିକାରୀ ହୁଏ ମନୁଷ୍ୟ। ତା'ପରେ ଆସେ ଆଧ୍ୟାତ୍ମିକ ଆନନ୍ଦବୋଧ। ତେଣୁ ଫକୀର ମୋହନ ତ୍ୟାଗନିଷ୍ଠ ଜୀବନର ଜୟକାର କରି ମଣିଷର ଆଧ୍ୟାତ୍ମିକ ପରିଶୁଦ୍ଧତା (Spiritual perfection) ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ମାନବାତ୍ମାର ମୁକ୍ତି ପାଇଁ ତାଙ୍କର ସ୍ୱଚ୍ଛ ମାନସ ପଦେ ଯେମିତି ସତତ ବ୍ୟାକୁଳ ହୋଇପଡ଼ିଛି। ପୁନଶ୍ଚ ନର-ନାରାୟଣଙ୍କ ପଦାବ୍ଜରେ ହୃଦୟର ପୂଜା ଅର୍ଘ୍ୟ ସମର୍ପିବା ଭିତରେ ଫୁଟି ଉଠେ devine life ପ୍ରତିଷ୍ଠାର ସୂକ୍ଷ୍ମ ଉପାୟ। ମାନବର ଦୁଃଖ ବେଦନା ମଧ୍ୟରେ ସାହିତ୍ୟ ଓ ଧର୍ମତାକୁ ସାନ୍ତ୍ୱନା ଦେବାରେ ସମର୍ଥ ହୋଇଉଠେ। ତେଣୁ କବିଙ୍କର ମାନସ-ପ୍ରୀତି ଏବଂ ସାର୍ବଜନୀନ ବିଶ୍ୱ ପ୍ରୀତିର ସ୍ୱାଭାବିକ ପରିଣତି ହେଉଛି – ବିମଳ ବିଭୁପ୍ରୀତି। ତେଣୁ ସମାଲୋଚକ ଡଃ ସାମନ୍ତରାୟ କହନ୍ତି—"କାବ୍ୟ ପ୍ରଣୟନ ସମୟରେ ଜୀବନରେ ଯେଉଁ ଅଭୂତପୂର୍ବ ବିମଳାନନ୍ଦ ଅନୁଭବ କରିଥିଲେ ବୋଲି ମୁଖବନ୍ଧରେ ଫକୀର ମୋହନ ସ୍ୱୀକାର କରିଛନ୍ତି: ସେ ବିଶୁଦ୍ଧାନନ୍ଦ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ(୯)।"

ଏହି ଭଗବଦ୍ ପ୍ରୀତି କବିଙ୍କୁ ସଂସାର ବିରାଗୀ ସନ୍ନ୍ୟାସ ବନ୍ଧନରେ ବାନ୍ଧି ରଖି କର୍ମଶୀଥିଳ କରିନାହିଁ। ଆପଣାର କର୍ତ୍ତବ୍ୟ ସମ୍ପାଦନ ହିଁ ଧର୍ମାଚରଣ। କବି ଉପଲବ୍ଧି କରିଛନ୍ତି ଦେବାପ୍ରୀତି ଓ ବିଭୁପ୍ରୀତି ମନୁଷ୍ୟ ଜୀବନର ସାର୍ଥକତାର ନିକଷ। ଦେଶବାସୀଙ୍କୁ ସେ ସାହିତ୍ୟ, ମାତୃଭାଷା ଓ ସମାଜର ଉନ୍ନତି ପାଇଁ ଉଦ୍‌ବୁଦ୍ଧ କରିଛନ୍ତି; ଭାରତୀୟ ବିଦ୍ୟା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହନ ଯୋଗାଇଛନ୍ତି। ଜଡବାଦୀ ପାଶ୍ଚାତ୍ୟ ସଭ୍ୟତା ଛାଞ୍ଚରେ ଦେଶୀୟ ସଭ୍ୟତାକୁ ବର୍ଜନ କରି ଆଧୁନିକତାକୁ ପସନ୍ଦ କରିନାହାନ୍ତି। ଏ କ୍ଷେତ୍ରରେ T. S. Eliotଙ୍କ ମନ୍ତବ୍ୟ ଯଥାର୍ଥ ଯେ—"The people which ceases to care for its literacy in heritance becomes barbaric. ଅର୍ଥାତ୍ ଯେଉଁ ଜାତି ନିଜ ସାହିତ୍ୟିକ ପରମ୍ପରା ପ୍ରତି ଅନାଦର ଦର୍ଶାଏ, ସେ ଜାତି ଯଥାର୍ଥରେ ଆଦିମ ଓ ବନ୍ୟ। ତେଣୁ କବି ଫକୀର ମୋହନ ସେନାପତି ଉଦ୍‌ବୋଧନ ଦେଇ ତଥାକଥିତ ନବ୍ୟ ଶିକ୍ଷିତଙ୍କୁ କହିଛନ୍ତି—

ସାଧିବାକୁ ପାର ଯେବେ ସ୍ୱଦେଶ କଲ୍ୟାଣ
କର ଯେବେ ପ୍ରଭୁପାଦ ଭକ୍ତିଭାବେ ଧ୍ୟାନ।
ତୁମ୍ଭ ସଭ୍ୟ ଭବ୍ୟଙ୍କର ବିଦ୍ୟା ଆଲୋଚନା
ଅନ୍ୟଥା ଜୀବନେ ଜାଣ ସର୍ବ ବିଡ଼ମ୍ବନା।

ତେଣୁ କୁହାଯାଇପାରେ ଫକୀର ମୋହନ ପରମ୍ପରାରେ ରକ୍ଷଣଶୀଳତା ଦୂରୀକରଣ ପାଇଁ ଯେପରି ସଂସ୍କାରର ସ୍ୱରୂପ ଧରିଛନ୍ତି, ସେହିପରି ସୁସଂସ୍କୃତ ପରମ୍ପରାକୁ ବଜାୟ ରଖିବା ପାଇଁ ବଚନ ଓ କର୍ମରେ ସତତ ଉଦ୍ୟମ କରିଛନ୍ତି। ଦେଶ ପ୍ରେମ ଓ ଭଗବଦ୍ ପ୍ରେମର ଅମନ୍ଦ ମନ୍ଦାକିନୀ ତାଙ୍କୁ ଆଗକୁ ଗୁଳିବାର, ପ୍ରୋତ୍ସାହନ ଦେଇଛି। ବିପର୍ଦରେ ଧୈର୍ଯ୍ୟ, ଦୁଃଖ ଦୁର୍ବିପାକରେ ସାହସ ଓ ସାନ୍ତ୍ୱନା, ସୁଖ ସମ୍ଭୋଗରେ ସଂଯମ ଓ ତିତୀକ୍ଷା ଶିକ୍ଷା ଦେଉଥିଲା। ତାଙ୍କର ଦାରିଦ୍ର୍ୟପୂର୍ଣ୍ଣ ଅସହାୟ ଜୀବନର ଶେଷ ଭାଗରେ ଏହି ବିଭୁପ୍ରୀତି ଥିଲା ଏକମାତ୍ର ସମ୍ବଳ। ତେଣୁ ଡକ୍ଟର ସାମନ୍ତରାୟଙ୍କ ଭାଷାରେ—"ନିଃସ୍ୱ ଦରିଦ୍ର ଜୀବନରେ ଭଗବଦ୍ ପ୍ରୀତି ବା ଈଶ୍ୱର ବିଶ୍ୱାସ ପ୍ରତି ଧର୍ମ ଭାବଗୁଡ଼ିକ ବଳବତ୍ତର ହେବା ସ୍ୱାଭାବିକ(୧୦)।" ଏହା ବାସ୍ତବିକ ସତ।

କବିଙ୍କର 'ଧୂଳି' ସଙ୍କଳନର ଗୀତି କବିତାଗୁଡ଼ିକରେ କବିଙ୍କର, ଦୃଢ଼ ଈଶ୍ୱର ବିଶ୍ୱାସ ଓ ଭକ୍ତି ଭାବନା ପ୍ରତିଫଳିତ। "ଈଶ୍ୱର କାହାନ୍ତି", "ପ୍ରାର୍ଥନା", "ଦେଖାଦିଅ", "ସମ୍ବଳ" ପ୍ରଭୃତି କବିତାଗୁଡ଼ିକରେ ତାହା ହିଁ ଦେଖିବାକୁ ମିଳେ। ଯଥା—

ଅନ୍ଧୁତକ୍ଷ ହୀନ ଲୁବ୍ଧ ମୁହିଁଟି ନିଃସ୍ୱ
କେବେ କେବେ କରେ ତୁମ୍ଭ ସତ୍ତାରେ ସଂଶୟ।
ଦେଖୁଛି ଜୀବନେ ବହୁଥର ତୁମ୍ଭ ହସ୍ତ
ନିର୍ବୋଧ ! ନିର୍ବୋଧ ! ଭୁଲିଯାଏ ସେ ସମସ୍ତ।

× × × ×

ତୁମର ମହିମା ଛାୟା ପଡୁ ମୋ ହୃଦୟେ
ସୁଖେ ଦୁଃଖେ ନିରେଖିବି ସକଳ ସମୟେ ।

(ପ୍ରାର୍ଥନା)

ବିଶ୍ବ ପ୍ରେମରେ ଉଦ୍‌ବୁଦ୍ଧ ହେଲେ ଆସୁରିକତାର ସମସ୍ତ ଭାବ ବିଲୁପ୍ତ ହୋଇଯାଏ । ପ୍ରାଣ ପ୍ରାଣେ ଖେଳିଯାଏ ସାତ୍ତ୍ୱିକତାର ସମଚ୍ଛାନ, ଶାନ୍ତିର ମଧୁକ୍ଷର । ସର୍ବ ଭୂତରେ ସେ ଅନୁଭବ କରେ ରସଘନ ବିଗ୍ରହ । ଚିଦାନନ୍ଦ ତନୁର ସ୍ପର୍ଶ । ଧୂଳିମାଟିର ପୃଥିବୀ ତା' ଦୃଷ୍ଟିରେ ପାଲଟିଯାଏ ସ୍ୱର୍ଗ, ବୈକୁଣ୍ଠ । ସେତେବେଳେ ମଣିଷ ଭିତରେ ରହିଥିବା ଦିବ୍ୟତା ବିଶ୍ୱ ଭିତରେ ରହିଥିବା ଦିବ୍ୟତା ବା ସମଗ୍ରତା ସହିତ ସମନ୍ୱୟ ଘଟେ । ଏହି ସାତତ୍ୟର ଅନୁଭୂତି ଶିଳ୍ପୀ ପ୍ରାଣରେ ଖେଳାଇଯାଏ ଦିବ୍ୟ ଆନନ୍ଦ; ତା'ର ଚିତ୍ତବୃତ୍ତିକୁ କରେ ଦିବ୍ୟ ଆଭାରେ ବିଭାସିତ । ସେଲୀ ସେହେତୁ କହିଛନ୍ତି—''Poetry is something divine indeed. ବ୍ୟାସକବିଙ୍କ କାବ୍ୟ ମାନସରୁ ଏହା ହିଁ ସ୍ପଷ୍ଟ ପ୍ରତୀୟମାନ ।

'ଅବସର ବାସରେ' କବିତା ସଙ୍କଳନରେ ଚୈତନ୍ୟଙ୍କ ଉପରେ ଏକ କବିତା ଲେଖି ସେ ସେଥିରେ ବୈଷ୍ଣବ ଧର୍ମର ସାରବତ୍ତା ପ୍ରତିପାଦନ କରିଛନ୍ତି—

ଭେଦ ବୁଦ୍ଧି ଦ୍ୱେଷ ହିଂସା ନରକ ନିଦାନ
ଭ୍ରାତୃ ପ୍ରେମ ସମଜ୍ଞାନ ସ୍ୱର୍ଗର ସୋପାନ ।
ସର୍ବ ଘଟେ ସ୍ଥିତି ଚିଦାନନ୍ଦ ଭଗବାନ
ଗୀତା ଭାଗବତ ଶାସ୍ତ୍ର ସେଥିର ପ୍ରମାଣ ।
(ଚୈତନ୍ୟ ଦେବଙ୍କ ସଂକୀର୍ତ୍ତନ)

ଯଥାର୍ଥରେ କୁହାଯାଇଛି—''The universality in action is the law of divine living. ସେଇ ଦିବ୍ୟସତ୍ତାଙ୍କ ସହ ଜୀବସତ୍ତା ମିଶିବାକୁ ଯେତେବେଳେ ପ୍ରୟାସୀ ହୋଇ ପଥ ଖୋଜେ, ସେ ପଥ ବା ସୋପାନ ଭକ୍ତି ବ୍ୟତୀତ ଆଉ କ'ଣ ? ଈଶ୍ୱରଙ୍କ ପ୍ରତି ଅତିଶୟ ଅନୁରକ୍ତିକୁ ଭକ୍ତି ବୋଲି ଶାଣ୍ଡିଲ୍ୟ କହିଛନ୍ତି(୧୧) । ପ୍ରନଷ୍ଟ ନାରଦ ଭକ୍ତି ସୂତ୍ରରେ ଉଲ୍ଲେଖ ରହିଛି, "ସା ତ୍ୱସ୍ମିନ୍ ପରମ୍ ପ୍ରେମ ରୂପା ।" ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ପରମ ପ୍ରେମ ଭାବ ହିଁ ଭକ୍ତି । ଯାହା ନିତ୍ୟ ଓ ନିରନ୍ତର, ଯାହା କାମନା ରହିତ — ନିଷ୍କାମ, ତାହା ହିଁ ଭକ୍ତି । ପୁଣି ଭକ୍ତି ହେଉଛି ଅନନ୍ୟ ନିରପେକ୍ଷ ଓ ପରମ ସ୍ୱତନ୍ତ୍ର(୧୨) । ଏହି ପ୍ରେମରୂପା ଅମୃତ ସ୍ୱରୂପା ଭକ୍ତ ପରମ ପୁରୁଷାର୍ଥର ତୃପ୍ତିର ସ୍ୱାଦ ଆଣିଦିଏ । ଏହା ଲାଭ କଲେ ତା' ଭିତରେ କାମନା ପୂରିଯାଏ, ସାଂସାରିକ ବସ୍ତୁରେ ଆନନ୍ଦିତ କିମ୍ବା ଉତ୍ସାହିତ ହୋଇନଥାଏ । ଏହି ଭକ୍ତିକୁ ଜାଣି ମନୁଷ୍ୟ ଉନ୍ମତ୍ତ ହୋଇଯାଏ ଓ ଆତ୍ମାରାମ ହୋଇଯାଏ । ତେଣୁ କବିଙ୍କ ଲେଖନୀରୁ ଝରି ଆସିଛି ମହାର୍ଘ ପଂକ୍ତିଟିଏ—

"ଧର୍ମ ମାର୍ଗ ମାତ୍ର ଜୀବେ ଦୟା ନାମେ ଭକ୍ତି
ଦେହ ମନ ଶୁଦ୍ଧ ଯୋଗ ସିଦ୍ଧ ଅନାସକ୍ତି ।

ବୈଷ୍ଣବ ଧର୍ମର ଦୁଇ ମାର୍ଗ ଜ୍ଞାନ ଓ ଭକ୍ତିର ଅବବୋଧରେ କି ବିଚିତ୍ର ସମନ୍ୱୟ । କବିଙ୍କର ଏହି ପଦ ଭିତରେ ବୌଦ୍ଧ, ଜୈନ, ନାଥ, ବୈଷ୍ଣବ, ବ୍ରାହ୍ମ, ଖ୍ରୀଷ୍ଟ ଆଦି ପ୍ରତ୍ୟେକ ଧର୍ମର ଆଦର୍ଶ ତତ୍ତ୍ୱ ସହେ ଯେମିତି ସାରଭୂତ ହୋଇଯାଇଛି । ସାର୍ବଜନୀନ ଧର୍ମ ମତବାଦୀ ଭାବରେ ସାମ୍ପ୍ରଦାୟିକତାର ବହୁ ଊର୍ଦ୍ଧ୍ୱରେ ଉଦାରବାଦୀ ସାଜି ବିଶ୍ୱ ଧର୍ମର ମନୋଜ୍ଞ ବୈଚିତ୍ର୍ୟ ଉଦ୍‌ଘାଟନ କରିଥିଛନ୍ତି । ଏହି ଦିବ୍ୟ ଦୃଷ୍ଟି, ଦିବ୍ୟ ଚେତନା, ପୂତ ପ୍ରେରଣା ଏବଂ ମାନବ ଧର୍ମର ରୂପାନ୍ତର ହିଁ ବିଶ୍ବବୋଧ । ଏହି ବିଶ୍ବବୋଧ ଏକ ଅନ୍ତର୍ମୁଖୀ ଚେତନା । ଏହି ଚେତନାରୁ ନିଃସୃତ ସାରସ୍ୱତ ସୃଷ୍ଟି ହିଁ ବିଶ୍ବବୋଧର ପ୍ରତୀତି ଆଣି ଦିଏ । ତେଣୁ ଭାରତୀୟ ଦର୍ଶନରେ ଧର୍ମର ଯଥାର୍ଥ ବ୍ୟାଖ୍ୟା ଦେବାକୁ ଯାଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଛନ୍ତି — ''Religion is essentially a concern of the inner life. Its end is to secure spiritual certainty which lifts life above meaningless existance all despair.'' ଅର୍ଥାତ୍—ଧର୍ମ ହେଉଛି ଆଭ୍ୟନ୍ତରୀଣ ଜୀବନର ପ୍ରଶ୍ନ । ଏହାର ଲକ୍ଷ୍ୟ ହେଉଛି ଆଧ୍ୟାତ୍ମିକ ନୈଶ୍ଚିତ୍ୟ ଲାଭ । ଯାହା ଜୀବନକୁ ଅର୍ଥହୀନ ପରିପ୍ରେକ୍ଷୀରୁ ଊର୍ଦ୍ଧ୍ୱକୁ ଉନ୍ନୀତ କରେ । ସାହିତ୍ୟର ଆଭିମୁଖ୍ୟ ପ୍ରାୟ ଅନୁରୂପ । ସେନାପତି କବି ମାନସର ସୃଷ୍ଟି ଦିଗ୍‌ବଳୟରେ ଏହି ଭାବ ବିନ୍ଦୁ ଅତି ପରୋକ୍ଷରେ ଫୁଟି ଉଠିଛି । ଗୀତି କବିତା ସମୂହରେ ନିଜ ଜୀବନର ଆଶା, ନିରାଶା, ବିରହ, ବେଦନା, ଜ୍ୱାଳା—ଯନ୍ତ୍ରଣା ଭଳି ଯେତେ ସବୁ ବ୍ୟକ୍ତିଗତ ଭାବ ଫୁଟି ଉଠିଥିଲେ ବି ବିଶ୍ବବୋଧ ହିଁ ସବୁରି ଊର୍ଦ୍ଧ୍ୱରେ ତାଙ୍କ ସୃଷ୍ଟି ସୌଧକୁ କରିଛି ମହିମାମଣ୍ଡିତ । ତେଣୁ ସମାଲୋଚକଙ୍କ ଭାଷାରେ — "ତାଙ୍କର ସେହି କବିତାଗୁଡ଼ିକ ଅତ୍ୟନ୍ତ ସରସ ଏବଂ ହୃଦୟଗ୍ରାହୀ ହୋଇଛି, ଯେଉଁଠି କବି ସବୁ କଥା ଭୁଲି ବିଶ୍ବ ପ୍ରେମର ବିମଳ ମନ୍ଦାକିନୀ ପ୍ରବାହରେ ଆପଣାର ଜୀବନ ନୌକା ମେଲି ଦେଇଛନ୍ତି; ଯେଉଁଠି ମଣିହରା ଫଣି ପରି ଆକୁଳ ପ୍ରାଣରେ ଭଗବାନଙ୍କୁ ଅନ୍ୱେଷଣ କରୁଛନ୍ତି, ପୁଣି ଯେଉଁଠି ବାସ୍ତବ ଜଗତର ଦୁଃଖ, ଦୁର୍ଦ୍ଦଶା, କ୍ଳେଶ, ଯାତନାର ପଛକୁ ହଟିଯାଇ ଜଗତ ଓ ଜୀବନକୁ ଆନନ୍ଦମୟ ଓ ଅମୃତମୟ ମନେ କରୁଛନ୍ତି(୧୩) ।

ବିଷମ ଜୀବନ ଜଞ୍ଜାଳରେ ଦଗ୍ଧ ସନ୍ତୁଳିତ ଫକୀର ମୋହନଙ୍କର ବିଷାଦବାଦୀ ମନଟି ହିଁ ଫୁଟି ଉଠେ ଗୀତି କବିତା ସମୂହରେ । ସେ ବିଷାଦବାଦର ପରୋକ୍ଷରେ ବାରି ହୋଇଯାଏ ଏକ ଅତୃପ୍ତିର ଘନ ରେଖା । ଏ ଅତୃପ୍ତି ସାହିତ୍ୟ ସ୍ରଷ୍ଟା ହୃଦୟର ଯେତିକି ନୁହେଁ, କର୍ତ୍ତବ୍ୟରତ ଜଣେ ଖାଣ୍ଟି ପୁରୁଷର ଅତୃପ୍ତି ପରି ମନେ ହୁଏ । ଜୀବନରେ ସ୍ୱପ୍ନ ବହୁତ, କିନ୍ତୁ ଜୀବନ ଓ ସମୟ ସୀମିତ । ବିଧି ନିର୍ଦ୍ଦେଶିତ ଫକୀର ମୋହନ । ଓଡ଼ିଆ ଜାତି ପାଇଁ ବହୁ କିଛି କରିବାର ଶପଥ ନେଇ ଶେଷରେ ଅନୁଭବ କରିଛନ୍ତି; ସତେ ଯେମିତି କିଛି କରିପାରି ନାହାନ୍ତି । ବାରମ୍ବାର ଶୁଣୁଛନ୍ତି — ଖାଣ୍ଟିରୁ ଆହୁରି ଉପରକୁ, ଉତଖାଣ୍ଟି ପଥରେ ପଥରେ ଗତି କରିବାର ଏକ ଆଶାନ୍ୱିତ ଆହ୍ୱାନ । କିନ୍ତୁ ଜରା—ବ୍ୟାଧି ସଙ୍ଗେ ସଂଘର୍ଷରତ ଜଣେ ମୁମୂର୍ଷୁ ଜୀବନରେ ସମୟ ଓ ସାମର୍ଥ୍ୟ କାହିଁ ? ତଥାପି ଫକୀର ମୋହନ ହାରିଯାଇ ନାହାନ୍ତି । କ୍ଷୁଦ୍ର ଦୁର୍ବାଦଳତୁଲ୍ୟ ସମାଜର ପାରିପାର୍ଶ୍ୱିକ ଅବସ୍ଥାରେ ପଦ ଦଳିତ ହୋଇଯାଇ ନାହାନ୍ତି । ଦୁର୍ବିସହ ଜୀବନ ଯନ୍ତ୍ରଣାକୁ ସାମନା କରି ଏକ ମହା ଦ୍ରୁମର ଭୂମିକା ଦେଖାଇ ଜାତି ପାଇଁ ଛାଡ଼ିଯାଇଛନ୍ତି କର୍ତ୍ତବ୍ୟର ଏକ ପରୋକ୍ଷ

ଇଙ୍ଗିତ । ବାହ୍ୟ ଦୁନିଆକୁ ଦେଖାଯାଉଥିବା ଫକୀର ମୋହନଙ୍କ ଅନ୍ତଃକରଣରେ ଅନ୍ତଃସଲିଳା ଫଲ୍‌ଗୁ ପରି ଝରିଯାଉଛି ବିଭୁ ପ୍ରେମର ଅମନ୍ଦ ମନ୍ଦାକିନୀ । ଯାହାଙ୍କ ସତ୍ତାରେ ସେ ଦିନେ ସନ୍ଦିହାନ ବା ସଂଶୟବାଦୀ ହୋଇ ପଡ଼ିଥିଲେ; ମୁମୂର୍ଷୁ ଜୀବନର ସନ୍ଧ୍ୟା ଆଗମନରେ ଧ୍ରୁବ ବିଶ୍ୱାସ ନେଇ ସତେ ଯେମିତି ଶୂନ୍ୟକୁ ହାତ ପାତି ପରମ ପିତାଙ୍କର କରୁଣା ଭିକ୍ଷା କରିଛନ୍ତି—

"ଆସିଛି ଏକାକୀ ଯିବି ଏକାକୀ କେବଳ
ଅନ୍ତିମ କାଳରେ ତମ କରୁଣା ସମ୍ବଳ ।
(ସମ୍ବଳ — ଧୂଳି)

ଏହାରି ମଧ୍ୟରେ ଫୁଟି ଉଠେ ବିଭୁ ପ୍ରେମରେ ଉଦ୍‌ବୁଦ୍ଧ, ଆଶ୍ରିତ, ଆଶାନ୍ୱିତ ଏକ ପରମ ସନାତନୀ ମୂଲ୍ୟବୋଧ ଭିତ୍ତିକ ଜୀବନର ଗଭୀର ଦର୍ଶନ ।

ସଙ୍କେତ ସୂଚୀ :—

(୧) ଫକୀର ମୋହନ ସେନାପତି, ଆତ୍ମ ଜୀବନ ଚରିତ ପୃଃ ୮ ।
ଫକୀର ମୋହନ ସେନାପତି, ମାମୁଁ ।

(୩) ଶ୍ରୀମଦ୍ ଭଗବଦ୍ ଗୀତା—ଜ୍ଞାନଯୋଗ—ଶ୍ଲୋକ ୪୨ ।

(୪) ସର୍ବେଶ୍ୱର ଦାସ — ଯୁଗ ସ୍ରଷ୍ଟା ଫକୀର ମୋହନ—ପୃଃ ୧୦୯ ।

(୫) ଏଜନ, ତଦୈବ—ପୃଃ ୧୦୫ ।

(୬) ଈଶୋପନିଷଦ ।

(୭) ଶ୍ୱେତାଶ୍ୱେତର ଉପନିଷଦ ।

(୮) ଶ୍ରୀମଦ୍ ଭଗବଦ୍ ଗୀତା—୨ୟ ଅଧ୍ୟାୟ, ସାଂଖ୍ୟ ଯୋଗ—ଶ୍ଲୋକ ୨୩ ।

(୯) ଡଃ ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟର ଇତିହାସ—ପୃଃ ୩୮୮ ।

(୧୦) ଏଜନ, ତଦୈବ—ପୃ ୫୮୬ ।

(୧୧) ଶାଣ୍ଡିଲ୍ୟ ଭକ୍ତି ସୂତ୍ର ।

(୧୨) ନାରଦ ଭକ୍ତି ସୂତ୍ର—(୪/୨୫) ।

(୧୩) ସର୍ବେଶ୍ୱର ଦାସ — ଯୁଗ ସ୍ରଷ୍ଟା ଫକୀର ମୋହନ—ପୃଃ ୨୩୦ ।

ସରକାରୀ ମହାବିଦ୍ୟାଳୟ,
ଫୁଲବାଣୀ ।



ବିଶ୍ୱ ନିଶା ନିରୋଧ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ ସାଇକେଲ ରାଲି ସମାବେଶକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି



ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଲକ୍ଷ୍ମଣ ନାୟକଙ୍କ ଝିଅକୁ ସାକ୍ଷାତ କରୁଛନ୍ତି ।



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଶ୍ରୀ ପ୍ରଶାନ୍ତ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ 'ଓମ୍‌ସା'ର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।



ସୂଚନା ଭବନଠାରେ ଆୟୋଜିତ ଏକ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଏକ ଓଡ଼ିଆ ପାକ୍ଷିକ ପତ୍ରିକା 'ନାରୀ କଲ୍ୟାଣ'କୁ ଉଦ୍‌ଘାଟନ କରୁଛନ୍ତି ।



ବିଧାନ ସଭା ପରିସର ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୃତ୍ୟୁ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ଏକ ସଭାରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସଙ୍କ ଅଭିଭାଷଣ ।



ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପଠାରେ ଆୟୋଜିତ ଓଡ଼ିଆ ଯୁବ ଲେଖକ ସମ୍ମେଳନ ବାର୍ଷିକ ଅଧିବେଶନରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀଙ୍କ ଉଦ୍‌ବୋଧନ ।



କଟକ ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟ ପରିସର ମଧ୍ୟରେ ନେତାଜୀ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ।



ସୂଚନା ଭବନଠାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ 'ଯୁବ ଉତ୍ସବ ୧୯୯୪'ର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।



ରାଜଭବନଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ବାଚସ୍ପତିମାନଙ୍କ ସହିତ ଆଲୋଚନା କରୁଛନ୍ତି ।



ଭୁବନେଶ୍ୱର ଉଡ଼ାଜାହାଜ ପଡ଼ିଆଠାରେ ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଲୋକ ସଭା ବାଚସ୍ପତି ଶ୍ରୀ ଶିବରାଜ ପାଟିଲଙ୍କୁ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଉଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଉପସ୍ଥିତ ଅଛନ୍ତି ।

ଗଛ

ଭାଗୀରଥି ଦାଶ

ଗଛ ଆମର ମିତ
ତାହାକୁ ଆମେ ଯତ୍ନ କଲେ
ସଂସାର ପାଇଁ ହିତ । (୧)

ଗଛ ଆମର ଧନ
ଦେଇ ବାୟୁ ଅମ୍ଳଜାନ
ରଖେ ଆମର ପ୍ରାଣ । (୨)

ଗଛ ଆମରି ଭାଇ
ଔଷ ଦିଏ ସେ, ବାସ ଦିଏ ସେ,
ଯୋଗାଇ ଥାଏ ଛାଇ । (୩)

ଗଛ ଆମର ସଖା
ଏକୁଡ଼ିଶାକୁ ମରଣ ଯାଏ,
ସବୁଠି ସିଏ ଦେଖା । (୪)

ଗଛ ବଡ଼ ଉପକାରୀ
ତା'ଫୁଲ ଫଳ ଅମୂଲମୂଲ,
ସତେକି ମାଆ ପରି । (୫)

ଗଛ ଅଟଇ ବଡ଼
ଦାନ୍ତକାଠିରୁ ଉଡ଼ାଜାହାଜ,
ଲାଗେ ତା' ହାଡ଼ଗୋଡ଼ । (୬)

ଗଛ ହୋଇଲେ ନାଶ
ପାଣି ପବନ ହୋଇବ ବିଷ,
ଧ୍ୱଂସ ହେବ ପରିବେଶ । (୭)

ଗଛ ,ଆମରି ସାଥି
ବାଡ଼ି ବଗିଚ୍ଚ ସ୍କୁଲଠାରେ
ଲଗାଇଥିବା ନିତି । (୮)

'ନିଡ଼',
୯୮୧, ସାମନ୍ତରାପୁର,
ଭୁବନେଶ୍ୱର-୨ ।

ଲକ୍ଷ୍ମଣ ନାୟକ

ବାବାଜୀ ଚରଣ ସ୍ୱାଇଁ

ଲକ୍ଷ୍ମଣ ନାୟକ ଲକ୍ଷ୍ମଣ ନାୟକ
ଓଡ଼ିଶା ମାଟିର ଟାଣୁଆ ବୀର
ଫାଶୀ ଖୁଣ୍ଟେ ତୁମେ ଝୁଲିଗଲ ସିନା
ବିଦେଶୀ ପାଦରେ ନୋଇଁନା ଶିର ।

ଆଜି ନାଚି ଉଠେ ନୟନେ ନୟନେ
ତୁମରି ମହାନ କୀରତି ରାଜି
ହେ ମହା ନାୟକ ସ୍ୱାଧୀନତା ଯୁଦ୍ଧେ
ତୁମେ ପରା ଥିଲ ସୈନିକ ସାଜି ।

ତୁମେ ଶିଖାଇଲ ବାପୁଙ୍କର ନୀତି
ବିଦେଶୀ ଦରବ ବର୍ଜନ କର
ତୁମେ ବୁଝାଇଲ ଘରେ ଘରେ ବୁଲି
ନିଶା କାରବାର ବିଷମ ଫଳ ।

ତୁମେ ଶିଖାଇଲ ସବୁ ନର ନାରୀ
ଅହିଂସା ପଥରେ ଚାଲିବା ପାଇଁ
ତୁମେ ଶିଖାଇଲ ଅସହଯୋଗର
ସଫଳତା ବିନା ବିଫଳ ନାହିଁ ।

ଉଡ଼ାଇବା ପାଇଁ ମାଥିଲି ଥାନାର
ଛାତିରେ ତିରଙ୍ଗୀ କେତନ ଆମ
ସହକର୍ମୀ ମେଳେ ଆଗେଇ ଚାଲିଲ
ସ୍ଲୋଗାନେ ଥରିଲା ମାଥିଲି ଧାମ ।

ଗୋରା ପଲଟନର ଲାଠି ପ୍ରହାରରେ
ସେ କାଳେ ପଡ଼ିଲ ଚେତନା ହାରି

ତୁମରି ନାମରେ ଅଭିଯୋଗ ହେଲା
ତୁମେ ପୁଣି ଦେଲ ମଣିଷ ମାରି ।

ମିଥ୍ୟା ମାମଲାରେ ମିଥ୍ୟା ସାକ୍ଷ୍ୟ ଦେଇ
ଦେଲେ ମୃତ୍ୟୁ ଦଣ୍ଡ ବିଚାର କରି
ପରାଣ ଆତଙ୍କେ ତୁମ ନୟନରୁ
ସେକାଳେ ପଡ଼ିନି ଲୋତକ ଝରି ।

ଫାଶୀର ଖୁଣ୍ଟରେ ଉଚ୍ଚାରିଲ ମୁଖେ
"ବନ୍ଦେ ମାତରଂ ଭାରତ ଜୟ
ଦେଶ ମାଟି ପାଇଁ ମରିବି ମରିବି
ମରଣକୁ ତିଳେ ନାହିଁ ମୋ ଭୟ ।"

ତୁମ ପ୍ରାଣ ଦାନ ହେଲାନି ବିଫଳ
ଉଡ଼ିଲା ଭାରତେ ସ୍ୱାଧୀନ ବାନା
ଫିରିଙ୍ଗି ଫେରିଲା ଦରିଆ ସେପାଖେ
ନେଲାନି ସ୍ୱେରାଇ ଆମରି ଦାନା ।

ଦେଶ ଜାତି ପାଇଁ ଶହୀଦ୍ ହୋଇଲ
ରଖିଗଲ ନାମ ଏ ମାଟି କୋଳେ
ହେ ବୀର ଲକ୍ଷ୍ମଣ ତୁମ ପାଇଁ ଆଜି
ଭକତିର ଅର୍ଘ୍ୟ ହୃଦୟେ ତୋଳେ ।

(ନଭେମ୍ବର ୨୨ ଲକ୍ଷ୍ମଣ ନାୟକ ଜୟନ୍ତୀ ଉପଲକ୍ଷେ)

ତହସିଲ ଅଫିସ୍,
ଫୁଲବାଣୀ-୭୬୨୦୦୧ ।

ଉତ୍କଳୀୟ ଗୃହ ନିର୍ମାଣ ଶୈଳୀରେ ସ୍ୱାତନ୍ତ୍ର୍ୟ

ଇଂ: ସତ୍ୟବ୍ରତ ରଥ

ସାଂସ୍କୃତିକ ପୃଷ୍ଠଭୂମିରେ ଉତ୍କଳୀୟମାନଙ୍କର ଗୌରବୋଜ୍ଜ୍ୱଳ ପରିଚୟ ସୁଦୂର ପ୍ରସାରୀ । ଏମାନେ ବୀର, ସାହସୀ ଶୃଙ୍ଖଳିତ, ସଂସ୍କୃତି ସମ୍ପନ୍ନ କଳାକୁଶଳୀ ଜାତି ବୋଲି ଇତିହାସ ପୃଷ୍ଠାରୁ ପ୍ରମାଣ ମିଳେ । ଧ୍ୱସ୍ତ ବିଧ୍ୱସ୍ତ ଶିଶୁପାଳ ଗଡ଼ର ଅବଶେଷ ଅଂଶରେ ଉତ୍କଳୀୟମାନଙ୍କର ବସବାସ ପ୍ରଣାଳୀର ଏକ ସୁଦୃଶ୍ୟ ନକ୍ସା ଏବେ ମଧ୍ୟ ରହିଛି ।

ଗୃହ ନିର୍ମାଣ କ୍ଷେତ୍ରରେ ଉତ୍କଳୀୟମାନଙ୍କର ଶୈଳୀ ସ୍ୱତନ୍ତ୍ର । ବାସଗୃହକୁ ସେମାନେ ପବିତ୍ର, ଶାନ୍ତିପ୍ରଦ ଆଶ୍ରୟସ୍ଥଳୀ ବୋଲି ମନେ କରୁଥିଲେ । କର୍ମମୟ ଗୃହସ୍ଥ ଜୀବନରେ ଈଶ୍ୱର ଉପାସନା ଏବଂ ଅତିଥି ଚର୍ଚ୍ଚା ପାଇଁ ବାସଗୃହରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିଲା । ପରିବାରର ମୌଳିକ ଆବଶ୍ୟକତାକୁ ବିଚାର କରି ନିଜର ସାମର୍ଥ୍ୟ ଅନୁସାରେ ନାଗରିକମାନେ ଗୃହ ନିର୍ମାଣ କରୁଥିଲେ ।

କଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ କ୍ଷେତ୍ରରେ ଉତ୍କଳୀୟମାନଙ୍କର କୀର୍ତ୍ତି ଅମଳିନ । କାରୁକାର୍ଯ୍ୟ ମାଧ୍ୟମରେ ପ୍ରାକୃତିକ ଉପାଦାନର କମନୀୟ ଚିତ୍ର ସହିତ ଈଶ୍ୱରୀୟ ଅଭିବ୍ୟକ୍ତି ଧର୍ମପ୍ରାଣ ଓଡ଼ିଆ ଶିଳ୍ପୀର ବିଶେଷତ୍ୱ । ସେତେବେଳେ ଯେଉଁମାନେ ଗୃହ ନିର୍ମାଣ କ୍ଷେତ୍ରରେ ଦକ୍ଷତା ହାସଲ କରିଥିଲେ, ସେମାନଙ୍କୁ ବାସକର୍ମୀନ ବା ବିଜ୍ଞାଣୀ କୁହାଯାଉଥିଲା ଏବଂ ସମାଜରେ ସେମାନଙ୍କୁ ଯଥେଷ୍ଟ ମର୍ଯ୍ୟାଦା ଦିଆଯାଉଥିଲା ।

ସୁସ୍ଥ ଜୀବନ ପାଇଁ ଆଲୋକ ଏବଂ ବିଶୁଦ୍ଧ ବାୟୁ ଏକାନ୍ତ ଆବଶ୍ୟକ ବୋଲି ଉତ୍କଳର ଅଧିକାଂଶ ଗ୍ରାମ ପୂର୍ବ–ପଶ୍ଚିମ ବ୍ୟାପି ଏବଂ ବାସଗୃହ ଉତ୍ତର କିମ୍ବା ଦକ୍ଷିଣମୁଖୀ ହୋଇ ନିର୍ମିତ ହେଉଥିଲା । ଉତ୍ତର–ଦକ୍ଷିଣ ବାୟୁ ସଞ୍ଚାଳନର ଦିଗ ଏବଂ ପୂର୍ବ–ପଶ୍ଚିମ ଆଲୋକ ସଞ୍ଚାରର ଦିଗ ।

ଗୃହ ନିର୍ମାଣ ଉପକରଣ ହିସାବରେ କାଠ, ବାଉଁଶ, ପଥର, ମାଟି, ଚୂନ, ମୁଖ୍ୟତଃ ବ୍ୟବହୃତ ହେଉଥିଲା । ଧାନ ଓଡ଼ିଶାର ପ୍ରଧାନ ଫସଲ ହୋଇଥିବାରୁ ଏବଂ ନଡ଼ା, ଛଣ ସୁବିଧାରେ ମିଳୁଥିବା ଯୋଗୁ ଲୋକମାନେ ଖଳ ଛପର ଘର ତିଆରି କରୁଥିଲେ । ପରେ ପରେ ଲୁହା ଏବଂ ମାଟି ଖପରର ବ୍ୟବହାର ଲୋକମାନେ ଜାଣିଲେ । ଦ୍ରବ୍ୟର ସୁଲଭତା ଅନୁଯାୟୀ ବାସଗୃହର ଗଠନ ପ୍ରଣାଳୀରେ ଭିନ୍ନତା ଅବଶ୍ୟ ରହୁଥିଲା ।

ସମାଜରେ ଧନୀକ ଶ୍ରେଣୀର ଲୋକଙ୍କ ସଂଖ୍ୟା କମ୍ ଥିଲା । ସେମାନେ ଏକ ବା ଦୁଇ ସାହାଲା ବିଶିଷ୍ଟ ଆୟତାକାର ବାସଗୃହ ନିର୍ମାଣ କରୁଥିଲେ । ପ୍ରଥମ ସାହାଲାରେ ବୈଠକ ଘର, ଶୟନ କକ୍ଷ, ଠାକୁର ଘର, ରୋଷେଇ ଘର, ଲଘୁ ଅମାର ରହୁଥିଲା । ଦ୍ୱିତୀୟ ସାହାଲାରେ ଅତିଥି ବିଶ୍ରାମ ଘର, ମନୋରଞ୍ଜନ କୋଠରୀ ପିଲାଙ୍କ ପଢ଼ା ଘର, ବଡ଼ ଅମାର ଏବଂ ଗୋଶାଳା ରହୁଥିଲା । ବାସଗୃହର ସାମଗ୍ରିକ ବିସ୍ଥାପନ (Orientation) ଏବଂ କୋଠରୀଗୁଡ଼ିକର ଆକାର ବେଶ୍ ଉପଯୋଗୀ ଏବଂ ଆନୁପାତିକ ଭାବେ ସ୍ଥିର କରାଯାଉଥିଲା । ପରିବାରର ଆକାର ବଡ଼ ହେଲେ, ଦୁଇ ମହଲା ଘର ଧନୀକ ଲୋକମାନେ ତିଆରି କରୁଥିଲେ । କଡ଼ି ବରଗା ଦେଇ ଚୂନ ଛାତର ପ୍ରଚଳନ ଓଡ଼ିଶାରେ କେତେକ କ୍ଷେତ୍ରରେ ଥିଲା ।

ମଧ୍ୟବିତ୍ତ ଶ୍ରେଣୀର ନାଗରିକମାନଙ୍କ ସଂଖ୍ୟା ସମାଜରେ ପ୍ରାୟତଃ ଶତକଡ଼ା ଷାଠିଏ ଭାଗ ଥିଲା । ସେମାନେ ଏକ ମହଲା ବିଶିଷ୍ଟ ଆୟତାକାର ଘର ବା ଖୁଆଡ଼ ଘର ତିଆରି କରୁଥିଲେ । ସ୍ଥାନର ଭୌଗୋଳିକ ଅବସ୍ଥିତି ଅନୁଯାୟୀ ଗୃହର ଉପପତନ (Plinth) ସ୍ଥିର ହେଉଥିଲା । ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଏହା ଥିଲା ତିନି ହାତ ବା ସାଢ଼େ ଚାରି ଫୁଟ । ସମ୍ମୁଖ ଭାଗରେ ଅଢ଼େଇ ହାତ ଓସାର ବାରଣ୍ଡା (ପିଣ୍ଡା), ମଧ୍ୟ ଭାଗରେ ତିନି ହାତ ଓସାର ପିଣ୍ଡା ଏବଂ ବଡ଼ ଅଗଣା ଉତ୍କଳୀୟ ବାସଗୃହର ଏକ ପ୍ରଚଳିତ ନମୁନା ।

ସ୍ୱଳ୍ପବିତ୍ତ ବା ସେବକ ଶ୍ରେଣୀର ଲୋକମାନେ ଦୁଇ ବା ତିନି କୋଠରୀ ବିଶିଷ୍ଟ ଗୃହରେ ବାସ କରୁଥିଲେ । ସେମାନଙ୍କର ବାସଗୃହ ଆବଦ୍ଧ ପାଚେରୀ ମଧ୍ୟରେ ରହୁ ନଥିଲା ।

ଏକ ମାମୁଲି ଅଟକଳ ଅନୁଯାୟୀ ମଧ୍ୟବିତ୍ତ ପରିବାରର ଜଣଙ୍କ ପାଇଁ ବିଶା ଗଣ୍ଡେ ବା ୧୨୦ ବର୍ଗ ହାତ ଇଲାକା ପରିମିତ ବାସଗୃହ ଏବଂ ଅଗଣା ରହୁଥିଲା । ଏକକ ହିସାବରେ ହାତ (ଅଠର ଇଞ୍ଚ), ମୁଖଣ୍ଡ ଏବଂ ଆଙ୍ଗୁଳି ମାପ ସେ ସମୟରେ ଶିଳ୍ପୀମାନଙ୍କର ମାପଦଣ୍ଡ ଥିଲା । ବାସଗୃହଗୁଡ଼ିକ ନିର୍ଦ୍ଦିଷ୍ଟ ବନ୍ଧ ଏବଂ ଚଙ୍ଗ ଅନୁଯାୟୀ ନିର୍ମିତ ହେଉଥିଲା ।

ଗବାକ୍ଷ, ଆଲୁଅ ପହଁରା (Sky light), କାଛଖୁରା ଏବଂ ଝରକାମାନଙ୍କରେ ଉତ୍କଳୀୟମାନଙ୍କର ସ୍ୱତନ୍ତ୍ର ଶୈଳୀ ସ୍ୱାକ୍ଷରିତ ।

ଉତ୍କଳ ଏକ ସୁଜଳା, ସୁଫଳା, ନଦୀ ମାତୃକା ଶ୍ରୀମଣ୍ଡିତା ରାଜ୍ୟ ବୋଲି ମରହଟ୍ଟା ବର୍ଗୀମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା ।

ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରୁ ଲୋହାଗଣ୍ଡ ବର୍ଗୀମାନଙ୍କ ଆକ୍ରମଣ ଯୋଗୁ ତତ୍କାଳୀନ ଓଡ଼ିଶାର ଗ୍ରାମମାନଙ୍କରେ ଆତଙ୍କ ସୃଷ୍ଟି ହେଲା । ସେହି ବର୍ଗୀମାନେ ଚତୁର ଏବଂ ଅର୍ଥ ଲୁଣ୍ଠନ ପାଇଁ ଭିନ୍ନ କୌଶଳ ଅବଲମ୍ବନ କରି ପୁରପଲ୍ଲୀରେ ଅସ୍ଥିର ଅବସ୍ଥା ସୃଷ୍ଟି କରିଥିଲେ ।

ବର୍ଗୀମାନେ ସ୍ୱାଭାବତଃ ହିନ୍ଦୁ, ସେମାନେ ଶିଶୁ ଏବଂ ଗୋ-ଜାତି ପ୍ରତି ସହାନୁଭୂତିଶୀଳ ଥିଲେ । ଦୁଇ ପ୍ରକାର ବର୍ଗୀ ଭିନ୍ନ କୌଶଳ ଅବଲମ୍ବନ କରୁଥିଲେ । କେତେବେଳେ ସ୍ତ୍ରୀ ଜାତିକୁ ସମ୍ମାନ ଦେଉଥିବା ବେଳେ, ଅନ୍ୟ କେତେକ ଧନ ଲୁଣ୍ଠନ ସଙ୍ଗେ ନାରୀ ଜାତିର ଅମର୍ଯ୍ୟାଦା ଘଟାଉଥିଲେ ।

ସେହି ବର୍ଗୀମାନଙ୍କ ଦୌରାତ୍ମ୍ୟ ତଥା ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏବଂ ସେମାନଙ୍କର ଲୋଲୁପ ନଜରରୁ ନିଜକୁ ଲୁଚାଇଥିବା ରଖିବା ପାଇଁ ପୁରପଲ୍ଲୀର ନାଗରିକମାନେ ଝରକା କବାଟ ବନ୍ଦ ରଖିଲେ ଏବଂ ଘର ସାମନାରେ ଗୋରୁଗାଈମାନଙ୍କୁ ବାନ୍ଧି ରଖିଲେ । ଏହି ବ୍ୟବସ୍ଥା କ୍ରମେ ସ୍ଥାୟୀ ରହିଲା ଏବଂ ବାସଗୃହ ନିର୍ମାଣ କ୍ଷେତ୍ରରେ ଏକ ଅନାଦରଣୀୟ ପରିବର୍ତ୍ତନ ସେହି ସମୟରୁ ଘଟିଲା ।

ଜନସଂଖ୍ୟା ବୃଦ୍ଧିକ୍ରମେ ଘର ଭିତର ଆକାର କ୍ରମେ କ୍ରମେ କ୍ଷୁଦ୍ରତର ହେବାକୁ ଲାଗିଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ଜନସଂଖ୍ୟାର ସାନ୍ଦ୍ରତା (Dencity of population) ଅଧିକ ହେବା ଯୋଗୁ ଗୃହ ନିର୍ମାଣ କ୍ଷେତ୍ରରେ ତା'ର ପ୍ରଭାବ ପଡ଼ିଲା । ପରିବର୍ତ୍ତିତ ଅଭିରୁଚି ଏବଂ ଆର୍ଥିକ ଅଭାବହେତୁ ଊନବିଂଶ ଶତାବ୍ଦୀ ବେଳକୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଦୀର୍ଘ ବିଛିଣୀ ବାଷ୍ଟ (Lengthy & segment distribution) ଘର ଲୋକମାନେ ତିଆରି କରିବାକୁ ବାଧ୍ୟ ହେଲେ । ବିଦେଶୀ ସଭ୍ୟତାର ପ୍ରଭାବ କ୍ରମେ ବାସଗୃହର ମୌଳିକ ନକ୍ସା ସ୍ଥୂଳତଃ ନିଜର ସ୍ୱତନ୍ତ୍ରତା ହରାଇଲା । ତଥାପି ସାଂସ୍କୃତିକ ପୃଷ୍ଠଭୂମିରେ ଉତ୍କଳୀୟ ଗୃହ ନିର୍ମାଣ ଶୈଳୀ ଅନେକ କ୍ଷେତ୍ରରେ ନିଜସ୍ୱ ଆବୋରି ବସିଛି ।

ପ୍ରଥମେ ସ୍ଥାୟିତ୍ୱ ଏବଂ ନିରାପତ୍ତା, ଦ୍ୱିତୀୟରେ ପ୍ରୟୋଜନୀୟତା, ତୃତୀୟରେ ଅନୁପାତ ଏବଂ କାରୁକାର୍ଯ୍ୟ ପ୍ରତି ଉତ୍କଳୀୟମାନେ ଗୁରୁତ୍ୱ ଦେଉଥିଲେ ।

ଆଜି ବିଭିନ୍ନ ନକ୍ସାଙ୍କନ ଅନୁସାରେ ସହର ତଥା ଗ୍ରାମାଞ୍ଚଳରେ ବାସଗୃହ ନିର୍ମାଣ ଚାଲିଛି । ସେଥିପାଇଁ ବୈଷୟିକ ଜ୍ଞାନସମ୍ପନ୍ନ ବିଶେଷଜ୍ଞମାନଙ୍କର ଉପାଦେୟ ପରାମର୍ଶ ମଧ୍ୟ ନିଆଯାଉଛି । କିନ୍ତୁ ଅତୀତରେ ଉତ୍କଳୀୟମାନଙ୍କର ଗୃହ ନିର୍ମାଣ କ୍ଷେତ୍ରରେ ଯେଉଁ କୌଶଳ ଅବଲମ୍ବନ କରାଯାଉଥିଲା, ତାହା ମୂଳରେ ଥିଲା ଅନନ୍ତ ଶିଳ୍ପ ନୈପୁଣ୍ୟ ଏବଂ ସମୁନ୍ନତ ଅଭିରୁଚି ।

କଲେଜ ରୋଡ଼,
ବାଙ୍କୀ, କଟକ ।



ଭୁବନେଶ୍ୱରଠାରେ ବିଶ୍ୱ ନିଶା ନିରୋଧ ଦିବସ ଉପଲକ୍ଷେ ଲୋକ ସଂସ୍କୃତି କେନ୍ଦ୍ର ଦ୍ୱାରା ଆୟୋଜିତ ଏକ ଆଲୋଚନାଚକ୍ରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଉଦ୍‌ବୋଧନ ଦେଉଛନ୍ତି

'ଭୀମ ଖୋଜ୍' – ଏକ ଦର୍ଶନୀୟ ସ୍ଥାନ

ଶ୍ରୀ ମହାପାତ୍ର ପ୍ରଧାନ

ପ୍ରକୃତିର ସବୁଜ ବନାନୀ ଘେରା ପାହାଡ଼ ମଝିରେ 'ଭୀମ ଖୋଜ୍' ଏକ ମନୋରମ ଦର୍ଶନୀୟ ସ୍ଥାନ । ଏହା ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ଉପଖଣ୍ଡ ନୁଆଡ଼ିହି ପଞ୍ଚାୟତର ଲଢ଼ିଆ ପାଲିଗ୍ରାମ ନିକଟରେ ଅବସ୍ଥିତ । ଏଠାରେ ଜିପ୍ ଯୋଗେ ସୁବିଧାରେ ପହଞ୍ଚି ହୁଏ । ଭୀମ ଖୋଜ୍ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପାଞ୍ଚ ଦଶ ମିନିଟ୍ ପଦ ବ୍ରଜରେ ଝରଣା କୂଳେ କୂଳେ ଗଲେ ଏହି ସ୍ଥଳୀକୁ ଠାବ କରିବା ସହଜ ହୁଏ । ଝରଣା କୂଳ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ, କୂଳରେ ଥିବା ବହୁ ସମତଳ ଓ ଚଟାଣଦିମାନଙ୍କରେ ବଣଭୋଜୀ ଉପଯୋଗୀ ସ୍ଥାନମାନ ରହିଛି । ଭୀମ ଖୋଜ୍‌ର ତଳ ଓ ଉପର ମୁଣ୍ଡରେ ମଧ୍ୟ ଏପରି ଅନେକ ସୁନ୍ଦର ସ୍ଥାନମାନ ରହିଛି, ଯେଉଁଠାରେ ୨୫/୨୬ ଜଣ ଲୋକ ସ୍ୱଚ୍ଛନ୍ଦରେ ରହି ରୋଷେଇବାସ କରିବା ସୁବିଧା ରହିଛି । ଡିସେମ୍ବରଠାରୁ ଫେବୃୟାରୀ ମାସ ମଧ୍ୟରେ ଏହି ସ୍ଥାନ ଖୁବ୍ ଉପଭୋଗ୍ୟ ହୋଇଥାଏ । ଝରଣାର ସ୍ରୁଅ ଅଧିକା ଥିବା ହେତୁ ଗାଧୋଇବା ଓ ବୁଲାବୁଲି କରିବା ପାଇଁ ଖୁବ୍ ଆନନ୍ଦ ଦେଇଥାଏ । ପାହାଡ଼ଟି ମଧ୍ୟ ବିଶେଷ ଉଚ୍ଚା ନଥିବାରୁ ବନ ମଧ୍ୟରେ ବୁଲିବା ମଧ୍ୟ ଆନନ୍ଦ ଦାୟକ ଅଟେ । ଜିପ୍ ଯୋଗେ ସେ ସ୍ଥଳୀ ପର୍ଯ୍ୟନ୍ତ ଯିବା ନିଶ୍ଚିତ୍ ଭାବରେ ଉପଭୋଗ୍ୟ । ଏହି କିମ୍ବଦନ୍ତୀ ବହନକାରୀ ଦର୍ଶନୀୟ ସ୍ଥାନଟି ଏକ ଜଙ୍ଗଲ ରାସ୍ତା ଦ୍ୱାରା ସଂଯୁକ୍ତ ହୋଇଛି । କିନ୍ତୁ ରାସ୍ତାରେ ଯାତାୟାତ ହେଉ ନଥିବା ହେତୁ ଜଙ୍ଗଲ ମଧ୍ୟରେ ପଥ ଅନ୍ୱେଷଣ କରି କରି ଯିବା ଭଳି ମନେ ହୁଏ । ଏହି ଦର୍ଶନୀୟ ସ୍ଥାନଟିର ବିକାଶ ସାଧିତ ହେଲେ ଏହାମଧ୍ୟ ଏହି ଉପଖଣ୍ଡରେ ଥିବା ଗୁଦ୍‌ଗୁଦା ଭଳି ବହୁ ପର୍ଯ୍ୟଟକ ଓ ଆଗନ୍ତୁକମାନଙ୍କୁ ଆକୃଷ୍ଟ କରିପାରିବ ।

ନିକଟରେ ଥିବା ଗ୍ରାମବାସୀଙ୍କଠାରୁ କିମ୍ବଦନ୍ତୀ ଶୁଣିବାକୁ ମିଳେ ଯେ, ମହାଭାରତ ଯୁଗର ପଞ୍ଚପାଣ୍ଡବ ସେମାନଙ୍କର ଅଜ୍ଞାତ ବନବାସ ସମୟରେ ଏ ପଥ ଦେଇ ଯାଇଥିଲେ ଏବଂ ତୃଷିତ ଭୀମସେନ ଏକଦା ଏହି ଝରଣା କୂଳରେ ବିଦ୍ୟମାନ ଥିବା ପଥର ଚଟାଣରେ ତାଙ୍କର ଆଣ୍ଠୁ ଭରାଦେଇ ଝରଣାରୁ ଜଳପାନ କରିଥିବା ଅବସ୍ଥାର ଦୁଇ ଆଣ୍ଠୁ ପଥର ଚଟାଣ ଭେଦ କରିଥିବା ଚିହ୍ନ ଅଦ୍ୟାବଧି ବିଦ୍ୟମାନ । ଏହାକୁ ଲୋକେ 'ଭୀମ ଖୋଜ୍' ବା ଭୀମଗାଡ଼ ନାମରେ ନାମିତ କରିଥାଆନ୍ତି ।

ନିକଟରେ ବଣଭୋଜି ଉଦ୍ଦେଶ୍ୟରେ ଯାଇ ବିଲୁଙ୍ଗ୍ ମିଃ ଇଃ ସ୍କୁଲର ପ୍ରଧାନ ଶିକ୍ଷକ ତଥା ସମ୍ବଲପୁରୀ ଗୀତ ରଚୟିତା କବି, ଗୌନ୍ତିଆ ଶ୍ରୀ ମିତ୍ରଭାନୁ ଚୌଧୁରୀ ଅନ୍ୟ ଶିକ୍ଷକ ତଥା ଅଞ୍ଚଳର କେତେକ ଲୋକଙ୍କ ସମେତ କେତୋଟି କଉଡ଼ି ଆକାରର ଧଳାରଙ୍ଗର ପଥର ଏହି ଭୀମ ଖୋଜ୍ ଝରଣା କୂଳରୁ ପାଇଥିବାରୁ, ତାକୁ ଦେଖିବା ପାଇଁ ଅନେକଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା । ଏହି ସମ୍ବାଦ ଖବର କାଗଜରେ ପ୍ରକାଶ ପାଇବା ପରେ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀ ବାଳମୁକୁନ୍ଦ ମହାପାତ୍ର ମଧ୍ୟ ଯାଇ ଦେଖି ଆସିଥିଲେ । ଏହା ସେଠାକାର ଜନୈକ ଧର୍ମପ୍ରାଣ ବ୍ୟକ୍ତିଙ୍କ ଦ୍ୱାରା ନିଜର ଘରୋଇ ପୂଜା ବେଦୀରେ ରଖି ଫୁଲ ଚନ୍ଦନ ଦିଆ ଯାଉଥିବା ଜଣାଯାଏ ।

ଏହି କିମ୍ବଦନ୍ତୀ ସମ୍ପନ୍ନ ରମଣୀୟ ସ୍ଥଳୀର ସାମାନ୍ୟ ବିକାଶ କରାଯାଇ ପାରିଲେ ବହୁ ଦର୍ଶକ ସୁବିଧାରେ ଏହାକୁ ଉପଭୋଗ କରିବାର ସୁଯୋଗ ପାଇପାରନ୍ତେ, ଏଣୁ ଲଢ଼ିଆପାଲିର ଜନସାଧାରଣ, ଜରାବଗା ସରପଞ୍ଚ ଶ୍ରୀ ଅଶୋକ ପଟେଲଙ୍କ ସମେତ ଗୌନ୍ତିଆ ଶ୍ରୀ ମିତ୍ରଭାନୁ ଚୌଧୁରୀ ଏହି ସ୍ଥଳୀର ବିକାଶ ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ,
ଦେବଗଡ଼ ।

ମାଟିର ଗନ୍ଧ

ଧର୍ମେନ୍ଦ୍ରନାଥ ପାତ୍ର

ମାଟିର ଗନ୍ଧ
ବାରି ପାରିଛି ମୁଁ
ଫୁଲରେ / ଫଳରେ / ବୃକ୍ଷର / ଶ୍ୟାମଳିମାରେ
ପକ୍ଷୀର କାକଳିରେ ଆଉ ପ୍ରତିଟି ମଣିଷର ରକ୍ତରେ ।।

ବେଳେ ବେଳେ ଲାଗେ
ମୁଁ ମୋତେ ହଜାଇ ଦେଇ ପୁଣି
ନିଜକୁ ଆବିଷ୍କାର କରେ
ଏ ମାଟିରେ ମିଠା ମିଠା ସୁରଭି ଭିତରେ ।।

ଏ ମାଟିର ଲାଲ ଛାତି ତଳେ
ବାରିଛି ମୁଁ ବାଜି ରାଉତ ଓ ଧରମାର ରକ୍ତ
ସେ ରକ୍ତର ବାସ୍ନା—
ଅନ୍ୟ ସାଥେ ମିଶି
ମୋତେ ମତୁଆଲା/ଆନମନା କରେଇ
ବାରବାର ଅନୁରୋଧ କରେ
ମାଟିର ଗନ୍ଧ ଭରି ଦେଇ
ରଚିବାକୁ କବିତା ।।

ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ ।

ଗଜପତି ଜିଲ୍ଲା ଏକ ଅଧ୍ୟୟନ

ଶ୍ରୀ ବିପତି ପ୍ରସାଦ ପଣ୍ଡା

୧୯୯୨ ଅକ୍ଟୋବର ୨ ତାରିଖ ଓଡିଶାର ଇତିହାସର ଏକ ଯୁଗାନ୍ତକାରୀ ଦିବସ । ଏହି ଦିନଟି ହେଉଛି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜନ୍ମତିଥି । ସାରା ଦେଶରେ ଗାନ୍ଧୀ ଜୟନ୍ତୀର ଲହରୀ ଖେଳୁଛି । ଏଭଳି ଏକ ଜାତୀୟ ଦିବସରେ ଲୋକପ୍ରିୟ ସରକାର ବହୁ ଦିନର ପ୍ରତୀକ୍ଷିତ ଜିଲ୍ଲା ଗଠନ କାର୍ଯ୍ୟ ହାତକୁ ନେଲେ । ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ନୂତନ କରି ଚାରିଗୋଟି ଜିଲ୍ଲା ଗଠନ କଲେ । ସେଗୁଡ଼ିକ ହେଲା– (୧) ଗଜପତି, (୨) ରାୟଗଡ଼ା, (୩) ନବରଙ୍ଗପୁର ଓ (୪) ମାଲ୍‌କାନାଗିରି । ଏହି ନବ ଗଠିତ ଚାରିଗୋଟି ଜିଲ୍ଲାକୁ ମିଶାଇ ମୋଟ ଜିଲ୍ଲା ସଂଖ୍ୟା ୧୩ରୁ ୧୭କୁ ବଢ଼ିଗଲା । ଓଡ଼ିଶାରେ ସ୍ୱାଧୀନତା ପରଠାରୁ ଜିଲ୍ଲା ପୁନର୍ଗଠନ ନିମନ୍ତେ ଅନେକ ଥର ଆଲୋଚନା ହୋଇଥିଲା, କିନ୍ତୁ କାର୍ଯ୍ୟକାରିତା ହୋଇପାରି ନଥିଲା । ସବୁଠାରୁ ଆନନ୍ଦର ବିଷୟ ଏହି ଯେ, ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ଓଡ଼ିଶାବାସୀଙ୍କୁ ଭେଟି ସଦୃଶ ରାଜ୍ୟ ସରକାର ଏହି ନୂତନ ଜିଲ୍ଲା ସୃଷ୍ଟି କଲେ । ଏହା ଏକ ଐତିହାସିକ ପଦକ୍ଷେପ ଏବଂ ଯୁଗାନ୍ତକାରୀ ନିଷ୍ପତ୍ତି । ନୂତନ ଜିଲ୍ଲା ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ, ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇ ଦେବା । ସେହି ନବ ଗଠିତ ଚାରିଗୋଟି ଜିଲ୍ଲା ମଧ୍ୟରୁ ଗଜପତି ଜିଲ୍ଲା ଅନ୍ୟତମ ।

ଓଡ଼ିଶାର ଦକ୍ଷିଣ ସୀମାନ୍ତରେ ୧୯୩୬ ମସିହାଠାରୁ ପାରଳାଖେମୁଣ୍ଡି ଏକ ରାଜସ୍ୱ ଉପଖଣ୍ଡ ରୂପେ ପରିଗଣିତ ହେଉଥିଲା । କିନ୍ତୁ ସୁଖର କଥା କେବଳ ସେହି ରାଜସ୍ୱ ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ଗଜପତି ଜିଲ୍ଲା ଗଠନ କରାଯାଇଅଛି ଏବଂ ତାହାର ନାମ ମଧ୍ୟ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡିର ପୁଣ୍ୟଶ୍ଳୋକ ସ୍ୱର୍ଗତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ,ଦେବଙ୍କ ପବିତ୍ର ସ୍ମୃତି ଏବଂ ସମ୍ମାନାର୍ଥେ ଗଜପତି ଜିଲ୍ଲା ଭାବେ ନାମିତ କରାଯାଇଅଛି । ଏହାର ଆୟତନ ହେଉଅଛି ୩୦୫୬·୩ ବର୍ଗ ମାଇଲ । ୧୯୯୧ ଜନଗଣନା ଅନୁଯାୟୀ ମୋଟ ଲୋକସଂଖ୍ୟା ହେଉଛି ୪,୫୮,୭୬୧ । ଉକ୍ତ ତାରିଖଠାରୁ ପ୍ରାରମ୍ଭିକ ଭାବେ ପ୍ରଶାସନ ଦାୟିତ୍ୱ ପାଇଁ ଜିଲ୍ଲାପାଳ ଏବଂ ଆଇନ ଶୃଙ୍ଖଳା ଦାୟିତ୍ୱ ପାଇଁ ଆରକ୍ଷୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଗଲା । ଏହା ଥିଲା ଏହି ଅଞ୍ଚଳର ଦୀର୍ଘ ଦିନର ,ଦାବୀ । ଗଜପତି ଜିଲ୍ଲାର ସଦର ମହକୁମା ହେଉଛି ପାରଳାଖେମୁଣ୍ଡି । ଏହି ଜିଲ୍ଲାରେ ବର୍ତ୍ତମାନ ଗୋଟିଏ ପୌରପାଳିକା, ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥା– ପାରଳାଖେମୁଣ୍ଡି ଏବଂ କାଶୀନଗରରେ ରହିଅଛି । ଏତଦ୍ ବ୍ୟତୀତ ଦୁଇଗୋଟି ତହସିଲ ହେଲା–ପାରଳାଖେମୁଣ୍ଡି ଓ ଆର୍‌. ଉଦୟଗିରି । ତାହାଛଡ଼ା ୭ ଗୋଟି ରାଜସ୍ୱ ବ୍ଲକ୍‌ର ଆୟତନକୁ ନେଇ ପ୍ରଶାସନିକ ସୀମା ନିର୍ଦ୍ଧାରଣ କରାଯାଇଅଛି । ସେହି ବ୍ଲକ୍‌ଗୁଡ଼ିକ ହେଲା– (୧) କାଶୀନଗର, (୨) ଗୋଶାଣୀ, (୩) ଗୁମ୍ମା, (୪) ରାୟଗଡ଼, (୫) ନୂଆଗଡ଼, (୬) ଆର୍ଃ ଉଦୟଗିରି, (୭) ମୋହନା । ଏହି ସାତଗୋଟି ବ୍ଲକ୍ ମଧ୍ୟରୁ ପ୍ରଥମ ଦୁଇଗୋଟିର ଅବସ୍ଥିତି ସମତଳ ଅଞ୍ଚଳରେ ଥିବା ସ୍ଥଳେ ଅବଶିଷ୍ଟ ପାଞ୍ଚଗୋଟି ପାହାଡ଼ିଆ ଇଲାକାକୁ ବୁଝାଏ । ମୂଳତଃ ଏହି ଜିଲ୍ଲାର ଅଧିବାସୀମାନଙ୍କୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ ଯଥା–ପାହାଡ଼ି ଆଦିବାସୀ ଓ ସମତଳ ଅଞ୍ଚଳର ଅଧିବାସୀ । ବିଶେଷକରି ପାହାଡ଼ି ଇଲାକାରେ ରହୁଥିବା ଆଦିବାସୀମାନଙ୍କର ଏକ ସ୍ୱତନ୍ତ୍ର ଧରଣର ସାମାଜିକ ରୀତିନୀତି ଓ ଜୀବନଚର୍ଯ୍ୟା ପରିଲକ୍ଷିତ ହୁଏ । ଏହି ଜିଲ୍ଲାର ମୋଟ ଜନସଂଖ୍ୟାରୁ ଅର୍ଦ୍ଧାଧିକ ହେଉଛନ୍ତି ଆଦିବାସୀ, ଅନୁସୂଚିତ ଜାତି ଏବଂ ଉପଜାତି ସମ୍ପ୍ରଦାୟର । ସୁଖର କଥା ସମାଜର ପଛୁଆ ଶ୍ରେଣୀ ବିଶେଷକରି ଆଦିବାସୀ ସମ୍ପ୍ରଦାୟର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ସାଙ୍କୁ ସର୍ବବିଧ ଉନ୍ନତି ସାଧନ ନିମନ୍ତେ ଓ ଆଧୁନିକ ସଭ୍ୟତାର ଉଜ୍ଜ୍ୱଳ ଆଲୋକକୁ ପହଞ୍ଚାଇବା ନିମନ୍ତେ ଜିଲ୍ଲା ସଦର ମହକୁମାଠାରେ ଏକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଅଛି । ଏହା ମଧ୍ୟ ଏହି ଅଞ୍ଚଳର ଉନ୍ନତିମୂଳକ ସଫଳତା ହାସଲ କରିପାରିଅଛି । ସେମାନଙ୍କର କାର୍ଯ୍ୟକ୍ରମ ମଧ୍ୟରେ ବୃକ୍ଷରୋପଣ, ଫଳବୃକ୍ଷ, ପୋଡୁ ନିରାକରଣ, କୂପ ଖନନ, କୃଷି ଯନ୍ତ୍ରପାତିର ପ୍ରୟୋଗ, ଗମନାଗମନ, ରାସ୍ତାଘାଟ, ବିଦ୍ୟୁତ୍ ଆଲୋକ, ଶିକ୍ଷା ଓ ସଂସ୍କୃତିର ଅଭିବୃଦ୍ଧି ଏଭଳି ବହୁ କାର୍ଯ୍ୟ ହାତକୁ ନେଇଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗଜପତି ଜିଲ୍ଲାର ଶବରମାନଙ୍କ ମଧ୍ୟରୁ ଓଡ଼ିଶାର ଚିହ୍ନିତ ମାତ୍ର ଦୁଇ ପ୍ରକାର ଗୋଷ୍ଠୀର ଦେଖାଯାଆନ୍ତି ଯଥା– (୧) ଲାଞ୍ଜିଆ ଶବର, (୨) ଶୁଦ୍ଧ ଶବର । ଏମାନଙ୍କୁ ଐତିହାସିକମାନେ ବିଶ୍ୱାବସୁଙ୍କ ଉତ୍ତର ଦାୟାଦ ରୂପେ ଗ୍ରହଣ କରି ନେଇଛନ୍ତି ।

ସାହିତ୍ୟ, ସଙ୍ଗୀତ, ନାଟକ ଏବଂ ଓଡ଼ିଶୀ ସଂସ୍କୃତିର କଥା ଚିନ୍ତା କଲାବେଳେ ପାରଳାଖେମୁଣ୍ଡି ଦିନେ ଓଡ଼ିଶାକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା । ଏଣୁ ସକଳ ବିଦ୍ୟାର ଭଣ୍ଡାର ଏହି ପ୍ରାଚୀନ ସହରର ଅନ୍ୟ ନାମ ହେଉଛି 'ବିଦ୍ୟା ନଗରୀ' । ସହରର ଆୟତନ କ୍ଷୁଦ୍ର ହେଲେ ହେଁ ଏହାର ସଂସ୍କୃତି ସୁମହାନ୍, ଐତିହ୍ୟ ଅତି ପ୍ରାଚୀନ ଏହାଏକ ପବିତ୍ର ମାଟି । ଏହାର ପ୍ରତିଟି ଧୂଳିକଣାରେ ଭରି ରହିଅଛି ଓଡ଼ିଶୀର ପଦଧ୍ୱନୀ । ଏଥିରେ ଦ୍ୱିମତ ନାହିଁ । ଏଣୁ ଅସଂଖ୍ୟ କବି, ଲେଖକଙ୍କ ଲେଖନୀରେ ଏହାର ଯଶଗାନ ଭରି ରହିଅଛି । ପୌରାଣିକ ଯୁଗଠାରୁ ଆରମ୍ଭ

କରି ବହୁ ଯୁଗଜନ୍ମାଙ୍କର ଜନ୍ମ ଏହି ମାଟିରେ। ସେମାନେ କେବଳ ପ୍ରାଦେଶିକ କିମ୍ବା ଜାତୀୟସ୍ତରରେ ନୁହେଁ ଆନ୍ତର୍ଜାତୀୟସ୍ତରରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି। ଇତିହାସ ହିଁ ତାହାର ମୂକ ସାକ୍ଷୀ। ଅଗଣିତ କବି, ସାହିତ୍ୟିକ, ନାଟ୍ୟକାର, ସଙ୍ଗୀତଜ୍ଞ, ଭାଷାତତ୍ତ୍ୱବିତ୍, ଜ୍ୟୋତିଷବିତ୍, କବିରାଜ, ପଣ୍ଡିତ, ଚିତ୍ରକର, ଐତିହାସିକ ଏବଂ ବରିଷ୍ଠ ରାଜନୀତିଜ୍ଞଙ୍କୁ ଜନ୍ମଦେଇ ଏହି ମାଟି ନିଜକୁ ଧନ୍ୟ ମନେକରିଛି। ଏତଦ୍ ବ୍ୟତୀତ ବହୁ ସରକାରୀ ବେସରକାରୀ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ ମଧ୍ୟ ପାରଳାଖେମୁଣ୍ଡିକୁ ଛୁଇଁବା ମାତ୍ରେ ଜୟ ଜୟ ଗାନ କରୁଅଛନ୍ତି। ଏଠାକାର ଗଜପତି ଉପାଧିଧାରୀ ଗଙ୍ଗବଂଶୀୟ ରାଜା ମହାରାଜାମାନଙ୍କର ଅକ୍ଷୟ କୀର୍ତ୍ତିରାଜି ଆଜି ପର୍ଯ୍ୟନ୍ତ ଜନମାନସରେ ଶୋଭା ପାଉଅଛି। ତନ୍ମଧ୍ୟରୁ ଗଜପତି ପ୍ରେସ୍, ପଦ୍ମନାଭ ରଙ୍ଗାଳୟ, ଗୁଣୁପୁର–ନୌପଡ଼ା ରେଳ ରାସ୍ତା, ସତ୍ତ ସାଗର ଗଜପତି ମହାବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ, ମହିଳା ଉଚ୍ଚ ବାଳିକା ବିଦ୍ୟାଳୟ, ଉଚ୍ଚ ବାଳକ ବିଦ୍ୟାଳୟ, ବସନ୍ତ ନିବାସ ପ୍ରତ୍ୟେକ ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ ସଦୃଶ।

ଏହି ଜିଲ୍ଲାର ଶୋଭାଶ୍ରୀକୁ ବର୍ଦ୍ଧନ କରୁଥିବା ମୁଖ୍ୟ ଆକର୍ଷଣ ହେଉଛି ରାଜବାଟୀ। ଦେଶ ବିଦେଶରୁ ଅସଂଖ୍ୟ ପର୍ଯ୍ୟଟକ ଏହାର କାରିଗରୀ କୌଶଳ ଓ ସୂକ୍ଷ୍ମ କଳାକୁ ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଆନ୍ତି। ଅପରପକ୍ଷେ ପ୍ରକୃତିରାଣୀ ଢାଳିଦେଇଛି ତା'ର ଅନିନ୍ଦ୍ୟ ରୂପକୁ ଏଠାରେ, ଏହାର ଉପମା ନାହିଁ। ଚତୁର୍ଦ୍ଦିଗରେ ଘଞ୍ଚ ଜଙ୍ଗଲ ସହ ପାହାଡ଼ି ହାଲାବାରେ ଭରି ରହିଛି ଏହି ଜିଲ୍ଲା ଅତି ସୁନ୍ଦର ଭାବେ। ମୁକୁଟ ସଦୃଶ ପୂର୍ବ ଭାଗରେ ରହିଅଛି ଐତିହାସିକ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି। ପାରଳାଖେମୁଣ୍ଡି ସହରର ଦକ୍ଷିଣରେ ପ୍ରବାହିତ ଚିରସ୍ରୋତା ପବିତ୍ର ମହେନ୍ଦ୍ର ତନୟା। ଉତ୍ତରରେ ବୋମ୍ବା ପାହାଡ଼ ଏବଂ ତା'ର ପାଦ ଦେଶରେ ଗଢ଼ି ଉଠିଛି ମଣିଷ ଗଢ଼ା ଅନୁଷ୍ଠାନ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ। ଏହା ଓଡ଼ିଶାର ଦ୍ୱିତୀୟ ପୁରାତନ ମହାବିଦ୍ୟାଳୟ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହାର ଭୂମିକା ଏବଂ ଶୃଙ୍ଖଳା ଦିଗରେ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ଏହା କମ୍ ଗର୍ବ ଓ ଗୌରବର ବିଷୟ ନୁହେଁ। ଏଠାକାର ପ୍ରାଚୀନ ପରମ୍ପରା ରୀତିନୀତି ଲୋକ ସଂସ୍କୃତିର ମଧ୍ୟ ସୁଶୃଙ୍ଖଳିତ ମର୍ଯ୍ୟାଦା ରହିଅଛି। ଏଠାକାର ଚାଉଳକାଠିର ଜୁଣା ପାଇଁ, ଶିଙ୍ଗର କାରୁକାର୍ଯ୍ୟ ପାଇଁ ଏଇ ଅଞ୍ଚଳ ପ୍ରସିଦ୍ଧି ଲାଭ କରିଛି। ଏତଦ୍ ବ୍ୟତୀତ ଦର୍ଶନୀୟ ସ୍ଥାନ ମଧ୍ୟରୁ ରାଜବାଟି, ବସନ୍ତ ନିବାସର ଆରଣ୍ୟକ ସୌନ୍ଦର୍ଯ୍ୟ, ମହେନ୍ଦ୍ରଗିରିର ମେଳା, ତପ୍ତପାଣିର ଉଷ୍ଣ ପ୍ରସ୍ରବଣ, ଜିରାଙ୍ଗର ଜଳପ୍ରପାତ, ଗଣ୍ଡା ହାତୀର ଜଳପ୍ରପାତ ପାହାଡ଼ି ଅଞ୍ଚଳର ଶବରମାନଙ୍କର ନୃତ୍ୟଗୀତ ଲାଞ୍ଜିଆ ଶବର ଓ ସୁଦ୍ଧ ଶବରା ବିଶେଷ କରି କାଶୀନଗରର ବହୁ ଆଲୋଚିତ ଲୋକନୃତ୍ୟ "ଚୁଟକେଳି" ତଥା ଐତିହାସିକ ପାରଳା ସହରର ମଠ, ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରତ୍ୟେକେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତି ସଦୃଶ। ଧାର୍ମିକ ପରମ୍ପରା ଦୃଷ୍ଟିରୁ ଚିନ୍ତା କଲେ ଜଣାଯାଏ ଏହା ଦ୍ୱିତୀୟ ପୁରୀ ଧାମ। ଏଠାକାର ଗଜପତି ମହାବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟର ପୁସ୍ତକାଗାରକୁ ଯିଏ ଥରେ ଦେଖିନାହିଁ ସିଏ ପ୍ରକୃତରେ ପାରଳାଖେମୁଣ୍ଡିକୁ ସମ୍ପୂର୍ଣ୍ଣ ଭାବେ ଜାଣିପାରି ନାହିଁ। ଖୁସିର କଥା ସମ୍ପ୍ରତି ଦେଖାଦେଇଛି ଯେ, ପାରଳାଖେମୁଣ୍ଡି ଏବଂ ଆଖପାଖ ଅଞ୍ଚଳରେ ବହୁ ସାଂସ୍କୃତିକ ଅନୁଷ୍ଠାନମାନ ଗଢ଼ି ଉଠିଛି, ସେମାନେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହାତକୁ ନେଉଛନ୍ତି। ଫଳତଃ ବର୍ତ୍ତମାନ୍ ଏଠାରେ ବିଭିନ୍ନ ସାଂସ୍କୃତିକ ରଜନୀମାନ ଜନମାନସରେ ଦିଗ୍‌ଦର୍ଶନ ସୃଷ୍ଟି କରିବା ପାଇଁ ଓ ଓଡ଼ିଶୀ ସାଂସ୍କୃତିକୁ ପାରଳାଖେମୁଣ୍ଡି ଭଳି ପ୍ରାଚୀନ ଐତିହ୍ୟ ସହରରେ ପୁନର୍ଜୀବିତ କରିବା ପାଇଁ ଲାଗି ପଡ଼ିଛନ୍ତି।

ପରିଶେଷରେ ଏହି କ୍ଷୁଦ୍ର ସଂସ୍କୃତିସମ୍ପନ୍ନ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ସକଳ ଉନ୍ନତି ଏବଂ ଆନୁଷଙ୍ଗିକ ବିକାଶ ନିମନ୍ତେ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ଚିନ୍ତା କରିବା ପ୍ରଥମ କର୍ତ୍ତବ୍ୟ ହେଉ, ଏତିକି ଆଜିର ଅନୁଚିନ୍ତା।

ବନ୍ଦେ ଉତ୍କଳ ଜନନୀ, ବନ୍ଦେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି,
ବନ୍ଦେ ପାରଳାଖେମୁଣ୍ଡି।

ଗଜପତି ଜିଲ୍ଲାର ସଂକ୍ଷିପ୍ତ ସୂଚନା

(୧) ଜିଲ୍ଲା ଗଠନ—୨ ଅକ୍ଟୋବର, ୧୯୯୨, ଗାନ୍ଧୀ ଜୟନ୍ତୀ।

(୨) କ୍ଷେତ୍ରଫଳ—୩୦୫୬·୩ ବର୍ଗ ମାଇଲ।

(୩) ଜନସଂଖ୍ୟା—ମୋଟ ୪,୫୮,୭୬୧ (୧୯୯୧ ଜନଗଣନା)।
- (କ) ପୁରୁଷ—୨,୨୬,୧୯୬
- (ଖ) ମହିଳା—୨,୩୨,୫୬୫
- (ଗ) ଆଦିବାସୀ—୨,୧୦,୮୭୭
- (ଘ) ହରିଜନ—୩୮,୨୬୨

(୪) ସାକ୍ଷର ସଂଖ୍ୟା—୧,୦୯,୦୬୯ (୨୪ ପ୍ରତିଶତ)।

(୫) ରାଜସ୍ୱ ଉପଖଣ୍ଡ—୧ଟି।

(୬) ତହସିଲ—୨ଟି।

(୭) ପଞ୍ଚାୟତ ସମିତି—୭ଟି।

(୮) ରାଜସ୍ୱ ବ୍ଲକ୍—୭ଟି।

(୯) ପୌର ପରିଷଦ—୧ଟି।

(୧୦) ଗ୍ରାମ ପଞ୍ଚାୟତ—୧୫୬ଟି।

(୧୧) ବିଜ୍ଞାପିତ ଅଞ୍ଚଳ ପରିଷଦ—୧ଟି।

(୧୨) ଥାନା—୯ଟି।

(୧୩) ରାଜସ୍ୱ ଗ୍ରାମ—୧,୬୫୮ଟି।

(୧୪) ଉଚ୍ଚ ବିଦ୍ୟାଳୟ—୨୭ଟି।

(୧୫) ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା—୧ଟି।

ସ୍ୱତନ୍ତ୍ର ଯୋଜନା

(କ) ଲାଞ୍ଜିଆ ଶଉରା ଉନ୍ନୟନ ସଂସ୍ଥା—୧ଟି (ସେରଙ୍ଗୋ)।

(ଖ) ଶଉରା ଉନ୍ନୟନ ସଂସ୍ଥା—୧ଟି (ଚନ୍ଦ୍ରଗିରି)।

(୧୬) ଚିକିତ୍ସାଳୟ—୯ଟି (Dispensary)।

(୧୭) ପ୍ରାଥମିକ ଚିକିତ୍ସା କେନ୍ଦ୍ର—୭ଟି।

(୧୮) ପଶୁ ଚିକିତ୍ସା କେନ୍ଦ୍ର—୧୭ଟି।

(୧୯) ମୋଟ ଚାଷ ଜମି—୭୬,୬୭୧ ହେକ୍ଟର।

(୨୦) ଜଳସେଚିତ ଜମି—୮,୧୭,୯୧୦ ହେକ୍ଟର।

(ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପାରଳାଖେମୁଣ୍ଡି ଫଳକ ଅନୁସାରେ ପ୍ରଦତ୍ତ ବିବରଣୀ ଅନୁଯାୟୀ) D

ଜଗନ୍ନାଥ କୁଟୀର, ଚିତ୍ରକର ଷ୍ଟ୍ରୀଟ୍,
ପୋ: ଓ: ପାରଳାଖେମୁଣ୍ଡି, ଜିଲ୍ଲା–ଗଜପତି–୭୬୧୨୦୧।

ଜଗନ୍ନାଥ ଜଣାଣ

ବାବାଜୀ ବାଳକାନନ୍ଦ ଦାସ

ଦୀନୀ ପଣେ ସିନା ଉଡ଼ାଇଛ ପ୍ରଭୁ
ଆପଣାର ଯଶ ନେତ
କୁହ କେଉଁ ଦାନ ଦେଇଅଛ ମୋତେ
ଛାତିରେ ପକାଇ ହାତ

ମୋପରି ଅନାଥ କେବେ ଦେଖୁଛ ତ
ଏହି ନୀଳାଚଳ କ୍ଷେତ୍ର
କାହିଁକି ଏପରି ବସିଛ ଶ୍ରୀହରି
ସାଜି ହୋଇ ଦାରୁଭୂତ ।

ଇନ୍ଦ୍ରର କୋପରେ କାଣି ଆଙ୍ଗୁଠିରେ
ସାତ ଦିନ ସାତ ରାତି
ଧରିଲ ମନ୍ଦର ହେ ଶ୍ୟାମ ସୁନ୍ଦର
କାହିଁ ସେ ପଣ ଆଜି ତ

ଯାହା କରିବାର କରିବ ବିସ୍ତର
ପଶୁରି ବଳିଆ ଭୁତ
ବାଳକା କହଇ ବେଳଯାଏ ବହି
ନିରାଶରେ ଯୋଡ଼ି ହାତ ।

ଏକାମ୍ର ସତ୍ୟସେବାଶ୍ରମ,
ଭୁବନେଶ୍ୱର-୭ ।

ଓଡ଼ିଶାର ବୀରା ରମଣୀ : ପ୍ରଭାବତୀ ଦେବୀ

ଡକ୍ଟର କୃତ୍ତିବାସ ନାୟକ

ଆମ ଦେଶ ଅନ୍ଧ ବିଶ୍ୱାସ ଏବଂ କୁସଂସ୍କାରରେ ପୂରି ରହିଥିବାରୁ, ପ୍ରାଚୀନ କାଳରୁ ଚଳି ଆସୁଥିବା କେତେକ ସମାଜ ବିରୋଧୀ ପ୍ରଥା ଅନେକ ନିରୀହ ମଣିଷଙ୍କୁ ସବୁ ସୁଖ ସୁବିଧାରୁ . ବଞ୍ଚିତ କରାଉଥିଲା । ବାଲ୍ୟ ବିବାହ ପ୍ରଥା ଏହିପରି ଏକ ନିଷ୍ଠୁର ପ୍ରଥା । ଅତି ଛୋଟ ବୟସର ପୁଅ–ଝିଅଙ୍କୁ ଥାଳିରେ ବସାଇ, କୁଲାରେ ଶୁଆଇ କଣ୍ଢେଇ ବାହାଘର ଭଳି ସେମାନଙ୍କର ବାହାଘର କରି ଦେଉଥିଲେ । ଅନେକ ଅନ୍ଧବିଶ୍ୱାସୀ ଲୋକ ଭାବୁଥିଲେ, ଯେତେ କମ୍ ବୟସର କନ୍ୟାକୁ ଦାନ କରାଯାଇ ପାରିବ, ସେତେ ଅଧିକ ଧର୍ମ ଅର୍ଜନ କରିହେବ । ସେ ସମୟରେ ଚିକିତ୍ସା ବିଜ୍ଞାନ ସେତେ ଉନ୍ନତ ହୋଇ ପାରି ନଥିବାରୁ, ମହାମାରୀ ବସନ୍ତ, ହଇଜାରେ ହଜାର ହଜାର ଲୋକ ପୋକମାଛି ପରି ମରି ଯାଉଥିଲେ । ଛୋଟ ପିଲାଙ୍କ କଥାକୁ ପଚ୍ଛରେ କିଏ ? ଶିଶୁ ମୃତ୍ୟୁହାର ଥିଲା ସର୍ବାଧିକ ।

ବାଲ୍ୟ ବିବାହ କରିଥିବା ଶିଶୁକନ୍ୟାର ଶିଶୁସ୍ୱାମୀ ଯଦି କୌଣସି କାରଣରୁ ମରି ଯାଉଥିଲା, ତେବେ ସେ ଶିଶୁକନ୍ୟାକୁ ବିଧବା ବୋଲି ଧରି ନିଆଯାଉଥିଲା । ତା'ମୁହଁ ଦେଖିବା ଅଶୁଭ ବିବେଚିତ ହେଉଥିଲା । ସେ କୌଣସି ଶୁଭ କାମରେ ଯୋଗ ଦେଇ ପାରୁ ନଥିଲା । ତାକୁ ଗୋଟାଏ ଘୃଣ୍ୟ ପ୍ରାଣୀ ହିସାବରେ ସମାଜ ଗ୍ରହଣ କରି ନେଉଥିଲା । ସାରା ଜୀବନ ସେ ଦୁଃଖ, ଅତ୍ୟାଚାର ସହି, ନିଜ ଭାଗ୍ୟକୁ ଦୋଷ ଦେଇ କେବଳ ମୃତ୍ୟୁକୁ ଅପେକ୍ଷା କରି ରହୁଥିଲା ।

ଏହି ଭଳି ଏକ ନିଷ୍ଠୁର ପ୍ରଥାର ଶିକାର ହୋଇଥିଲା, ସମ୍ବଲପୁରର ବରଗଡ଼ ନାଏକପଡ଼ାର ଏକ ବ୍ରାହ୍ମଣ ପରିବାରର ଶିଶୁକନ୍ୟା ପ୍ରଭାବତୀ । ପଞ୍ଚମ ଶ୍ରେଣୀର ପାଠ ପଢୁଥିବା ବେଳେ ଶିଶୁ ପ୍ରଭାବତୀକୁ ଜଣାଇ ଦିଆଗଲା, 'ତୁ ଗୋଟାଏ ହତଭାଗିନୀ, ଆଜିଠାରୁ ତୁ ବିଧବା ହେଲୁ । ତୋର ପାଠ ପଢ଼ା ଆଜିଠୁ ବନ୍ଦ ହେଲା । କେବଳ ଧର୍ମଶାସ୍ତ୍ର, ପୁରାଣ ପଢ଼ିବୁ । ଠାକୁର ପୂଜା କରିବୁ । ତୀର୍ଥ ଭ୍ରମଣ କରି ଧର୍ମ ଅର୍ଜନ କରିବା କେବଳ ତୋର କାମ' । ଠିକ୍ ସେହିଦିନ ପ୍ରଭାବତୀର ଜନ୍ମ ଜାତକ ଖଣ୍ଡିକୁ ନିଆଁ ଲଗାଇ ପୋଡ଼ି ଦିଆଗଲା । କାରଣ ଲୋକମାନଙ୍କର ବିଶ୍ୱାସ ଥିଲା ଯେ, ଜାତକଟି ଅଶୁଭ । ବିଧବା ହେବାଠାରୁ ବଡ କଷ୍ଟ, ନାରୀ ଜୀବନ ପାଇଁ ଆଉ କଣ ବା ଥାଇ ପାରେ ? ତେଣୁ ସେ ଜାତକର ଆଉ ଆବଶ୍ୟକତା ନଥିଲା ।

ପ୍ରଭାବତୀ ଟିକେ ବଡ଼ ହେବାରୁ ନିଜ ଜନ୍ମ ବିଷୟରେ କେତେ ମାଆଙ୍କଠାରୁ ଶୁଣିଥିଲେ– ୧୯୧୦ ମସିହାର ଆଶ୍ୱିନ ମାସର ପୂର୍ଣ୍ଣିମା ଦିନ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ପିତା ନାମଥିଲା– ଧନପତି ଦାସ ।

ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବିଧବା ପ୍ରଭାବତୀଙ୍କୁ କଠୋର ଶାସନ ଭିତରେ ଚଳିବାକୁ ପଡୁଥିଲା । ପାଠପଢ଼ା ତ ଆଗରୁ ବନ୍ଦ ହୋଇ ଯାଇଥାଏ । ଦୀର୍ଘ ପନ୍ଦର ବର୍ଷ କାଳ ପୁରାଣ ପାଠ ଓ ତୀର୍ଥ ଭ୍ରମଣ କରି ସେ ଅନେକ ପରିଚିତ ବନ୍ଧୁ–ବାନ୍ଧବ ଓ ଗୁରୁବୀ ଲୋକଙ୍କଠାରୁ ସ୍ନେହ ଓ ସଦ୍‌ଭାବ ଲାଭ କଲେ । ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସ ପ୍ରତି ତାଙ୍କର ବିଦ୍ରୋହୀ ମନ ସଜାଗ ହୋଇ ଉଠିଲା; କିନ୍ତୁ ଜଣେ ଯୁବତୀ ପକ୍ଷରେ ଏହାର ସମାଧାନ ପାଇଁ କୌଣସି ଉପାୟ ନଥିଲା । କେବଳ ସୁଯୋଗ ଆଉ ସହଯୋଗୀର ଅପେକ୍ଷାରେ ସେ ଦୁଃଖର ଦିନଗୁଡ଼ି କାଟୁଥାଆନ୍ତି ।

ଏତିକି ବେଳେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ଚାଲିଥାଏ । ସମ୍ବଲପୁର ବରପାଲିର ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ, ଫକୀର ବେହେରା, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଘନଶ୍ୟାମ ପାଣିଗ୍ରାହୀ, ଦୟାନନ୍ଦ ଶତପଥୀ, ଦୁର୍ଗା ପ୍ରସାଦ ଗୁରୁ ଭଳି ଆହୁରି କେତେଜଣ ଦେଶପ୍ରେମୀ ସଂଗ୍ରାମୀ ସ୍ୱାଧୀନତା ପାଇଁ କାମ ଆରମ୍ଭ କରି ଦେଇଥାଆନ୍ତି ।

ଦିନେ ସଂଗ୍ରାମୀ ଫକୀର ବେହେରା ପ୍ରଭାବତୀଙ୍କ ପଡ଼ାକୁ ଆସି କଂଗ୍ରେସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଉଥାନ୍ତି । "ଗାନ୍ଧୀମହାତ୍ମା ଦେଶରୁ ଇଂରେଜମାନଙ୍କୁ ହଟାଇ ଦେଲେ, ଆମେ ସ୍ୱାଧୀନ ହେବା, ଅନ୍ଧବିଶ୍ୱାସ – କୁସଂସ୍କାର ଦେଶରୁ ହଟିଯିବ । ରାମରାଜ୍ୟ ଶାସନ ଆମ ଦେଶରେ ଚାଲିବ ।

ଦାଣ୍ଡ ଦୁଆର କୋଣରେ ବସି ଯୁବତୀ ପ୍ରଭାବତୀ ସେ ଭାଷଣକୁ ଶୁଣୁଥିଲେ । ତାଙ୍କ ହୃଦୟରେ ଚମକ ଖେଳିଗଲା । ସେ ଏଇ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାକୁ ବ୍ୟାକୁଳ ହୋଇ ଉଠିଲେ ; କିନ୍ତୁ ସାମାଜିକ ବନ୍ଧନକୁ ଛିଡ଼େଇ ଦେଇ ସେଦିନ ସେ ଆଗେଇ ପାରି ନଥିଲେ ।

ଏ ଘଟଣାର ଛଅମାସ ପରେ ଆଉ ଜଣେ କଂଗ୍ରେସ କର୍ମୀ ରାମଚନ୍ଦ୍ର ପୁରୀ ପ୍ରଭାବତୀଙ୍କ ପଡ଼ାରେ ଆସି ରହିଲେ । ସୁଯୋଗ ଦେଖି ପ୍ରଭାବତୀ ତାଙ୍କୁ ନିଜର ଇଚ୍ଛା ଜଣାଇଲେ । ପ୍ରଭାବତୀଙ୍କର ଦୃଢ଼ ମନୋବଳ, ଦେଶପ୍ରେମ ତଥା ନିଷ୍ଠା ଦେଖି

ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ଏହିଭଳି ନାରୀ ନେତ୍ରୀମାନଙ୍କର ଅଭାବ ଥିବାରୁ ସେ ତାଙ୍କୁ ପାର୍ବତୀ ଗିରିଙ୍କ ସହିତ ବରୀ ଆଶ୍ରମର ରମାଦେବୀଙ୍କ ନିକଟକୁ ପଠାଇ ଦେବାର ପ୍ରତିଶ୍ରୁତି ଦେଲେ । ଏହି ପ୍ରତିଶ୍ରୁତିକୁ ସଫଳ କରି ପ୍ରଭାବତୀଙ୍କ ମନ ଉଚ୍ଛନ ହୋଇ ପଡୁଥାଏ । ସେ ସେହି ଶୁଭଦିନକୁ ଅପେକ୍ଷା କରିଥାଆନ୍ତି ।

ଏହା ଭିତରେ ଦିନେ ମାଳତୀ ଚୌଧୁରୀ ସମ୍ବଲପୁର ଆସି ଢୀଗା ନଦୀ କୂଳରେ ସଭା କଲେ । ପ୍ରଭାବତୀ ସେ ସଭାକୁ ଯାଇଥାଆନ୍ତି । ଏକମାତ୍ର ମହିଳାଙ୍କୁ ଦେଖି ମାଳତୀ ଚୌଧୁରୀ ତାଙ୍କୁ କିଛି କହିବାକୁ ଅନୁରୋଧ କଲେ । ପ୍ରଭାବତୀ ସୁଯୋଗ ପାଇ ନିଜର ଇଚ୍ଛା ପ୍ରକାଶ କଲେ । ମାଳତୀ ଚୌଧୁରୀ ଖୁସି ହୋଇ ରମାଦେବୀଙ୍କୁ ଚିଠି ଖଣ୍ଡିଏ ଲେଖି ଦେଲେ ।

ରମାଦେବୀ ବରୀରୁ ଖଣ୍ଡିଏ ଚିଠି ଦେଲେ । ଶିଘ୍ର ବରୀକୁ ଆସିବା ପାଇଁ ସେ ପ୍ରଭାବତୀଙ୍କୁ ଲେଖିଥିଲେ । ସେ ଛିଠି ପାଇଁ ବ୍ୟସ୍ତ ହୋଇ ପଡ଼ିଲେ ? କିନ୍ତୁ ସେ ଜଣେ ବିଧବା ଯୁବତୀ ହୋଇଥିବାରୁ ଏକୁଟିଆ ବରୀ ଯିବାକୁ ସାହାସ କଲେ ନାହିଁ । ତେଣୁ,ସେ ସେହି ଚିଠି ଖଣ୍ଡିକୁ ଧରି ସଂଗ୍ରାମୀ ପକୀର ବେହେରାଙ୍କ ଘରକୁ ଗଲେ । ଯୋଗକୁ ସେଦିନ ବରପାଲିର ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ଏବଂ ତାଙ୍କ ପତ୍ନୀ ଜମ୍ବୁବତୀ ସେଇଠି ଥାଆନ୍ତି । ଠିକ୍ ସେତିକି ବେଳେ ସମଲାଇ ପଦରରୁ ଆସି ପହଞ୍ଚିଲେ ପାର୍ବତୀ ଗିରି । ତାଙ୍କୁ ସେତେବେଳକୁ ମାତ୍ର ୧୭ ବର୍ଷ ବୟସ ହୋଇଥାଏ । ସେ ଦୁହିଁଙ୍କୁ ରମାଦେବୀଙ୍କ ପାଖକୁ ପଠାଯିବାର ସ୍ଥିର ହେଲା । ତା'ପରଦିନ ସେମାନେ କଂଗ୍ରେସ ଅଫିସ ବାଟ ଦେଇ ବରୀ ଗ୍ଲଲିଲେ । ଏ' ଦିଗରେ ପ୍ରଭାବତୀଙ୍କର ମାମୁଁ ରାଘବ ଚନ୍ଦ୍ର ଦାସ, ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲେ ; କିନ୍ତୁ ଯୁବତୀ ପ୍ରଭାବତୀ ଦେବୀ ଘରୁ ପାଦ କାଢ଼ିଥିବାରୁ ତାଙ୍କର ବାପାଙ୍କୁ ଅନେକ ଅପମାନ, ଲାଞ୍ଛନା ସହିବାକୁ ପଡ଼ିଲା । ସେତେବେଳର ରକ୍ଷଣଶୀଳ ବ୍ରାହ୍ମଣ ସମାଜ ତାଙ୍କୁ ସହଜରେ କ୍ଷମା ଦେଇ ନଥିଲା ।

ଘର, ଗାଁ, ବାପା–ମାଆ ଏବଂ ଭାଇ, ଭଉଣୀଙ୍କର ମାୟା ମମତାକୁ ତୁଟେଇ ଦେଇ ପ୍ରଭାବତୀ ବରୀ ଆଶ୍ରମରେ ପହଞ୍ଚିଲେ । ସେତେବେଳେ ଆଶ୍ରମରେ ଆହୁରି କେତେଜଣ ଝିଅ ରହୁଥାନ୍ତି । ଆଶ୍ରମର ନୀତି ନିୟମ ମାନି, ଦିଓଳି ପ୍ରାର୍ଥନା କରି ; ସନ୍ଧ୍ୟାପୂର୍ବରୁ ସିଝା ଖାଦ୍ୟ ଖାଇ ପ୍ରଭାବତୀ ବଡ଼ ଆନନ୍ଦ ଅନୁଭବ କଲେ ।

ଆଶ୍ରମର ଅନ୍ୟଝିଅମାନଙ୍କ ସହିତ ମିଶି ସେ ଗାଁ ଲୋକଙ୍କୁ ସୂତାକଟା ଶିଖାଇଲେ । ହରିଜନ ବସ୍ତି ସଫେଇ କଲେ । ମହିଳା ଏବଂ ଶିଶୁମାନଙ୍କୁ ପାଠ ପଢ଼େଇବା ପାଇଁ ବୁଝେଇଲେ । ଗ୍ରାମାଞ୍ଚଳର ରୋଗୀ ସେବା କଲେ । କଂଗ୍ରେସର ବାର୍ତ୍ତା ପ୍ରଚାର କଲେ ।

୧୯୪୦ ମସିହାରେ ଗାନ୍ଧିଜୀଙ୍କର ସତ୍ୟାଗ୍ରହ ଚେଳିଉଠିଲା । ସେଥିରେ ବଡ଼ ବଡ଼ କର୍ମୀମାନେ ଜେଲକୁ ଗଲେ । ହଠାତ୍ ସମ୍ବଲପୁରରେ କର୍ମୀମାନଙ୍କର ଅଭାବ ପଡ଼ିବାରୁ ପାର୍ବତୀ ଗିରି ଏବଂ ପ୍ରଭାବତୀ ଦେବୀଙ୍କୁ ସମ୍ବଲପୁର ପଠାଗଲା । ସେମାନେ ବିନ୍ଦେପୁର ଥାନା ସୁରଙ୍ଗା ପାଲିରେ ପଞ୍ଚଶଟି ଚରଖା ନେଇ କାମ ଆରମ୍ଭ କରି ଦେଲେ ।

୧୯୪୨ ମସିହାର 'ଭାରତଛାଡ଼' ଆନ୍ଦୋଳନ ସମୟରେ ବଡ଼ ବଡ଼ ଜାତୀୟ ସ୍ତରର ନେତା ଜେଲ ଗଲେ । ପ୍ରଭାବତୀ କଂଗ୍ରେସ ପ୍ରଚାର ପତ୍ର ବାଣ୍ଟିବା ଦାୟିତ୍ୱରେ ରହିଥିଲେ । ଏହି ଅପରାଧ ପାଇଁ ତାଙ୍କୁ ଅଗଷ୍ଟ ୨୩ ତାରିଖରେ ବନ୍ଦୀ କରି ସମ୍ବଲପୁର ଜେଲକୁ ପଠାଗଲା । ଦୀର୍ଘ ବର୍ଷେକାଳ ଜେଲଦଣ୍ଡ ଭୋଗ କରି ସାରିଲାପରେ ତାଙ୍କୁ କଟକ ଜେଲକୁ ସ୍ଥାନାନ୍ତର କରାଗଲା । ସେଇ ଜେଲରେ ରମାଦେବୀ, ମାଳତୀ ଚୌଧୁରୀ ଏବଂ ଅନ୍ୟ ସହକର୍ମୀ ମହିଳା ସଂଗ୍ରାମୀମାନେ ଥାଆନ୍ତି । ସେଇ ଜେଲରେ ଆଉ ଗୋଟିଏ ବର୍ଷ ଜେଲ ଦଣ୍ଡ ଭୋଗକରି ୧୯୪୫ ମସିହାରେ ପ୍ରଭାବତୀ ଦେବୀ ମୁକ୍ତି ପାଇଲେ ।

ଜେଲରୁ ମୁକ୍ତି ପାଇଲା ପରେ ତାଙ୍କର ଦାୟିତ୍ୱ ବଢ଼ିଯାଇଥିଲା । ରମାଦେବୀଙ୍କ ପରାମର୍ଶ ଅନୁସାରେ ପ୍ରଭାବତୀ ଦେବୀ ବରଗାଁରେ ୧୯୪୯ ମସିହାରେ ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ କଲେ । ଆମ ଅଞ୍ଚଳର ନାରୀମାନଙ୍କୁ ଶିକ୍ଷିତ ନକରାଇଲେ, ସେମାନଙ୍କ ମନରେ ସ୍ୱାଧୀନ ଚିନ୍ତାଧାରା ପ୍ରବେଶ ନକରାଇଲେ ; ଭାରତୀୟ ସମାଜ ତିଷ୍ଠି ରହି ପାରିବ ନାହିଁ । ତେଣୁ ନାରୀଜାତିର କଲ୍ୟାଣ ତଥା ପ୍ରଗତି ପାଇଁ ଏହି କେନ୍ଦ୍ର କାମ କରିବ ବୋଲି ସ୍ଥିର କରାଗଲା । ଏଭଳି ଏକ ମହତ୍ୱପୂର୍ଣ୍ଣ କାମରେ ହାତ ଦେବା ପୂର୍ବରୁ ସେ ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ତାଲିମ ନେଲେ । ସେଇଠି ଦୀର୍ଘ ୧୫ ଦିନ ପାଇଁ ସେ ମହାତ୍ମାଗାନ୍ଧୀଙ୍କ ସହିତ କାମ କରିବାର ସୁଯୋଗ ପାଇଲେ । ଏହି ସମୟ ଥିଲା–ପ୍ରଭାବତୀ ଦେବୀଙ୍କ ପାଇଁ ମହତ୍ୱପୂର୍ଣ୍ଣ ସମୟ । ଏହାଛଡ଼ା ବିନୋବା ଭାବେଙ୍କର ଭୂଦାନ ଆନ୍ଦୋଳନରେ ସେ ନିଜକୁ ସାମିଲ କରିବାର ସୁଯୋଗ ପାଇଥିଲେ । ଦୁଇବର୍ଷ ପଦଯାତ୍ରୀ କରି ସେ ଭୂଦାନ ଆନ୍ଦୋଳନରେ ବିନୋବାଙ୍କୁ ସହଯୋଗ କଲେ ।

ଭାରତ ସ୍ୱାଧୀନତା ଲାଭ କଲାପରେ ପ୍ରଭାବତୀ ଦେବୀ ମାତୃମଙ୍ଗଳ କେନ୍ଦ୍ରରେ ନାରୀ କଲ୍ୟାଣ ଏବଂ ସମାଜ ସେବାରେ ବ୍ରତୀ ରହିଲେ ।

ଭାରତ–ପାକିସ୍ଥାନ ଯୁଦ୍ଧରେ କ୍ଷତ ବିକ୍ଷତ, ଆହତ ସୈନ୍ୟ ଏବଂ ଶରଣାର୍ଥୀମାନଙ୍କର ସେବା କରି ସେ ନିଜ ଜୀବନକୁ ଧନ୍ୟ କଲେ । ପ୍ରଭାବତୀ ଦେବୀଙ୍କର ତ୍ୟାଗ, ନିଷ୍ଠା ଏବଂ ଦେଶପ୍ରୀତିକୁ ସମ୍ମାନ ଜଣାଇ ୧୯୮୪ ମସିହାରେ କଟକଠାରେ 'ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ପରିଷଦ' ତାଙ୍କୁ 'ରାଷ୍ଟ୍ର ଗୌରବ ପଦ' ପ୍ରଦାନ କଲେ । ସେହିପରି ବାରଣସୀଠାରେ ୧୯୮୯ ମସିହାରେ ତାଙ୍କୁ ଅନୁରୂପ ସମ୍ମାନରେ ସମ୍ମାନିତ କରାଯାଇଛି । ଏହା ପୂର୍ବରୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରାଗାନ୍ଧୀ ୧୯୭୨ ମସିହାରେ ତାମ୍ରପତ୍ର ଦ୍ୱାରା ସମ୍ମାନିତ କରିଥିଲେ । ଓଡ଼ିଶା ସରକାର ମଧ ତାଙ୍କୁ ସମ୍ମାନ ସୂଚକ ମାନପତ୍ର ପ୍ରଦାନ କରି ମାଆ ପ୍ରଭାବତୀଙ୍କୁ ସମ୍ମାନ ଜଣାଇଛନ୍ତି । ପ୍ରଭାବତୀ ଦେବୀଙ୍କ ପାଇଁ ଏହି ପୁରସ୍କାର, ସମ୍ମାନ ଯଥେଷ୍ଟ ନୁହେଁ । ସେ କୁହନ୍ତି, 'ଏହି ଦେଶର କୋଟି କୋଟି ସନ୍ତାନ ଯେତେଦିନ ଯାଏ, ସୁଖ ଶାନ୍ତିରେ ରହି ପାରି ନାହାନ୍ତି ; ସେତେ ଦିନ ଯାଏ – ସେ କେବଳ କାମ କରି ଚାଲିଥିବେ' । ସମ୍ମାନ – ପୁରସ୍କାର ତାଙ୍କ ପାଇଁ ତୁଚ୍ଛ ।

କାର୍ଯ୍ୟକ୍ରମ ନିଷ୍ପାଦକ,
ଆକାଶବାଣୀ, ସମ୍ବଲପୁର– ୭୬୮୦୦୧ ।

ପବିତ୍ର ସୁଦଶା ବ୍ରତ

ଭାସ୍କର ଚନ୍ଦ୍ର ରାଉତରାୟ

ଅନ୍ନ, ବସ୍ତ୍ର, ସଂସ୍ଥାନ ମଣିଷର ଅପରିହାର୍ଯ୍ୟ ଆବଶ୍ୟକତା । ଏହି ଆବଶ୍ୟକତାର ପରିପୂରଣ ନିମନ୍ତେ ଶ୍ରୀ ସମ୍ପଦର ଅଧିଷ୍ଠାତ୍ରୀ, ଅନ୍ନଦାତ୍ରୀ ମହାଲକ୍ଷ୍ମୀଙ୍କର ପୂଜା ଆରାଧନା ବୈଦିକ ଯୁଗରୁ ପ୍ରଚଳିତ । ମହାଭାରତୀୟ ଚେତନାରେ ଯେତେ ଧର୍ମ, ଯେତେ ମତବାଦ, ଚଳଣି ଗଢ଼ିଛି, ତା ମଧ୍ୟରେ ଶକ୍ତିମୟୀ, କଲ୍ୟାଣମୟୀ, ସୌଭାଗ୍ୟ ପ୍ରଦାୟିନୀ, ଶ୍ରୀସମ୍ପନ୍ନା ଲକ୍ଷ୍ମୀଙ୍କର ସର୍ବାପେକ୍ଷା ଅଧିକ । "ଏକୋ ହଂ ବହୁସ୍ୟାମ୍" ନ୍ୟାୟରେ ମହାଲକ୍ଷ୍ମୀ ଏକାଧାରରେ ଦୁର୍ଗା, ସରସ୍ୱତୀ, ଶ୍ରୀରାଧା ରୂପେ ମଧ୍ୟ ବର୍ଣ୍ଣିତ ।

ସାଧାରଣତଃ ବ୍ରତ କଥାର ଜନ୍ମ ପୁରାଣରୁ । ଡକ୍ଟର କୃଷ୍ଣଚରଣ ବେହେରାଙ୍କ ଓଡ଼ିଆ ଉପନ୍ୟାସ ଗ୍ରନ୍ଥରୁ ସୂଚନା ମିଳେ "ପଦ୍ମପୁରାଣରୁ" ସୁଦଶା ବ୍ରତାରମ୍ଭ । ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ମାଣବସା ଗୁରୁବାର ସହିତ ସୁଦଶାବ୍ରତର ଉଲ୍ଲେଖ ଅଛି । ପଦ୍ମ ପୁରାଣରେ ବିଷ୍ଣୁବଲ୍ଲଭୀ ମହାଲକ୍ଷ୍ମୀଙ୍କର ସ୍ତୁତି କରି କବି କହିଛନ୍ତି :–

ଲକ୍ଷ୍ମୀ ପଦ୍ମବଦନ କଦସ କୁସୁମେ
ଶ୍ରୀବିଷ୍ଣୁ ବକ୍ଷ ସ୍ଥଳେ
ଦାମ୍ପତ୍ୟେର୍ବଦନେ ନରେନ୍ଦ୍ର ଭୁବନେ
ସୁର୍ବାବଂନା ସୁବନେ
ମାତଙ୍ଗେ ତୁରଗେ ବୃଷେ ଚ ଧବଳେ
ଗୋଷ୍ଠେ ସୁଗନ୍ଧାଦୟେ
ସର୍ବେଷେବ ବିରାଜିତା ଗୁଣମୟ
ଶୀତେ ପୀତେ ବାସସୀ ।

ସୁଦଶାବ୍ରତର କାହାଣୀ ଏହିପରି ଦୈବସୁତ ମନୁ ଶ୍ରେତା, ଅଗସ୍ତି ବକ୍ତା, ମନୁଙ୍କର ଆଗ୍ରହ ହେତୁ ଅଗସ୍ତି ମୁନି, ପଦ୍ମପୁରାଣରେ ମହାଲକ୍ଷ୍ମୀଙ୍କର ମହିମା ବର୍ଣ୍ଣନା କରାଯାଇଛି– "ମହାଲକ୍ଷ୍ମୀ କଥା ଶୁଣିଲେ ବନ୍ଧ୍ୟପଣ ହୋଇବ ଧନଜନ ଆୟ ବଢ଼େ, ସ୍ତ୍ରୀ ସୁଲକ୍ଷଣୀ ହୋଇବ ।"

ସତ୍ୟ ଯୁଗରେ ରାଜା ବୀର ବିକ୍ରମଙ୍କର ପତ୍ନୀ ରାଣୀ ରିହାବତୀ ଓ ମନ୍ତ୍ରୀ ବିଲ୍ଲବେଶ୍ୱରଙ୍କ ପତ୍ନୀ ପଦ୍ମାବତୀ ଦୁଇ ସଖୀ ସମୁଦ୍ରକୁ ସ୍ନାନ କରିଗଲେ ।

ସମୁଦ୍ର ତଟରେ ଦେବକନ୍ୟାମାନେ ଘୃତଦୀପ ଜାଳି ମହାଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରୁଥିବାର ଦେଖିଲେ । ଦୁଇ ସଖୀଙ୍କର ଜିଜ୍ଞାସା ଚରିତାର୍ଥ କରିବାକୁ ଯାଇ ସେମାନେ ... ଶ୍ରୀସୁଦଶାବ୍ରତ ଓଷା ଏବଂ ଏହା କଲେ ମନବାଞ୍ଛା ପୂରଣ ... ବୋଲି କହିଲେ ।

ଏହାର ବିଧାନ ଏହିପରି ଶୁକ୍ଳପକ୍ଷ ଦଶମୀ ଗୁରୁବାର ... ଲକ୍ଷ୍ମୀଙ୍କର ସୁଦଶାବ୍ରତ ହୁଏ, ଦଶକେରୀ ଦୁବ, ହଳଦୀର ... ଦଶଗୋଟି ଗୁଆ, ଦଶ ବର୍ଣ୍ଣର ପୁଷ୍ପ, ଦଶଖିଅ ଶୁକ୍ଳ ସୂତା ... କରି ବଳିବା) ମହାଲକ୍ଷ୍ମୀଙ୍କର ଦଶନାମ ସୁମରଣା କରି ... ପକାଇବ । ପ୍ରଥମେ ମହାଲକ୍ଷ୍ମୀ, ଦ୍ୱିତୀୟେ କମଳା, ତୃତୀ... ପଦ୍ମା, ଚତୁର୍ଥେ ହରପ୍ରିୟା, ପଞ୍ଚମେ ଦାରିଦ୍ର୍ୟ ଭଞ୍ଜନା, ଷ... କୌମେଦକି, ସପ୍ତମେ ଗଜବାହୀନୀ, ଅଷ୍ଟମେ ଚଞ୍ଚଳା, ନ... ଜାନକୀ, ଦଶମେ ରକ୍ମିଣୀ, ଗୁଆଘୃତରେ ଦଶଖିଅ ସୂତାରେ ... ଜାଳିବ । ଜୀରା, କର୍ପୂର, ଛେନା, ନଡ଼ିଆ, ମୁଗ ଦେଇ ... ଗୋଟି ପିଠା କରିବ । ପଦ୍ମଚିତା ଦେଇ କଳସି ବସାଇ ... କରିବ । ହସ୍ତରେ ବ୍ରତ ବାନ୍ଧିବ, ଆଚାର୍ଯ୍ୟ ବରଣ କରି ପଦ୍ମପୁ... ଶୁଣିବ । ଚତୁର୍ଦ୍ଦଶ ବର୍ଷରେ ବ୍ରତ ଉଦ୍‌ଯାପନ କରିବ । ବ୍ରତ... ଉଦ୍‌ଯାପନ ନ କଲେ ଦୋଷ । ଏ ରୂପେ ବ୍ରତ ପାଳନ କଲେ ... ଅଭୀଷ୍ଟ ପୂରଣ ହୁଏ ।

ଦେବକନ୍ୟାମାନେ ପୁନଶ୍ଚ ଏ ବ୍ରତର ମହିମା ପ୍ରଚା... କରିବାକୁ ଯାଇ ଏକ କାହାଣୀ କହିଛନ୍ତି । ରାଜା ବିକ୍ରମାଦିତ୍... ରାଣୀ ସୁଲକ୍ଷଣା ଓ ମନ୍ତ୍ରୀ ପତ୍ନୀ ଦୁଲଣୀ ଦୁଇ ... ଥିଲେ ।

ମହାପ୍ରସ୍ଥାଣ ପରେ ଧର୍ମରାଜଙ୍କ ଦରବାରରେ ପାପପୁ... ବିଚାର ହେଲା । ସୁଦଶାବ୍ରତ କରି ମହାପୁଣ୍ୟ ଲାଭକରିଥି... ପରଜନ୍ମରେ ମନ୍ତ୍ରୀ ରାଣୀ ରୂପେ ଏବଂ ରାଣୀ ମନ୍ତ୍ରୀପତ୍ନୀ ... ମର୍ତ୍ତ୍ୟରେ ଜନ୍ମ ନେଲେ ।

ପୁନଶ୍ଚ ଦୁହେଁ ସଖୀ ହେଲେ । ଏକଦା ସୁଦଶାବ୍ରତ ପଡ଼ି... ଦୁହେଁ ବିଧି ପୂର୍ବକ ବ୍ରତ କରି ହସ୍ତରେ ବ୍ରତ ବନ୍ଧନ କଲେ । ... ମନ୍ତ୍ରୀ ପତ୍ନୀଙ୍କର ବ୍ରତ ହଜିବାରୁ ସେ ଦୁଃଖରେ ଅନ୍ନଜଳ ପରି... କଲେ । ଦେହ କ୍ଷୀଣ ହେଲା । ମନ୍ତ୍ରୀ ରାଜାଙ୍କୁ ... ରାଣୀଙ୍କୁ ଶତ ବାରଣ ସତ୍ତ୍ୱେ ରାଜା ରାଣୀଙ୍କର ପୁରୁଣାବ୍ରତ ... ମନ୍ତ୍ରୀଙ୍କୁ ଦେଲେ । ମନ୍ତ୍ରୀ ପତ୍ନୀଙ୍କୁ ଦେଲେ । ସେ ... ବିଶ୍ୱାସରେ ଶୁଚିସ୍ନାତା ହୋଇ ଶୁକ୍ଳପାଟ ପରିଧାନ ... ମହାଲକ୍ଷ୍ମୀଙ୍କୁ ସୁମରଣା କରି ହସ୍ତରେ ବ୍ରତ ବନ୍ଧନ କରି ଅନ୍ନପାଣି... କଲେ ।

ଲକ୍ଷ୍ମୀ ଦ୍ରୋହୀ ହେବାରୁ ଅଳ୍ପଦିନ ପରେ ରାଜାଙ୍କ ରାଜ୍ୟ, ସମ୍ପତ୍ତିଚ୍ୟୁତ ହେଲା । ପାତ୍ର ଅମାତ୍ୟ ରାଜାଙ୍କୁ ରାଜ୍ୟରୁ ବିତାଡ଼ିତ କଲେ । ରାଜା ପତ୍ନୀ ଓ ଦୁଇ ପୁତ୍ରଙ୍କୁ ଧରି ଅରଣ୍ୟରେ ବୁଲିଲେ । ମହାଲକ୍ଷ୍ମୀ ପୁତ୍ର ଦୁହିଁଙ୍କୁ ନେଇ ସାଧବ ଘରେ ଛାଡ଼ି ଅନ୍ତର୍ଦ୍ଧାନ ହେଲେ । ଫଳମାନ ଅରଣ୍ୟରେ ଅଦୃଶ ହେଲେ । ରାଜାରାଣୀ କ୍ଷୁଧା, ତୃଷାରେ ବିକଳ ହେଲେ । ରାଣୀ ମହାଲକ୍ଷ୍ମୀଙ୍କୁ ଦୁଃଖ ଜଣାଇଲେ । ଦୁହେଁ କମଳିନୀ ନଗରରେ ପ୍ରବେଶ କଲେ । ରାଜା ସାହେବ ସାଧବ ନିକଟରେ ମୂଲ ଲାଗିଲେ । ରାଣୀ ସାଧବାଣୀଙ୍କର ପରିଚାରିକା ହୋଇ ରହିଲେ । ଏକଦା ସୁଦଶାବ୍ରତ ପଡ଼ିଲା । ରାଣୀ ସାଧବାଣୀ ସହିତ ସୁଦଶାବ୍ରତ କଲେ । ଶୁଚିସ୍ନାତା ହୋଇ ଭକ୍ତିଭରେ ମହାଲକ୍ଷ୍ମୀଙ୍କୁ ସ୍ତୁତି କଲେ । ଅନୁତାପର ଅଶ୍ରୁଧାରରେ ମହାଲକ୍ଷ୍ମୀଙ୍କୁ ଅଭିଷିକ୍ତ କଲେ । କଲ୍ୟାଣୀମୟୀ ମହାଲକ୍ଷ୍ମୀ ତୁଷ୍ଟ ହୋଇ ଆଶୀର୍ବାଦ କଲେ । ରାଣୀ ସୁଦଶା ଓ ସୌଭାଗ୍ୟ ଫେରିପାଇଲେ ।

ରାଜା ହୃତରାଜ୍ୟ, ଐଶ୍ୱର୍ଯ୍ୟ ଓ ପୁତ୍ର ସନ୍ତାନ ଫେରି ପାଇଲେ । ବ୍ରତ କରି ରାଜ ସମ୍ପଦୀପରେ ରାଜା ହେଲେ ଓ ଘରେ ଘରେ ଲକ୍ଷ୍ମୀଙ୍କ ବ୍ରତ ପାଳନ ପାଇଁ ନିର୍ଦ୍ଦେଶ ଦେଲେ ।

ମହାଲକ୍ଷ୍ମୀର ମହିମାମୟ କାହାଣୀ ଶ୍ରବଣ କରି ରାଣୀ ଓ ମନ୍ତ୍ରୀ ଏହି ବ୍ରତ ଆରମ୍ଭ କଲେ ଓ ଏହା ପୃଥିବୀ ବିଖ୍ୟାତ ବ୍ରତ ରୂପେ ପରିଗଣିତ ହେଲା ।

ଲକ୍ଷ୍ମୀ ଐଶ୍ୱର୍ଯ୍ୟର ଦେବୀ, ଅନ୍ନଦାତ୍ରୀ, କଲ୍ୟାଣମୟୀ, ଶାନ୍ତିପ୍ରଦାୟିନୀ, ଜଗଜ୍ଜନନୀ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶୁଚି ପୂର୍ବକ ଯିଏ ବିଧିବିଧାନରେ ମହାଲକ୍ଷ୍ମୀଙ୍କର ବ୍ରତ କଲେ ଅଷ୍ଟ ଐଶ୍ୱର୍ଯ୍ୟ ଲାଭ କରନ୍ତି ।

ଯେ ପଢ଼ନ୍ତି, ଶୁଣନ୍ତି ଦାରିଦ୍ର୍ୟ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ଧର୍ମର ପ୍ରଗ୍ଭର ପାଇଁ ଏହି ବ୍ରତ ବା ଓଷା ଅଭିପ୍ରେତ ହେଲେ ହେଁ ସମାଜିକ ଜୀବନକୁ ଶୁଦ୍ଧପୂତ କରିବା ଏହି ବ୍ରତର ମୂଳ ଲକ୍ଷ୍ୟ । ବିଦ୍ୟାରେ ପଣ୍ଡିତେ, ଆସ୍ୟରେ ଲକ୍ଷ୍ମୀ, ଯେଉଁଠାରେ ଶୁଦ୍ଧତା, ପରିଚ୍ଛନ୍ନତା, ଲକ୍ଷ୍ମୀ ସେଠାରେ ଅର୍ଥାତ ଶ୍ରୀସମ୍ପଦ ପ୍ରଶାନ୍ତ ସେଇଠାରେ ବିରାଜମାନ କରେ ।

ଏହି ବିଧିବିଧାନ ଓ ଉପଦେଶାବଳୀ କେବଳ ଧର୍ମଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ତାହାନୁହେଁ, ଏହା ବୈଜ୍ଞାନିକ ଦୃଷ୍ଟିକୋଣରୁ ସ୍ୱାସ୍ଥ୍ୟ ଅନୁକୂଳ ମଧ୍ୟ । ପତି ହିଁ ପତ୍ନୀର ପରମ ଆରାଧ୍ୟ ଦେବତା । ପତିର ସେବା ପତ୍ନୀର ପରମଧର୍ମ ।

ଲକ୍ଷ୍ମୀ ପୁରାଣ, ସୁଦଶାବ୍ରତ ଏହାର ସାର୍ବଜନିନତା ଉପଦେଶ ପାଇଁ ଘରେ ଘରେ ଆଦୃତ ଓ ଜନପ୍ରିୟ । ଏହାର ବିଧି ବିଧାନ ଅଦ୍ୟାବଧି ଘରର କୁଳବଧୂମାନେ ଖୁବ୍ ନିୟମ ଓ ନିଷ୍ଠାର ସହିତ ପାଳନ କରିଥାନ୍ତି । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଏହା ଏକ ଅଳଙ୍ଘନୀୟ ନିର୍ଦ୍ଦେଶ ପରି ବହୁ ପୁରାଣ କାଳରୁ ଅଦ୍ୟାବଧି ଅକ୍ଷୁଣ୍ଣ ଭାବେ ପାଳିତ ହୋଇ ଆସୁଛି ।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜ ବିହାରଠାରେ ଆୟୋଜିତ ସର୍ବ ଭାରତୀୟ ରାଜନୀତି ବିଜ୍ଞାନ ସମ୍ମିଳନୀକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀ ଉଦ୍‌ଘାଟନ କରୁଛନ୍ତି

ସାର୍ଥକ ସ୍ୱପ୍ନ


ପତିତ ଜମି ପୁନରୁଦ୍ଧାର ଯୋଜନାରେ ଫୁଲବାଣୀ ଜିଲ୍ଲାର ଶୁଷ୍କାଞ୍ଚଳ ଚାଷର ଅଗ୍ରଗତିରେ ବାଲିଗୁଡ଼ା କୃଷି ସର୍କଲ୍ ଅନ୍ୟତମ

ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ନାଁ ବାଟାଗୁଡ଼ା । ବାଲିଗୁଡ଼ା ସଦର ମହକୁମାଠାରୁ ୧୨ କି.ମି. ଦୂରତ୍ୱରେ ଅବସ୍ଥିତ । ବଣ, ଜଙ୍ଗଲ ଘେରା ଏହି ଗ୍ରାମ । ଆଦିବାସୀ ବସତି ବହୁଳ ଅଟେ । ଜଙ୍ଗଲଜାତ ଦ୍ରବ୍ୟ ଓ ଚାଷ ଉପରେ ନିର୍ଭରଶୀଳ । ଚାଷ ଜମି ମଧ୍ୟ ଶିକ୍ଷା ଅଭାବରୁ ଉନ୍ନତି କୃଷି ପ୍ରଣାଳୀ, ବୈଷୟିକ ଜ୍ଞାନ ଅଭାବରୁ ନିଜସ୍ୱ ପୁରାତନ ପ୍ରଣାଳୀରେ ଚାଷୀ ଚାଷ କରୁଥିଲେ । କିନ୍ତୁ ଚଳିତ ଖରିଫ ଓ ରବି ଋତୁରେ ଫୁଲବାଣୀ ଜିଲ୍ଲାରେ କରାଯାଉଥିବା ଶୁଷ୍କାଞ୍ଚଳ ଚାଷ କ୍ଷେତ୍ରରେ ବାଲିଗୁଡ଼ା ବ୍ଲକର ବାଟାଗୁଡ଼ା କୃଷି ସର୍କଲ ଅନ୍ୟତମ ଅଟେ । ପତିତ ଜମିର ପୁନଃରୁଦ୍ଧାର ଯୋଜନାରେ ବାଟାଗୁଡ଼ା ଅଞ୍ଚଳର ୧୨ ଜଣ ଆଦିବାସୀ ଚାଷୀ ଶ୍ରୀ ସାସିରାମ ମଲିକ, ଶିବରାମ, ଡିଆସିଂ, କାହ୍ନୁ ମଲିକ, ଅଭିମନ୍ୟୁ, ଧରମୁ, ବୈରା ମଲିକ ମୁଖ୍ୟ ଚାଷୀମାନଙ୍କର ନିଜସ୍ୱ ୨୫ ଏକର ଅନୁର୍ବର ଜମିକୁ ଉନ୍ନତ ଚାଷ ଆରମ୍ଭ କରାଗଲା । ଏହି ଶୁଷ୍କାଞ୍ଚଳ ଚାଷ ପ୍ରଥମ ଚାଷ 'ଡିଙ୍ଗରରାଣୀ' ଓ ବର୍ତ୍ତମାନ ଦ୍ୱିତିୟ ଚାଷ ଡିଳା କରାଯାଇଛି । ଏ ଅଞ୍ଚଳର ଚାଷୀମାନେ କୌଣସି ପ୍ରକାର ଉନ୍ନତ ଚାଷ ସମ୍ପର୍କରେ ଅଜ୍ଞ ଥିଲେ । ଉନ୍ନତ ବିହନ, ସାର, ପୋକମରା ଔଷଧ ବ୍ୟବହାର କୌଶଳ ଶିକ୍ଷା ଅଭାବରୁ ଜାଣି ନ ଥିଲେ । ଏହି ଅଞ୍ଚଳରେ ଅବସ୍ଥିତ କୃଷି କର୍ମଚାରୀ ଶ୍ରୀ ରାମଚନ୍ଦ୍ର ସ୍ୱାଇଁଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦିଗ୍ ଦର୍ଶନ ତଥା ଚାଷୀମାନଙ୍କୁ ପରିଶ୍ରମ ଯୋଗୁ ଏହିକାର୍ଯ୍ୟ ସଫଳ ହୋଇଛି ଏବଂ ପତିତ ଜମିର ପୁନଃରୁଦ୍ଧାର ହୋଇ ପାରିଥିବାରୁ ଆଜି ପଞ୍ଚାୟତ ଅଞ୍ଚଳର ସମସ୍ତ ଚାଷୀଙ୍କ ମନରେ ଆନନ୍ଦ ଉଦ୍ଦୀପନା ଖେଳିଯାଇଛି । ଗ୍ରାମ ପଞ୍ଚାୟତ ସବୁଜ ବିପ୍ଳବ ପଥରେ ଆଗେଇ ଚାଲିଛି ।

ଏହି ୧୨ ଜଣ ଚାଷୀ ନିଜସ୍ୱ ଏହି ୨୫ ଏକର ଜମିରେ ପୂର୍ବରୁ କୌଣସି ଚାଷ କରୁନଥିଲେ, କାରଣ ଜମି ଅନୁର୍ବର ଥିଲା । ବର୍ତ୍ତମାନ ପ୍ରଥମ ଚାଷ 'ଡିଙ୍ଗରରାଣୀ' ସବୁଜ ଚାଷ କରାଯାଇଛି ଓ ଦ୍ୱିତୀୟ ଚାଷ ଡିଳା କରାଯାଇଛି । ଏ ବର୍ଷ ଚାଷରେ ଡିଳା ଏକର ପ୍ରତି ୩ କ୍ୱିଣ୍ଟାଲ ହାରରେ ଅମଳ ହେବ ବୋଲି ଚାଷୀମାନେ ଆଶାନ୍ୱୀ । ଏହି ପରି ହାରାହାରି ୨୫ ଏକରରୁ ପ୍ରାୟ ୭୫ କ୍ୱିଣ୍ଟାଲ ଚାଷ ହେବା ଚାଷୀମାନେ ଆଶା କରିଛନ୍ତି ।

ଏହି ୧୨ ଜଣ ସାହାସୀ ଆଦିବାସୀ ଚାଷୀଙ୍କ ସଫଳ ପଦକ୍ଷେପ ଏ ଅଞ୍ଚଳରେ ଅନ୍ୟାନ୍ୟ ଚାଷୀମାନଙ୍କୁ ସାହାସ ଓ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇଛି ଏବଂ ବାଟାଗୁଡ଼ା ଗ୍ରାମ ପଞ୍ଚାୟତ ସବୁଜ ବିପ୍ଳବ ପଥରେ ଆଗେଇ ଚାଲିଛି ।

ଅଶୋକ କୁମାର ସାହୁ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବାଲିଗୁଡ଼ା ।



ଦୁଃସାହସିକ ନଦୀପାର୍ଶ୍ୱ ପଦଯାତ୍ରା

ଆସନ୍ତା ମାର୍ଚ୍ଚ ୫ ତାରିଖଠାରୁ ୧୫ ତାରିଖ ଯାଏ ୨୨୦ କିଲୋମିଟରର ଦୁଃସାହସିକ ପଦଯାତ୍ରା ଆୟୋଜିତ ହେବ । ଏହା ଫୁଲବାଣୀ ଜିଲ୍ଲାର ବୁଦ୍ଧଗୁଡ଼ାଠାରୁ ଆରମ୍ଭ ହୋଇ ତୁମୁଡ଼ିବନ୍ଧ, ଲମ୍ବୀଗଡ଼, ମଦନପୁର, ତେନ୍ତୁଳିଖୁଣ୍ଟି, ଟିଟିଲାଗଡ଼, ଧରମଗଡ଼, ଯୋହାଣ୍ଡିକୁ ଅତିକ୍ରମ କରି ନବରଙ୍ଗପୁର ଜିଲ୍ଲାର ବାହାଡ଼ାଠାରେ ଉଦ୍‌ଯାପିତ ହେବ । ଏଥିନିମନ୍ତେ ଫୁଲବାଣୀ, ବୌଦ୍ଧ, ସୋନପୁର, ବଲାଙ୍ଗୀର, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଯୁବକ ଯୁବତୀମାନଙ୍କ ନିକଟରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ନିମ୍ନୋକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ :—

(୧) ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ, (୨) ପ୍ରାର୍ଥୀ/ପ୍ରାର୍ଥିନୀ ସୁସ୍ଥ ସବଳ ଏବଂ କଠିନ ପରିଶ୍ରମ କରିବାକୁ ହୋଇଥିବେ ଓ ଏ ସମ୍ପର୍କରେ ଡାକ୍ତରୀ ସାର୍ଟିଫିକେଟ୍ ଦାଖଲ କରିବେ, (୩) କଲେଜ ଛାତ୍ର କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସଭ୍ୟ ହୋଇଥିବେ ଏବଂ କର୍ତ୍ତୃପକ୍ଷ ତାଙ୍କ ଦରଖାସ୍ତକୁ ଅନୁମୋଦନ କରିଥିବେ, (୪) ବିପଦର ସମ୍ମୁଖୀନ ହେବା କିମ୍ବା କୌଣସି ଆଘାତଜନିତ କ୍ଷତି ପାଇଁ ଆୟୋଜକ ଦାୟୀ ହେବେ ନାହିଁ । ଏହି ମର୍ମରେ ଏକ ଅଙ୍ଗୀକାର ପତ୍ର ଦାଖଲ କରିବେ, (୫) ପଦଯାତ୍ରୀମାନଙ୍କୁ ଯାତ୍ରାକାଳୀନ ରହିବା ଓ ଖାଇବା ସୁବିଧା ଛଡ଼ା ଏକ ପୋଷାକ ଆୟୋଜକଙ୍କ ଦ୍ୱାରା ପ୍ରଦାନ କରାଯିବ, (୬) ସମ୍ପୂର୍ଣ୍ଣ ଠିକଣା, ନାମ ଆବଶ୍ୟକୀୟ ସାର୍ଟିଫିକେଟ୍ ୧୫—୨—୧୯୯୪ ତାରିଖ ସୁଦ୍ଧା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ, ନୟାପଲ୍ଲୀ, ଭୁବନେଶ୍ୱର—୭୫୧୦୦୨ଙ୍କ ଠିକଣାରେ ଇଚ୍ଛୁକ ଯୁବକ ଓ ଯୁବତୀମାନେ ଆବେଦନ କରିବେ ।

ଖରାଦିନିଆ ରାସ୍ତା ଖୋଲିଲା

ରାଜ୍ୟ ରାଜପଥ ୧୫ରେ ମହାନଦୀର ସୋନପୁରଠାରେ ସମ୍ବଲପୁର–ସୋନପୁର, ତେଲନଦୀର ଟୁଣ୍ଡଗାଠାରେ ଟୁଣ୍ଡଗା–ଗୁଡ଼ଭେଲା ଏବଂ ସୋନଗଡ଼ ନଦୀର ଦେଓଗାଁଠାରେ ଟୁଣ୍ଡଗା–ଅର୍ଜୁନପୁର ଖରାଦିନିଆ ରାସ୍ତା ସର୍ବସାଧାରଣଙ୍କ ଯାତାୟତ ପାଇଁ ୧୯୯୪ ଜାନୁୟାରୀ ପହିଲାରୁ ଖୋଲାଗଲା ବୋଲି ବଲାଙ୍ଗୀର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ।

ଚଳଚ୍ଚିତ୍ର ପ୍ରଯୋଜନା ଉପଦେଷ୍ଟା କମିଟି ବୈଠକ

ସୂଚନା ଓ ଲୋକ ସମ୍ପର୍କ ବିଭାଗର ଚଳଚ୍ଚିତ୍ର ପ୍ରଯୋଜନା ଉପଦେଷ୍ଟା କମିଟିର ବୈଠକ ବିଭାଗୀୟ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ଗତ ଜାନୁଆରୀ ୨୪ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକମାନଙ୍କର ଅନୁମୋଦିତ ତାଲିକା ଗୃହୀତ ହେବା ସଙ୍ଗେ ସଙ୍ଗେ "ଦୁଇ ସନ୍ତାନ ଆଦର୍ଶ", "ବିବାହ ଉତ୍ସବ ବ୍ୟୟ ସଙ୍କୋଚନ", "ସର୍ବନିମ୍ନ ମଜୁରୀ ସଂଶୋଧନ", "ଓଡ଼ିଶାର ବୌଦ୍ଧ ପରମ୍ପରା" ପ୍ରଭୃତି ବିଷୟବସ୍ତୁ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତି ନିମନ୍ତେ ସ୍ଥିର କରାଯାଇଛି । ଏହାଛଡ଼ା "ବ୍ୟାସକବି ଫକୀର ମୋହନ" "ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡା" ଏବଂ "ଚନ୍ଦନହଜୁରୀ"ଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯିବାର ସ୍ଥିର କରାଯାଇଛି । କମିଟିର ବୈଠକରେ "ଓଡ଼ିଶାର ସାଂସ୍କୃତିକ ପରମ୍ପରା" "ନଦୀ", ଓ "ପର୍ବତମାଳା" ଉପରେ ଧାରାବାହିକ ଭିଡ଼ିଓ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଯାଇଛି । ଉକ୍ତ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ସୁରସେନ ଜେନା, ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଶ୍ରୀ ବିଶ୍ୱଜିତ୍ ଦାସ, ଚଳଚ୍ଚିତ୍ର ନିର୍ମାତା ଶ୍ରୀ ରାଧାନାଥ ଭଞ୍ଜ ଏବଂ ନାଟ୍ୟକାର ଶ୍ରୀ ବିଜୟ ମିଶ୍ର ପ୍ରଭୃତି ଯୋଗ ଦେଇଥିଲେ ।

ବୀର ସୁରେନ୍ଦ୍ର ସାଏଙ୍କ ଆଦର୍ଶ ଓଡ଼ିଆ ଜାତିର ସ୍ୱାଭିମାନ ଜାଗ୍ରତ କରିବ

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ, ଦେଶପ୍ରେମ ଓ ଆଦର୍ଶରେ ଉଦ୍‌ବୁଦ୍ଧ ହେଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ସାହାସ ଜାଗ୍ରତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।

ସମ୍ପ୍ରତି ସ୍ଥାନୀୟ ସୂଚନା ଭବନଠାରେ ଗଙ୍ଗାଧର ମେହେର ସ୍ମୃତି କମିଟି ଓ ବୀର ସୁରେନ୍ଦ୍ର ସାଏ ମେହେର ଉନ୍ନୟନ କମିଟି ତଥା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟ

ସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବିଦେଶୀ ଶାସନ ବିରୁଦ୍ଧରେ ଯେଉଁଭଳି ଭାବରେ ଜନମତ ଜାଗ୍ରତ ହୋଇ ପାରିଥିଲା, ଇତିହାସରେ ତା'ର ପଟାନ୍ତର ନାହିଁ । ଆଧୁନିକ ରଣ କୌଶଳରେ ଅନଭିଜ୍ଞ ସ୍ଥାନୀୟ ଲୋକଙ୍କୁ ସଂଗଠିତ କରି ସେ ପ୍ରବଳ ପରାକ୍ରମୀ ବ୍ରିଟିଶ୍ ଶାସନକୁ ଦୋହଲାଇ ଦେଇଥିଲେ । ଇତିହାସରେ ତାଙ୍କୁ ଜାତୀୟ ବୀରର ମର୍ଯ୍ୟାଦା ଦେବା ପାଇଁ ଐତିହାସିକମାନେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ସୁରେନ୍ଦ୍ର ସାଏଙ୍କ ଭଳି ମହାନ୍ ବିପ୍ଳବୀ ଓ ବୀରଙ୍କର ଦାୟାଦ ହୋଇ ମଧ୍ୟ ଆଜି ଓଡ଼ିଆ ଜାତି ତା'ର ସବୁ କିଛି ହରାଇ ବସି ଥିବାରୁ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରି କହିଲେ ଯେ ଓଡ଼ିଆ ଜାତି ତା'ର ହୃତ ଗୌରବକୁ ଫେରି ପାଇବା ପାଇଁ ସାହାସ ଓ ସ୍ୱାଭିମାନ ଦରକାର । ସେ ଆଶା କରିଥିଲେ ଯେ ସୁରେନ୍ଦ୍ର ସାଏଙ୍କ ଭଳି ବରପୁତ୍ରଙ୍କ ଆଦର୍ଶ ଅନୁସରଣ କଲେ ଓଡ଼ିଆ ଜାତି ନିଶ୍ଚୟ ଉପରକୁ ଉଠି ପାରିବ ।

ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଗ୍ରାମ ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ଅନନ୍ୟ ସାଧାରଣ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କୁ ଇତିହାସରେ ଯଥାର୍ଥ ସ୍ଥାନ ଦେବା ପାଇଁ ଆମର ଐତିହାସିକମାନେ ନିରବଚ୍ଛିନ୍ନ ଉଦ୍ୟମ ଓ ଗବେଷଣା କରିବା ଦରକାର । ସେ ସମୟରେ ବଣ ପାହାଡ଼ ଜନାକୀର୍ଣ୍ଣ ଅଞ୍ଚଳରେ ଲୁଚି ଛପି ସୁରେନ୍ଦ୍ର ସାଏ ଯେଉଁଭଳି ଗରିଲା ଯୁଦ୍ଧ ଚଳାଇ ଥିଲେ ସେ ସମ୍ପର୍କରେ ସେ ଅବତାରଣା କରିଥିଲେ । ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣି ଓ ବିଶିଷ୍ଟ ଐତିହାସିକ ଡକ୍ଟର ଜଗନ୍ନାଥ ପଟ୍ଟନାୟକ ସମ୍ମାନିତ ବକ୍ତା ରୂପେ ଯୋଗ ଦେଇ ବୀର ସୁରେନ୍ଦ୍ର ସାଏଙ୍କ ଜୀବନ ଓ ବ୍ରିଟିଶ୍ ଶାସନ ବିରୁଦ୍ଧରେ ତାଙ୍କର ସଂଗ୍ରାମ ସମ୍ପର୍କରେ ପର୍ଯ୍ୟାଲୋଚନା କରି ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ତାଙ୍କର ସଭାପତି ଅଭିଭାଷଣରେ ବୀର ସୁରେନ୍ଦ୍ର ସାଏଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ତାଙ୍କର ସ୍ମୃତି ରକ୍ଷା ଦିଗରେ ରାଜ୍ୟବାସୀ ପ୍ରତିଯୋଗିତାରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ସଭା ଆରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସୁରସେନ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବୀର ସୁରେନ୍ଦ୍ର ସାଏଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୁରସ୍କୃତ କରିଥିଲେ । ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ଗତ ଡିସେମ୍ବର ସୁଦ୍ଧା ରାଜ୍ୟରେ ୬୧,୧୯୫ଟି ଉନ୍ନତ ଚୁଲ୍ଲୀ ସ୍ଥାପିତ

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଏକ ଲକ୍ଷ ୨୦ ହଜାର ଉନ୍ନତ ଚୁଲ୍ଲୀ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ସମୁଦାୟ ୬୧,୧୯୫ଟି ଉନ୍ନତ ଚୁଲ୍ଲୀ ସ୍ଥାପିତ ହୋଇଛି । ତନ୍ମଧ୍ୟରେ କେବଳ ଗତ ଡିସେମ୍ବର ମାସରେ ସ୍ଥାପିତ ୧୨,୭୬୮ ଉନ୍ନତ ଚୁଲ୍ଲୀ ଅନ୍ତର୍ଭୁକ୍ତ । ଡିସେମ୍ବର ମାସରେ ୧୧,୬୫୫ଟି ସ୍ଥାୟୀ ଚୁଲ୍ଲୀ ଓ ୧,୧୧୩ଟି ଉଠାଚୁଲ୍ଲୀ ସ୍ଥାପନ କରାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି ।

ଗତ ଡିସେମ୍ବର ମାସରେ ସମ୍ବଲପୁର ଜିଲ୍ଲାରେ ୧,୭୦[illegible], ଖୋର୍ଦ୍ଧା ଜିଲ୍ଲାରେ ୧,୫୧୨ଟି, ଗଞ୍ଜାମ ଜିଲ୍ଲାରେ ୨,୨୧୮ଟି, [illegible] ଜିଲ୍ଲାରେ ୧,୧୬୧ଟି, ଫୁଲବାଣୀ ଜିଲ୍ଲାରେ ୭୦୭ଟି, ପୁରୀ ଜିଲ୍ଲାରେ ୬୧୨ଟି, ଅନୁଗୁଳ ଜିଲ୍ଲାରେ ୫୫୪ଟି, କେନ୍ଦ୍ରାପଡ଼ା ଜିଲ୍ଲାରେ [illegible], ଢେଙ୍କାନାଳ ଜିଲ୍ଲାରେ ୫୧୭ଟି, ନବରଙ୍ଗପୁର ଜିଲ୍ଲାରେ ୪[illegible], ସୁବର୍ଣ୍ଣପୁର ଜିଲ୍ଲାରେ ୪୫୦ଟି, କେନ୍ଦୁଝର ଜିଲ୍ଲାରେ ୪[illegible], ଜଗତସିଂହପୁର ଜିଲ୍ଲାରେ ୪୧୨ଟି, ନୂଆପଡ଼ା ଜିଲ୍ଲାରେ [illegible], କଳାହାଣ୍ଡି ଜିଲ୍ଲାରେ ୨୧୫ଟି, ମୟୂରଭଞ୍ଜ ଜିଲ୍ଲାରେ ୨୦[illegible], ବଲାଙ୍ଗୀର ଜିଲ୍ଲାରେ ୨୦୦ଟି, ନୟାଗଡ଼ ଜିଲ୍ଲାରେ ୧୭୨ଟି, [illegible] ଜିଲ୍ଲାରେ ୧୭୦ଟି, ରାୟଗଡ଼ା ଜିଲ୍ଲାରେ ୧୦୦ଟି ଓ ଗଜପତି ଜିଲ୍ଲାରେ ୬୧ଟି ସ୍ଥାୟୀ ଚୁଲ୍ଲୀ ସ୍ଥାପିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୭୫୦ଟି, ନୟାଗଡ଼ ଜିଲ୍ଲାରେ ୨୦[illegible], କେନ୍ଦ୍ରାପଡ଼ା ଜିଲ୍ଲାରେ ୧୫୦ଟି ଓ ଖୋର୍ଦ୍ଧା ଜିଲ୍ଲାରେ ୧୧ଟି ଉଠାଚୁଲ୍ଲୀ ସ୍ଥାପନ କରାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି ।

ସେଚ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ୧୨୦-ପଦାତିକ ବାହିନୀ ପରିଦର୍ଶନ

ଗତ ଜାନୁଆରୀ ୧୯ ତାରିଖରେ ସେଚ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ସ୍ଥାନୀୟ ୧୨୦-ପଦାତିକ ବାହିନୀ ଆମର ଗର୍ବ ଓ ଗୌରବ ବୋଲି ପ୍ରକାଶ କରି ବାଟାଲିୟନ୍ ନିୟୋଜିତ କରିବା କ୍ଷେତ୍ରରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଦିଆଯିବା ଉପରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଗୁରୁତ୍ୱ ଆରୋପ କରିଥିଲେ । କଳିଙ୍ଗ ସେନାମାନଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରି ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏଥିପାଇଁ କମାଣ୍ଡିଂ ଅଫିସର କର୍ଣ୍ଣେଲ୍ ଏସ୍. କେ. ସିହ୍ନାଙ୍କର ସକ୍ରିୟ ନେତୃତ୍ୱ ଦ୍ୱାରା ଏହା ସମ୍ଭବପର ହୋଇପାରିଛି ବୋଲି ସେ କହିଥିଲେ ।

କର୍ଣ୍ଣେଲ୍ ସିହ୍ନା ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ଲୋକ ଓ ସରକାରଙ୍କ ସେବାରେ ବାଟାଲିୟନ୍ ଓ ଆଞ୍ଚଳିକ ଦଳର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ୧୯୬୬ ଫେବୃଆରୀରୁ ୧୯[illegible] ଫେବୃଆରୀ ପର୍ଯ୍ୟନ୍ତ କଳିଙ୍ଗ ପଦାତିକ ବାହିନୀକୁ ନେତୃତ୍ୱ ଦେଇଥିବା ବିହାର ରେଜିମେଣ୍ଟର ଅବସରପ୍ରାପ୍ତ ଲେଫ୍‌ଟନାଣ୍ଟ କର୍ଣ୍ଣେଲ୍ ଟି. ଏ. କନିଘାଟ୍‌ସ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଲେଫ୍‌ଟେନାଣ୍ଟ କର୍ଣ୍ଣେଲ୍ ଏଚ୍. ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ ।

ଜୀବନରେ ଆଧ୍ୟାତ୍ମିକ ଓ ଶାରୀରିକ ବିକାଶ ନ ହେଲେ ମାନସିକ ବିକାଶ ଅସମ୍ଭବ

ଗତ ଜାନୁଆରୀ ୧୬ ତାରିଖରେ ଖଣ୍ଡଗିରି ନିକଟସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଞ୍ଚ ଦିନିଆ ୨୩ତମ ବାର୍ଷିକ [illegible]

ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ କହିଲେ ଯେ ଅଭିଭାବକମାନେ ପିଲାମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପ୍ରତି ଧ୍ୟାନ ଦେବା ଉଚିତ । ଶ୍ରୀ ଅରବିନ୍ଦଙ୍କ ଜୀବନରେ ଆଧ୍ୟାତ୍ମିକ ଓ ଶାରୀରିକ ବିକାଶ ଦର୍ଶନ ରହିଛି । ସେହି ମହାପୁରୁଷଙ୍କ ଆଦର୍ଶକୁ ପାଥେୟ କରି ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ା ହେବା ଉଚିତ । ଆମ ରାଜ୍ୟରେ ଶତକଡ଼ା ୬୦ ଭାଗ ଲୋକ ନିରକ୍ଷର ଥିବା ଯୋଗୁ ମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରି ଶିକ୍ଷା କିପରି ମଣିଷ ତିଆରି କରିବ ସେଥିପ୍ରତି ଉଦ୍ୟମ କରିବା ଉଚିତ ବୋଲି କହିଥିଲେ ।

ଶ୍ରୀ ମାଝୀ କହିଲେ ଯେ ଆମ ରାଜ୍ୟରେ ୪୦,୦୦୦ ପ୍ରାଥମିକ ସ୍କୁଲ, ୧୦,୦୦୦ ମାଧ୍ୟମିକ ସ୍କୁଲ ଓ ୬,୦୦୦ ହାଇସ୍କୁଲ, ୧,୧୦୦ କଲେଜ ଏବଂ ୬ଟି ବିଶ୍ୱବିଦ୍ୟାଳୟ ସହ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୪୦ଟି ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟମାନଙ୍କରେ ଶିକ୍ଷକ ଓ ଛାତ୍ର ସମ୍ପର୍କ ସାଧାରଣ ଶିକ୍ଷାନୁଷ୍ଠାନ ଅପେକ୍ଷା ଭିନ୍ନ । ଶିକ୍ଷା କିପରି ମନୁଷ୍ୟ ତିଆରି କରିପାରିବ ସେଥିପାଇଁ ଉଦ୍ୟମ କରିବା ଉଚିତ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିର୍ଦ୍ଦେଶକ ଶ୍ରୀ ରବି ନାରାୟଣ ସେନାପତି କହିଲେ ଯେ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ପ୍ରଣାଳୀ ଶିଶୁର, ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସମନ୍ୱୟ ରକ୍ଷା କରାଏ । ଶୃଙ୍ଖଳା କ୍ଷେତ୍ରରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଭୂମିକା ପ୍ରଶଂସନୀୟ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଶ୍ରୀ ବିମଳ ଦାସ ଅଧ୍ୟକ୍ଷତା କରିଥିଲେ ।

ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଶେଷରେ ଧନ୍ୟବାଦ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏହି ଅବସରରେ ମନୋଜ୍ଞ ଶାରୀରିକ କ୍ରୀଡ଼ା କୌଶଳ, ନୃତ୍ୟ ଓ ନୃତ୍ୟାଭିନୟ ପ୍ରଦର୍ଶନ କରାଯାଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାରେ ସିନିୟର ବାଳିକା ବିଭାଗର ଶ୍ୱେତପଦ୍ମା ମହାନ୍ତି ଏବଂ ସିନିୟର ବାଳକ ବିଭାଗର ଚିନ୍ମୟ ପଣ୍ଡା ଚମ୍ପିଆନ ହୋଇଥିଲେ ଏବଂ ଏହାଛଡ଼ା ଅନ୍ୟାନ୍ୟ ୮ଟି ବିଭାଗରେ ଚମ୍ପିଆନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ମାଝୀ ପୁରସ୍କୃତ କରିଥିଲେ ।

ଆଦିବାସୀ ମହିଳା ଉପଦେଷ୍ଟାମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ସମ୍ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏଠାରେ ତାଙ୍କର ଆଦିବାସୀ ମହିଳା-ଉପଦେଷ୍ଟାମାନଙ୍କ ସହ ଆଲୋଚନା ସମୟରେ ଆଦିବାସୀ-ଅଧ୍ୟୁଷିତ ଅଞ୍ଚଳର ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ବିଶେଷ ତାଲିମ ଦିଆଯିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା ପରେ ଅଫିସରମାନଙ୍କୁ ନିର୍ବାଚିତ ପ୍ରତିନିଧିମାନଙ୍କ ଅଧୀନରେ କାମ କରିବାକୁ ପଡ଼ିବ । ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ, ନବୀକରଣ ଓ ଅତ୍ୟାବଶ୍ୟକ ସାମଗ୍ରୀର ବଣ୍ଟନ ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ ତୁଲାଇବାକୁ ପଡୁଥିବାରୁ ସେମାନଙ୍କୁ ବ୍ଲକ୍ ସ୍ତରରେ ଉପଯୁକ୍ତ ତାଲିମ ଦିଆଗଲେ ସମ୍ପୃକ୍ତ ଅଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବିଶେଷତଃ ଆଦିବାସୀବହୁଳ ଇଲାକାରେ ଜବାହର ରୋଜଗାର ଯୋଜନା ଓ ସମନ୍ୱିତ ଶିଶୁବିକାଶ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ସରକାରୀ ନିର୍ଦ୍ଦେଶନାମାର ପ୍ରତିଲିପି ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇ ବହୁ ସଂଖ୍ୟାରେ ବାଣ୍ଟିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ଏସବୁ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଏଲୋପ୍ୟାଥିକ ଡାକ୍ତରମାନଙ୍କ ସାଙ୍ଗକୁ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ଡାକ୍ତରମାନଙ୍କୁ ଅବସ୍ଥାପିତ କରାଯିବା ଉଚିତ ।

କାଶୀପୁର ଅଞ୍ଚଳର ଡଙ୍ଗର ଜମି କେବଳ ଆଦିବାସୀ ମହିଳାମାନଙ୍କ ନାମରେ ପଟ୍ଟା ଦେବା କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳରେ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆଦିବାସୀ ବାଳକବାଳିକାମାନେ ଦିନତମାମ କ୍ଷେତ ଓ ଅନ୍ୟାନ୍ୟ କାମରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କର ଶିକ୍ଷା ପାଇଁ ନୈଶ ବିଦ୍ୟାଳୟମାନ ସ୍ଥାପନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଏହାଛଡ଼ା ଅବିଭକ୍ତ କଳାହାଣ୍ଡି, କୋରାପୁଟ ଓ ଫୁଲବାଣୀ ପ୍ରଭୃତି ଜିଲ୍ଲାରେ ପ୍ରଚୁର ଉତ୍ପାଦିତ ହେଉଥିବା ଅଳସୀରୁ ତେଲ ବାହାର କରିବାପାଇଁ ପଞ୍ଚାୟତ ସ୍ତରରେ ଛୋଟ ଛୋଟ ତେଲକଳ ବସାଇବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଆଦିବାସୀମାନେ ଅଳସୀର ଉଚିତ ମୂଲ୍ୟ ପାଇପାରିବେ ।

ଆଲୋଚନା ସମୟରେ ଉପଦେଷ୍ଟାମାନେ ନିଜ ନିଜ ଅଞ୍ଚଳରେ ସର୍ବନିମ୍ନ ମଜୁରୀ ଆଇନର ଖିଲାପ କରାଯାଉଥିବାର ନିର୍ଦ୍ଦିଷ୍ଟ ଅଭିଯୋଗମାନ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିଥିଲେ । ମୁଖ୍ୟମନ୍ତ୍ରୀ ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ସମ୍ପୃକ୍ତ ଅଫିସର ଓ ଠିକାଦାରମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ପୂର୍ବରୁ ଅଫିସରମାନଙ୍କ ସହ ଆଲୋଚନା କଲାବେଳେ ଉପଦେଷ୍ଟାମାନେ ଲଘୁବନଜାତ ଦ୍ରବ୍ୟର କାରବାର ପାଇଁ ମହିଳା ଗୋଷ୍ଠୀ ଗଠନ କରାଯାଇଥିଲେ ମଧ୍ୟ ଏହାର ପଞ୍ଜୀକରଣ ପାଇଁ ଦୀର୍ଘ ସମୟ ଲାଗୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଏହାର ପ୍ରତିକାର ବିଧାନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ଆଦିବାସୀ ମହିଳା ଉପଦେଷ୍ଟା ଶ୍ରୀମତୀ ସୁମନି ଝୋଡିଆଣୀ, ଶ୍ରୀମତୀ ଅକ୍ଷରୀ ମାଝୀ, ଶ୍ରୀମତୀ ମଞ୍ଜରୀ ମାଝୀ, ଶ୍ରୀମତୀ କୁମୁଦିନୀ କେର୍କେଟା, ଶ୍ରୀମତି ଶୁଭାନୀ ଡାକୁଆ, ଶ୍ରୀମତୀ କୁନ୍ତା ନାୟକ ଓ ଶ୍ରୀମତୀ ସୁରଜା ନାୟକ ଏବଂ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଅଧ୍ୟକ୍ଷା ଶ୍ରୀମତୀ କସ୍ତୁରିକା ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

ଶ୍ରୀ ପ୍ୟାରୀ ମୋହନ ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀମତୀ ଚନ୍ଦ୍ରମଣି ନାରାୟଣ ସ୍ୱାମୀ, ଗ୍ରାମ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀ ସହଦେବ ସାହୁ, ଜଙ୍ଗଲ ଓ ପରିବେଶ ବିଭାଗର ଶାସନ ସଚିବ ଶ୍ରୀ ଭାସ୍କର ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଶ୍ରୀ ଅରବିନ୍ଦ ବେହେରା, ପଞ୍ଚାୟତିରାଜ ନିର୍ଦ୍ଦେଶକ ଶ୍ରୀ ଏନ୍. ସାନ୍ୟାଲ, ସମାଜ କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ପତିତପାବନ ମହାପାତ୍ର, ଶ୍ରମ କମିଶନର ଶ୍ରୀ ବିନୟ ଭୂଷଣ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଶ୍ରୀ ଯୋଗେନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଶ୍ରୀ ବି. ସି. ଚୌଧୁରୀ, ରାଜ୍ୟ ମହିଳା ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଜି. ସୁବର୍ଣ୍ଣରାଣୀ ଓ ଆଇ. ସି. ଡି. ଏସ୍. ର ନିର୍ଦ୍ଦେଶିକା କୁମାରୀ ମୋନା ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

ଏକତା ଓ ସଦ୍‌ଭାବନା ସୃଷ୍ଟି କ୍ଷେତ୍ରରେ କ୍ରୀଡ଼ା ହିଁ ଉତ୍ତମ ମାଧ୍ୟମ

ଗତ ଜାନୁଆରୀ ମାସ ୫ ତାରିଖଠାରୁ ଓଡ଼ଗାଁରେ ଅନୁଷ୍ଠିତ ରଘୁନାଥ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନ ଉତ୍ସବରେ ଜାନୁଆରୀ ୨୪ ତାରିଖ ଦିନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କହିଲେ ଯେ ପରସ୍ପର ମଧ୍ୟରେ ଏକତା ଓ ସଦ୍‌ଭାବନା ସୃଷ୍ଟି ଦିଗରେ କ୍ରୀଡ଼ା ହିଁ ଉତ୍ତମ ମାଧ୍ୟମ । ବିଭିନ୍ନ ଭେଦଭାବ ଭୁଲି ଯୁବ ଖେଳାଳୀମାନେ ଖେଳୁଆଳି ମନୋବୃତ୍ତି ନେଇ କ୍ରୀଡ଼ା ପ୍ରଦର୍ଶନ କରିବାକୁ ସେ ପରାମର୍ଶ ଦେଇଥିଲେ ।

ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ନଅଟି ଦଳ ଅଂଶ ଗ୍ରହଣ କରିଥିଲେ । ଶ୍ରେଷ୍ଠ ବିଜେତା ଭାବେ ବ୍ରହ୍ମପୁର କ୍ରିକେଟ୍ ଦଳକୁ ମନ୍ତ୍ରୀ ଶ୍ରୀ ବେହେରା ସିଲ୍ଡ ପ୍ରଦାନ ସହ ଏକ ହଜାର ଟଙ୍କା ଫୁଲବାଣୀ କ୍ରିକେଟ୍ ଦଳକୁ ରନର୍ସ ଅପ୍ କପ୍ ପ୍ରଦାନ କରିବା ସହ ୫୦୧ ଟଙ୍କା ପ୍ରଦାନ କରିଥିଲେ ।

ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଶ୍ରୀ ଗୌରାଙ୍ଗ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଯନ୍ତ୍ରୀ, ବି. ଡି. ଓ. ଙ୍କ ସମେତ ବହୁ ସରକାରୀ କର୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ଆଇନ ମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ

ସମ୍ପ୍ରତି ଜାନୁଆରୀ ୨୫ ତାରିଖ ଦିନ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ମିଶ୍ର ଜିଲ୍ଲାର ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ପ୍ରତାପଗିରିଠାରେ ଶ୍ରୀଶ୍ରୀ ଜଗନ୍ନାଥ ଯୁବକ ସଂଘର ଲାଇବ୍ରେରୀ ଗୃହ ଉଦ୍‌ଘାଟନ କରି ଯୁବ ସମାଜ ବିଶେଷ କରି ଗ୍ରାମାଞ୍ଚଳର ଉନ୍ନତିରେ ବ୍ରତୀ ହେବା ସଙ୍ଗେ ସଙ୍ଗେ ଦେଶ ଗଠନ ଦିଗରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବରୁ ସେ ଏହି ଗ୍ରାମର ଜଗନ୍ନାଥ ମନ୍ଦିର ଓ ସାତପେ[illegible] ଗୋପାଳପୁରଠାରେ ଅବସ୍ଥିତ ସରକାରୀ ହାଇସ୍କୁଲ ପରିଦର୍ଶନ କରିଥିଲେ । ମନ୍ତ୍ରୀ ଶ୍ରୀ ମିଶ୍ର ଡାକବଡ଼ା ଶହୀଦ ହାଇସ୍କୁଲ[illegible] ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେ[illegible] ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବା ସଙ୍ଗେ ଉଚ୍ଚ[illegible] ଚରିତ୍ର ଗଠନ ସହ ମହା ମନିଷୀମାନଙ୍କର ଆଦର୍ଶରେ ଅନୁପ୍ରାଣି[illegible] ହୋଇ ଦେଶର ଟେକ ରଖିବାକୁ ଛାତ୍ର ସମାଜକୁ ପରାମ[illegible] ଦେଇଥିଲେ । ଏହି ଅବସରରେ ସେ କୃତୀ ଛାତ୍ର ଛାତ୍ରୀମାନ[illegible] ପୁରସ୍କାର ପ୍ରଦାନ କରିଥିଲେ । ସେ ଶେରଗଡ଼ଠାରେ ଲକ୍ଷ୍ମୀ[illegible] ନାରାୟଣ ମଠ, ଡାକବଡ଼ାଠାରେ ଗୋପୀନାଥ ମନ୍ଦିର ଓ ରାଧାକାନ୍ତ ମନ୍ଦିର ପରିଦର୍ଶନ କରି ଏହାର ପରିଚାଳନା ବିଷୟ ବୁଝିଥିଲେ ।

ଅପରାହ୍ନରେ ଆଇନ ମନ୍ତ୍ରୀ ଶ୍ରୀ ମିଶ୍ର ବୁଗୁଡ଼ା ସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ପରିଦର୍ଶନ କରିଥିଲେ । ସନ୍ଧ୍ୟାରେ ସେ ସ୍ଥାନୀୟ ଜନତା ମହାବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀର ସାଂସ୍କୃତି[illegible] ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ସମାଜକୁ ଉଦ୍‌ବୋଧନ ଦେଇଥିଲେ ।

ଆଇନ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କର ଏହି ପରିଦର୍ଶନ ଓ ବିଭି[illegible] କାର୍ଯ୍ୟକ୍ରମଗୁଡ଼ିକରେ କବିସୂର୍ଯ୍ୟ ନଗର ଓ ଜଗନ୍ନାଥ ପ୍ରସାଦ ବିଧାୟକ ଦ୍ୱୟ, ଦେବୋତ୍ତର କମିଶନର ଓ ଅନ୍ୟାନ୍ୟ ସରକାରୀ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଶିକ୍ଷା କର୍ମୀମାନେ ନିୟମିତ ଶିକ୍ଷକ ପଦକୁ ମନୋନୀତ ହେବେ

ପୂର୍ବରୁ ଶିକ୍ଷାକର୍ମୀମାନଙ୍କୁ ନିୟମିତ ରୂପେ ପଦୋନ୍ନତି ଦେବାକୁ ସରକାର ଯେଉଁ କଟକଣା ଜାରି କରିଥିଲେ ତାହାକୁ ବର୍ତ୍ତମାନ ଉଠାଇ ଦେଇଛନ୍ତି । ଏଣିକି ପ୍ରାଥମିକ ଶିକ୍ଷକ ପଦରେ ଶିକ୍ଷାକର୍ମୀମାନଙ୍କ ମଧ୍ୟରୁ ବଛାଯାଇ ପୂରଣ କରାଯିବ ବୋଲି ସରକାର ସ୍ଥିର କରିଛନ୍ତି ।

୩,୬୫୦ଟି ପ୍ରାଥମିକ ଶିକ୍ଷକ ପଦ ମାର୍ଚ୍ଚ ୯୪ ସୁଦ୍ଧା ପୂରଣ କରାଯିବ । ଏହା ମଧ୍ୟରୁ ୪୦୦ ପ୍ରାଥମିକ ବିଦ୍ୟାଳୟରେ ନୂଆକରି ସୃଷ୍ଟି ହୋଇଥିବା ୪୦୦ଟି ଶିକ୍ଷକ ପଦ, ୧୫୦ଟି ଉନ୍ନତଗ୍ରେଡ଼ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଓ. ବି. ଶିକ୍ଷକ[illegible] ୨,୬୭୦ଟି ଶିକ୍ଷକ ପଦ ଓ ଅବସର ଜନିତ ଖାଲିପଡ଼ିଥିବା ଏବଂ [illegible] ଶିକ୍ଷା ଜିଲ୍ଲାରେ ଖାଲିପଡ଼ିଥିବା ୪୫୦ଟି ଶିକ୍ଷକ ପଦ ପୂରଣ କରାଯିବ ବୋଲି ସ୍ଥିର ହେଉଛି । ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଥିବା ପଛୁଆ ଏବଂ ଆଦିବାସୀ ଜିଲ୍ଲାରେ ଅଗ୍ରାଧିକାର ଭିତ୍ତିରେ ଶିକ୍ଷକ ପଦ ପୂରଣ କରାଯିବ ।

୧୯୯୩-୯୪ରେ ରବିଚାଷ କାର୍ଯ୍ୟକ୍ରମ

ଚଳିତ ବର୍ଷ ଖରିଫ ଋତୁର ଶେଷ ପର୍ଯ୍ୟନ୍ତ ବର୍ଷା ହୋଇଥିବା ଯୋଗୁଁ ଜଳାଶୟ ତଥା କୂପଜ ଜଳଭଣ୍ଡାରଗୁଡ଼ିକରେ ପ୍ରଚୁର ପରିମାଣରେ ଜଳ ସଞ୍ଚିତ ହେବା ସଙ୍ଗେ ସଙ୍ଗେ ମାଟିର ଆର୍ଦ୍ରତା ବୃଦ୍ଧି ହେବ ବୋଲି ଆଶା ରହିଛି । ଏହାକୁ ଦୃଷ୍ଟିରେ

୧୯୯୨-୯୩ ରବିଋତୁ ଅପେକ୍ଷା ୧୯୯୩-୯୪ ରବି ଋତୁରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ଫସଲ ଅଧିକ ଜମିରେ ଚାଷ କରାଯାଇ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ସେଥିମଧ୍ୟରୁ ୨ ଲକ୍ଷ ୭୦ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇ ୬ ଲକ୍ଷ ୪୭ ହଜାର ମେଟ୍ରିକ୍ ଟନ୍ ଚାଉଳ, ୨୫ ହଜାର ହେକ୍ଟର ଜମିରେ ଗହମ ଚାଷ କରାଯାଇ ୫୦ ହଜାର ମେଟ୍ରିକ୍ ଟନ୍ ଗହମ, ୧୫ ଲକ୍ଷ ହେକ୍ଟର ଜମିରେ ଡାଲିଜାତୀୟ ଫସଲ ଚାଷ କରାଯାଇ ୮ ଲକ୍ଷ ମେଟ୍ରିକ୍ ଟନ୍ ଡାଲିଜାତୀୟ ଫସଲ, ୬ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ତୈଳବୀଜ ଜାତୀୟ ଫସଲ ଚାଷ କରାଯାଇ ୫ ଲକ୍ଷ ୯୪ ହଜାର ମେଟ୍ରିକ୍ ଟନ୍ ତୈଳବୀଜ ଜାତୀୟ ଫସଲ, ୬୫ ହଜାର ହେକ୍ଟର ଜମିରେ ଆଖୁଚାଷ କରାଯାଇ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଏବଂ ୨୩ ହଜାର ହେକ୍ଟର ଜମିରୁ ୨୮ ହଜାର ମେଟ୍ରିକ୍ ଟନ୍ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ ନିମନ୍ତେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ଯୋଗାଣ, ଆବଶ୍ୟକ ଅନୁଯାୟୀ ସାର ଯୋଗାଣ, ଉପଯୁକ୍ତ ବିହନ ଯୋଗାଣ, ଚାଷୀମାନଙ୍କୁ ଚାଷ ଓ ଶସ୍ୟ ଉତ୍ପାଦନ ସମ୍ପର୍କରେ ତାଲିମ ପ୍ରଦାନ ପ୍ରଭୃତି ବିଷୟରେ ଗୁରୁତ୍ୱ ଆରୋପ କରାଯାଇଛି ।

ଗତ ନଭେମ୍ବର ସୁଦ୍ଧା ଇନ୍ଦିରା ଆବାସ ଯୋଜନାରେ ୪,୮୦୭ଟି ଗୃହ ନିର୍ମିତ

ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ମାସ ସୁଦ୍ଧା ଇନ୍ଦିରା ଆବାସ ଯୋଜନାରେ ୪,୮୦୭ଟି ଗୃହ ନିର୍ମାଣ କରାଯାଇ ରାଜ୍ୟର ବାସହୀନ ଆଦିବାସୀ, ହରିଜନ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି ଏବଂ ୩,୫୭୮ଟି ଗୃହର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହି ଯୋଜନାରେ କେବଳ ଗତ ନଭେମ୍ବର ମାସରେ ୩୪୦ଟି ଗୃହ ନିର୍ମାଣ କରାଯାଇ ସମ୍ପୃକ୍ତ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି ।

ଏହି ଯୋଜନାରେ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୫୪୭-୯୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । କେବଳ ଗତ ନଭେମ୍ବର ମାସରେ ବିନିଯୋଗ କରାଯାଇଥିବା ୪୯-୪୭ ଲକ୍ଷ ଟଙ୍କା ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ଜଣାଯାଇଛି ।

ଜାତି ଓ ଧର୍ମକୁ ନେଇ ସୃଷ୍ଟି ହେଉଥିବା ଭେଦଭାବ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବାକୁ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ମାଝୀଙ୍କ ଆହ୍ୱାନ

ଗତ ୭-୧-୧୯୯୪ ତାରିଖରେ ସ୍ଥାନୀୟ ୨ ନମ୍ବର ୟୁନିଟ୍‌ସ୍ଥିତ ଅପର ପ୍ରାଇମେରୀ ସ୍କୁଲ ପ୍ରାଙ୍ଗଣରେ ସଦ୍‌ଭାବନା ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ କହିଲେ ଯେ ଭାଷା, ଧର୍ମ ଓ ଜାତିକୁ ନେଇ ଭେଦଭାବ ସୃଷ୍ଟି କରିବାଯୋଗୁ ଦେଶରେ ଅଶାନ୍ତି ଉପୁଜୁଛି । ଧର୍ମକୁ କେନ୍ଦ୍ରକରି କନ୍ଦଳ କରିବାଯୋଗୁ ଦେଶର ସଂହତି ପ୍ରତି ବିପଦ ଦେଖାଦେଇଛି । ବୈଶ୍ୱୁଧୈବ କୁଟୁମ୍ବକମ୍ ନୀତିରେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଉପରେ ଶ୍ରୀ ମାଝୀ ଗୁରୁତ୍ୱ ଆରୋପ କରିଥିଲେ ।

ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ତଥା ସର୍ବୋଦୟ ନେତା ଶ୍ରୀ ଏସ୍‌: ଏନ୍‌: ସୁବାରାଓ କହିଲେ ଯେ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀର ଅଭିବୃଦ୍ଧି ଏବଂ ଯୁବ ପରିଚାଳନା କୌଶଳ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ । ୧୯୯୪ ବର୍ଷରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ବିଭିନ୍ନ ସ୍ଥାନରେ ସଦ୍‌ଭାବନା ପରିଷଦ ଗଠନ କରି ସେଥିରେ ଶିକ୍ଷକ, ସମାଜସେବୀ, ଓକିଲ, ମହିଳା, ଡାକ୍ତର ଓ ବ୍ୟବସାୟୀମାନେ ଯୋଗଦେବା ଉଚିତ ବୋଲି ଶ୍ରୀ ସୁବାରାଓ ମତ ଦେଇଥିଲେ ।

ସଦ୍‌ଭାବନା ପ୍ରତିନିଧି ଦଳରେ ୨୫୦ ଜଣ ଛାତ୍ରଛାତ୍ରୀ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ସାଇକେଲ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଦେଶର ପ୍ରତ୍ୟେକ ଭାଗରେ ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ ଓ ବିନୋବାଜୀଙ୍କ ଆଦର୍ଶ ପହଞ୍ଚାଇବାକୁ ଏହି ପ୍ରତିନିଧିଦଳ ଦେଶର ୧୦୩ଟି ସହର ପରିକ୍ରମା କରୁଛନ୍ତି । ସଦ୍‌ଭାବନା ଯାତ୍ରାରେ ଆସିଥିବା ବିଭିନ୍ନ ପ୍ରଦେଶର ପ୍ରତିନିଧିମାନେ ନିଜ ନିଜ ରାଜ୍ୟର ଭାଷାରେ ଧ୍ୱନୀ ଦେଇଥିଲେ ।

କାଉନସିଲର ଶ୍ରୀ ସୌମ୍ୟ ରଞ୍ଜନ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ସାମ୍ବାଦିକ ସର୍ବଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ, ରବି ନାରାୟଣ ମହାନ୍ତି ଓ ଅଜିତ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀ ବାଙ୍କ ବିହାରୀ ଦାସ, ସି: ୱାଇ: ଏସ୍‌: ଡି:ର ମୁଖ୍ୟ ଶ୍ରୀ ଜଗଦାନନ୍ଦ ମହାନ୍ତି, କାଉନସିଲର ଶ୍ରୀ ପଦ୍ମନାଭ ଦାସ ପ୍ରମୁଖ ଯୋଗଦେଇ ସାମ୍ପ୍ରଦାୟିକତା ବିରୁଦ୍ଧରେ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ ।

ପ୍ରାରମ୍ଭରେ ଶ୍ରୀ ବନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଯୁବ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ମୋବାଇଲ୍ ଲାବୋରେଟରୀ ଭ୍ୟାନ୍ ଉଦ୍‌ଘାଟିତ

ପେଟ୍ରୋଲ୍ ଓ ପେଟ୍ରୋଲ୍‌ଜାତ ଅପମିଶ୍ରଣ ଯାଞ୍ଚ୍ କରିବା ନିମନ୍ତେ ଏକ ମୋବାଇଲ୍ ଲାବୋରେଟରୀ ଭ୍ୟାନକୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଗତ ଜାନୁଆରୀ ୮ ତାରିଖ ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି । ଏହି ଭ୍ୟାନଟି ଭାରତୀୟ ତୈଳ କମ୍ପାନୀ ତରଫରୁ କେନ୍ଦ୍ର ପେଟ୍ରୋଲ୍ ଇଞ୍ଜିନିୟରିଂ ବିଭାଗ ନିର୍ମାଣ କରିଛନ୍ତି ।

ଏହି ଉପଲକ୍ଷେ ସ୍ଥାନୀୟ ରାଜପଥ ପେଟ୍ରୋଲ୍ ପମ୍ପ ପରିସର ମଧ୍ୟରେ ଅନୁଷ୍ଠିତ ଏକ ଉତ୍ସବରେ ମନ୍ତ୍ରୀ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଆମ ରାଜ୍ୟରେ ପେଟ୍ରୋଲ୍ ଓ ପେଟ୍ରୋଲ୍‌ଜାତ ଦ୍ରବ୍ୟର ଅପମିଶ୍ରଣ ଯାଞ୍ଚ୍ କରିବା ନିମନ୍ତେ କୌଣସି ପ୍ରକାର ସୁବିଧା ନଥିବା ଯୋଗୁଁ ଏଥିପାଇଁ ଅନ୍ୟ ରାଜ୍ୟକୁ ପଠାଯାଇ ପରୀକ୍ଷା କରାଯାଉଥିଲା ଏବଂ ଏହାର ରିପୋର୍ଟ ମିଳିବାରେ ବହୁ ବିଳମ୍ବ ଘଟୁଥିଲା । ଏହି ଭ୍ୟାନ୍ ଉଦ୍‌ଘାଟିତ ହେବା ଫଳରେ ଉପରୋକ୍ତ ସମସ୍ୟା ଦୂର ହୋଇପାରିବ ବୋଲି ଆଶା ପ୍ରକାଶ କରି ରାଜ୍ୟ ସରକାରଙ୍କ ତରଫରୁ ଅନୁରୂପ ଏକ ଭ୍ୟାନ୍ ତିଆରି କରାଯିବାର କାର୍ଯ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିଲେ ।

ଏହି ଉତ୍ସବରେ ରାଜ୍ୟସ୍ତରୀୟ ସଂଯୋଜକ ମିଃ ରାମଚ[ନ୍ଦ୍ର] ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖା[ଦ୍ୟ] ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଦନ ମୋହନ ପଣ୍ଡା ସମେତ ଭାରତୀୟ ପେଟ୍ରୋଲିୟମ୍ ଓ ଭାରତୀୟ ତୈଳ କମ୍ପାନୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।




ରାଜଭବନଠାରେ ଶ୍ରୀ ଅନନ୍ତ ଦତ୍ତଙ୍କ ନେତୃତ୍ୱରେ ଆସିଥିବା ସଂସଦୀୟ କମିଟିର ପ୍ରତିନିଧିମାନଙ୍କ ସହ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଆଲୋଚନା କରୁଛନ୍ତି ।

OGP—MP—PTS (I& P R) 68—6,000—28.2.94

ଶହୀଦ ଦିବସ ଅବସରରେ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ, ମୁଖ୍ୟ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ବିଧାନ ସଭା ପରିସର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପଗୁଚ୍ଛ ଅର୍ପଣ କରୁଛନ୍ତି ।

ସୂଚନା ଭବନଠାରେ ଆୟୋଜିତ ଚଖି ଖୁଣ୍ଟିଆଙ୍କ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ଅଭିଭାଷଣ ।

VOL. L No. 7 UTKAL PRASANGA Regd. No. O—BN—05/90
Licence No. C R N.P. 5—Licensed to post without Pre-payment




ଭୁବନେଶ୍ୱରଠାରେ ଆୟୋଜିତ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଲୋକସଭା ବାଚସ୍ପତି ଶ୍ରୀ ଶିବରାଜ ପାଟିଲ ଉଦ୍‌ବୋଧନ ଦେଉଛନ୍ତି ।



ଭୁବନେଶ୍ୱରଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ବୀର ସୁରେନ୍ଦ୍ର ସାଏ ସ୍ମୃତି ସଂସଦ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ର ନିକଟରେ ପୁଷ୍ପଗୁଚ୍ଛ ଅର୍ପଣ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-753010





ଉତ୍କଳ ପ୍ରସଙ୍ଗ

ମାର୍ଚ୍ଚ ୧୯୯୪